

**ମୃଣାଳଙ୍କ ପ୍ରେମରେ ଧନୁଷ**

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-46 ◆SATURDAY ◆9 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୬ ◆ଶନିବାର ◆୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ୧୦ ଗ୍ରାମ ପିଛା ୧.୦୨ ଲକ୍ଷ ଉପରେ ସୁନା ଦର

■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦%ର ଭାରି ଶୁଳ୍କ ଲାଗୁ କରିବା ପରେ ଘରୋଇ ବଜାରରେ ସୁନା ମୂଲ୍ୟ ଏକ ନୂତନ ଶିଖର ଛୁଇଁଛି। ଶୁଳ୍କ ଲାଗୁର ତତ୍‌କ୍ଷଣାତ୍ ଏହାର ପ୍ରଭାବ ସ୍ୱରୂପ ଶୁକ୍ରବାର ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଯାହାଫଳରେ ରକ୍ଷାବନ୍ଧନ ପୂର୍ବରୁ ସୁନା ମୂଲ୍ୟ ଏଭଳି ଶୀର୍ଷ ସ୍ତରରେ ପହଞ୍ଚିଛି। ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଆଜି ବଜାରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧,୦୨,୫୦୦ ଟଙ୍କାରେ ପହଞ୍ଚିଛି। ଏହାବାଦ୍ ଗତ ୮ ମାସ ମଧ୍ୟରେ ବଜାରରେ ସୁନା ୨୫ ହଜାର ମହଙ୍ଗା ହୋଇଛି। ଅନ୍ୟପକ୍ଷରେ, ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୧୭,୦୦୦ ଟଙ୍କାରେ କାରବାର ହେଉଛି। ଗୁରୁବାର ଏହା କିଲୋ ପିଛା ୧,୧୪,୫୦୫ ଟଙ୍କା ପ୍ରତି କିଲୋଗ୍ରାମ ରହିଲା। ଗତ ଦୁଇ ଦିନ ମଧ୍ୟରେ ରୁପା ମୂଲ୍ୟରେ ୨୫୦୦ ଟଙ୍କାରୁ ଅଧିକ ବୃଦ୍ଧି ପାଇଛି।






## ଭାରତରୁ ଅର୍ଡର ବନ୍ଦ କଲେ ୱାଲ୍‌ମାର୍ଟ, ଆମାଜନ୍

■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଭାରତ ଉପରେ ପଡିଛି ଟ୍ରମ୍ପ୍ ଶୁଳ୍କର ପ୍ରଭାବ। ଆମେରିକା ୫୦% ଶୁଳ୍କ ଲାଗୁ କରିବା ପରେ ୱାଲମାର୍ଟ, ଆମାଜନ୍, ଟାର୍ଗେଟ୍ ଓ ଗ୍ୟାପ୍ ଭଳି ପ୍ରମୁଖ ଆମେରିକୀୟ ରିଟେଲ ବିକ୍ରେତା ଭାରତରୁ ଆସୁଥିବା ଅର୍ଡରଗୁଡିକୁ ଏବେ ସ୍ଥଗିତ ରଖିଛନ୍ତି। ତେବେ ଭାରତୀୟ ରପ୍ତାନିକାରୀ ପୂର୍ବରୁ ଜାଣିଥିଲେ ଯେ, ଶୁଳ୍କ ବଢିଲେ ସେମାନଙ୍କ ଅର୍ଡର ପ୍ରଭାବିତ ହେବ। ରିପୋର୍ଟ ଅନୁସାରେ ଭାରତୀୟ ରପ୍ତାନିକାରୀଙ୍କୁ ଆମେରିକୀୟ କ୍ରେତାଙ୍କଠାରୁ ଏ ସମ୍ପର୍କରେ ପତ୍ର ଓ ଇ-ମେଲ ମିଳିଛି। ଏଥିରେ କୁହାଯାଇଛି ଭାରତୀୟ ରପ୍ତାନୀକାରୀ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ କପଡ଼ା ରପ୍ତାନି ରୋକିଦିଅନ୍ତୁ। ତେବେ ଶୁଳ୍କ ଯୋଗୁଁ ବଢୁଥିବା ବ୍ୟୟ ଭାର ଭାରତୀୟ ରପ୍ତାନିକାରୀ ବହନ କରନ୍ତୁ ବୋଲି ଆମେରିକୀୟ କମ୍ପାନୀ ଚାହୁଁଛନ୍ତି। ଆମେରିକାରେ ବିକ୍ରି ହେଉଥିବା ସାମଗ୍ରୀଗୁଡିକର ମୂଲ୍ୟ ୩୦ରୁ ୩୫% ବଢିଯିବ ବୋଲି ଆକଳନ କରାଯାଉଛି। ଭାରତର ୱେଲସ୍ପନ ଲିଭିଂ, ଗୋକଲଦାସ ଏକ୍ସପୋର୍ଟସ୍, ଇଣ୍ଡୋ କାଉଣ୍ଟ ଓ ଟ୍ରାଇଡେଣ୍ଟ ଭଳି ପ୍ରମୁଖ ରପ୍ତାନୀକାରୀ ସଂସ୍ଥା ଆମେରିକାରେ ୪୦ରୁ ୭୦% ପର୍ଯ୍ୟନ୍ତ ଉତ୍ପାଦ ବିକ୍ରି କରୁଛନ୍ତି। କୁହାଯାଉଛି ଆମେରିକା ଯାଉଥିବା ଅର୍ଡର ଏବେ ସ୍ଥଗିତ ହେବା ଯୋଗୁଁ ବାଣିଜ୍ୟରେ ୪୦ରୁ ୫୦% ହ୍ରାସ ହୋଇପାରେ। ଉଲ୍ଲେଖଯୋଗ୍ୟ, ଭାରତରୁ ବହୁମାତ୍ରାରେ କପଡ଼ା ଆମେରିକା ରପ୍ତାନୀ ହୋଇଥାଏ। ଟାରିଫ ଯୋଗୁଁ ଏହି ସବୁ ଅର୍ଡର ବାଂଲାଦେଶ ବା ଭିଏତ୍‌ନାମକୁ ଚାଲିଯାଇପାରେ।

### ଖରିଫ୍‌ରେ ଜଟିଳ ଚାଷୀ ପଞ୍ଜୀକରଣ ବ୍ୟବସ୍ଥା

# ଚାଷୀଙ୍କୁ ଅଡୁଆ 'ପୂର୍ବପୁରୁଷ'

■ **ଭୁବନେଶ୍ୱର, ୮।୮ (ସମିସ):** ଖରିଫ ଧାନ ବିକ୍ରି ନିମନ୍ତେ ପଞ୍ଜିକରଣରେ ଜଟିଳ ବ୍ୟବସ୍ଥା ଚାଷୀଙ୍କ ପାଇଁ ସୃଷ୍ଟିକରିଛି ସମସ୍ୟା। ଜମିପଟ୍ଟାରେ ବାପା-ଜେଜେବାପାଙ୍କ ନାମ ରହିଥିବାରୁ ପଞ୍ଜିକରଣ କରିବାରୁ ଚାଷୀମାନେ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରକାର ସରଳ ସୂତ୍ର ବାହାର କରିବା ପରିବର୍ତ୍ତେ ଯେଉଁ ସାନି ବ୍ୟବସ୍ଥା କରିଛନ୍ତି ତାହା ପୂର୍ବଠାରୁ ଅଧିକ ଜଟିଳ। ଚାଷୀମାନେ ପଞ୍ଜିକରଣ ନିମନ୍ତେ ସ୍ୱ-ଘୋଷଣାନାମା (ସେଲ୍ଫ ଡିକ୍ଲାରେସନ) ଦେଇ ପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ମାତ୍ର ଏହି ସ୍ୱ-ଘୋଷଣାନାମାରେ ଜମିର ସମସ୍ତ ଅଂଶୀଦାରଙ୍କ ଆଧାର ନମ୍ବର, ଦସ୍ତଖତ ବାଧ୍ୟତାମୂଳକ କରାଯାଇଛି। ତିନି ଚାରି ପିଢ଼ିର ସମସ୍ତ ଅଂଶୀଦାରଙ୍କ ନାମ, ଆଧାର,

**କମ୍ ଧାନ କିଣିବାକୁ ସରକାରୀ ଷଡ଼ଯନ୍ତ୍ର !**

ଦସ୍ତଖତ ସହ ପଞ୍ଜିକରଣ ବ୍ୟବସ୍ଥା ଚାଷୀଙ୍କ ପାଇଁ ଅସମ୍ଭବ ହୋଇ ପଡ଼ିଛି। ଏକପକ୍ଷରେ ନିଜ ପେଟପାଟଣା ପାଇଁ ବାହାରେ ରହୁଥିବା ପରିବାରର ପିଲାମାନଙ୍କ ଦସ୍ତଖତ ସଂଗ୍ରହ କରିବା ମୁସ୍କିଲ ବ୍ୟାପାର, ଅନ୍ୟପକ୍ଷରେ ଅନେକ କ୍ଷେତ୍ରରେ ତିକ୍ତ ପାରିବାରିକ ସମ୍ପର୍କ ଯୋଗୁଁ ପଞ୍ଜିକରଣରେ ଦସ୍ତଖତ କରିବାରେ ଅଂଶୀଦାରମାନଙ୍କ ଅନାଗ୍ରହ ଚାଷୀଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ଫଳରେ ଚାଷୀଙ୍କ ପାଇଁ ସ୍ୱ-ଘୋଷଣାନାମା ଦେବା ଏକପ୍ରକାର ଅସମ୍ଭବ ହୋଇଛି ଓ ପୂର୍ବାପେକ୍ଷା ପଞ୍ଜିକରଣ ସଂପୂର୍ଣ୍ଣ ଧୀମା ହୋଇଯାଇଛି। ବ୍ୟବସ୍ଥାର ସରଳୀକରଣ ନେଇ ଚାଷୀମାନେ ବାରମ୍ବାର ଦାବି କରୁଥିଲେ ହେଁ ତାହା କର୍ଣ୍ଣପାତ କରୁନାହାନ୍ତି। ତେଣୁ ଖରିଫରେ ଚାଷୀଙ୍କ ଠାରୁ କମ୍ ଧାନ କିଣିବାକୁ ସରକାର ବ୍ୟବସ୍ଥାଗତ ଷଡ଼ଯନ୍ତ୍ର କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ପୂର୍ବ ସରକାର ସମୟରେ ପଞ୍ଜିକରଣ ଓ ଋଣ ପ୍ରଦାନ ସମୟରେ ଏପରି ଜଟିଳ ବ୍ୟବସ୍ଥା ନ ଥିଲା। ମାତ୍ର ଏବେ ସରକାରୀ କଟକଣା ଯୋଗୁଁ ଚାଷୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପଟେ ଜମି ପଟ୍ଟା ସଂଶୋଧନ କାର୍ଯ୍ୟ ଚାଲିଥିଲେ ବି ଭଉଣୀ (ପରିବାରର କନ୍ୟାସନ୍ତାନ)ଙ୍କ ନାମକୁ ଏଥିରେ ସାମିଲ କରାଯିବାକୁ ନେଇ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ଅନେକ ଲୋକ ପଟ୍ଟା ସଂଶୋଧନ କରିପାରି ନାହାନ୍ତି। ▶ପୃଷ୍ଠା-୭

# ଆୟକର ବିଲ୍ ପ୍ରତ୍ୟାହୃତ

### ୧୧ରେ ଲୋକସଭାରେ ଆସିବ ସଂଶୋଧିତ ବିଲ୍

■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଲୋକସଭାରୁ ଆୟକର ବିଲ୍ ୨୦୨୫କୁ ପ୍ରତ୍ୟାହାର କରିନେଇଛନ୍ତି। ବିଲ୍ ଯାଞ୍ଚ ପାଇଁ ଗଠିତ ସିଲେକ୍ଟ କମିଟିର ରିପୋର୍ଟ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବିଲ୍ ଫେବୃଆରୀରେ ଲୋକସଭାରେ ଆଗତ କରାଯାଇଥିଲା। କୁହାଯାଉଛି ଯେ ଅଗଷ୍ଟ ୧୧ ରେ ଲୋକସଭାରେ ନୂତନ ବିଲ୍ ଆଗତ କରାଯିବ। କେନ୍ଦ୍ର ସରକାର ଫେବୃଆରୀ ୧୩ ରେ ଲୋକସଭାରେ ଆୟକର ବିଲ୍ ୨୦୨୫ ଆଗତ କରିଥିଲେ। ବିଲ୍ ଯାଞ୍ଚ ପାଇଁ ୩୧ ସଦସ୍ୟ ବିଶିଷ୍ଟ ସିଲେକ୍ଟ କମିଟି ଗଠନ କରାଯାଇଥିଲା। କମିଟି ବିଲ୍ ଯାଞ୍ଚ କରି ୨୮୫ଟି ପରାମର୍ଶ ଦେଇଥିଲା। କମିଟି ୨୧ ଜୁଲାଇ ୨୦୨୫ରେ ଲୋକସଭାରେ ଏହାର ରିପୋର୍ଟ ଦାଖଲ କରିଥିଲା। କେନ୍ଦ୍ର ସରକାର ସିଲେକ୍ଟ କମିଟିର ପ୍ରାୟ ସମସ୍ତ ସୁପାରିସକୁ ଗ୍ରହଣ କରିଛନ୍ତି।

**ସିଲେକ୍ଟ କମିଟି ରିପୋର୍ଟ ଆଧାରରେ ନିଷ୍ପତ୍ତି**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶୁକ୍ରବାର ଲୋକସଭାରେ ଆୟକର ବିଲ୍, ୨୦୨୫ ପ୍ରତ୍ୟାହାର କରି କହିଛନ୍ତି କମିଟିର କିଛି ପରାମର୍ଶକୁ ସଠିକ୍ ଆଇନଗତ ଅର୍ଥ ଦେବା ପାଇଁ ନୂଆ ବିଲ୍‌ରେ ସାମିଲ କରାଯିବା ଆବଶ୍ୟକ। ସିଲେକ୍ଟ କମିଟି ଦ୍ୱାରା ପରାମର୍ଶିତ ପରିବର୍ତ୍ତନଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପରେ ସରକାର ବିଲ୍‌କୁ ଏକ ନୂତନ ରୂପରେ ଆଣିବେ। କୁହାଯାଉଛି ଯେ ବିଲ୍‌ର ନୂତନ ସଂସ୍କରଣ ଅଗଷ୍ଟ ୧୧ରେ ଲୋକସଭାରେ ଉପସ୍ଥାପନ କରାଯିବ। ବିଲ୍‌ର ବିଭିନ୍ନ ସଂସ୍କରଣ ଯୋଗୁଁ ଦ୍ୱନ୍ଦ୍ୱ ଏଡାଇବା ଏବଂ ସମସ୍ତ ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ କରି ଆୟକର ବିଲ୍‌ର ନୂତନ ସଂସ୍କରଣ ସୋମବାର ଗୃହରେ ବିଚାର ପାଇଁ ଆଗତ କରାଯିବ, ଯାହା କମିଟି ତା'ର ରିପୋର୍ଟରେ କହିଛି।

# ଏମ୍ସରେ ନିଯୁକ୍ତି ଜାଲିଆତି

**୫ ସ୍ଥାନରେ ସିବିଆଇ ଚଢ଼ଉ; ୩ ଅଟକ**

■ **ଭୁବନେଶ୍ୱର, ୮।୮ (ସମିସ):** ଏମ୍ସରେ ଜାଲିଆତି କରି ଚାକିରି କରିବା ଘଟଣାରେ ସିବିଆଇ ଶୁକ୍ରବାର ଭୁବନେଶ୍ୱର ସମେତ ଜଗତସିଂହପୁର ଜିଲ୍ଲାର ଏକାଧିକ ସ୍ଥାନରେ ଚଢ଼ଉ କରିଛି। ୮ ଘଣ୍ଟା ଧରି ସିବିଆଇର ୧୫ଟି ଟିମ୍ ଚଢ଼ଉ କରି ଏକାଧିକ ଗୁରୁତପୂର୍ଣ୍ଣ ଦସ୍ତାବିଜ୍ ଏବଂ ଡିଜିଟାଲ ପ୍ରମାଣ ଜବତ କରିବା ସହ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଏମ୍ସରେ ଠିକା ସଂସ୍ଥା ନିଜ ସମ୍ପର୍କୀୟଙ୍କ ନାମରେ ଜାଲ୍ ଦସ୍ତାବିଜ୍ ବାହାର କରି ଚାକିରି କରାଯାଇଥିବା ଏମ୍ସ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ ଏନେଇ ସିବିଆଇକୁ ଚିଠି କରି ▶ପୃଷ୍ଠା-୭

**ଏମ୍ସର ଅଭିଯୋଗ ପରେ ୬ଜଣଙ୍କ ନାମରେ ମାମଲା ରୁଜୁ**

**ପ୍ରଶାସନିକ ଅଧିକାରୀ ସହ ମିଶି ଶ୍ରୁତି କରିଥିଲେ ଜାଲିଆତି**

**ଜାଲ୍ ମେଡିକାଲ ପ୍ରମାଣପତ୍ର ଦାଖଲ କରି ଚାକିରି କରିଥିଲେ**




# ସ୍କିମାଟିକ୍ ଶିକ୍ଷକଙ୍କୁ ଧକ୍କା

### ପ୍ରସ୍ତାବ ପ୍ରତ୍ୟାହାର କଲା ଗଣଶିକ୍ଷା ବିଭାଗ

■ **ଭୁବନେଶ୍ୱର, ୮।୮ (ସମିସ):** ମାତ୍ର ସପ୍ତାହେ ମଧ୍ୟରେ ସ୍କିମାଟିକ୍ ଶିକ୍ଷକଙ୍କୁ ଲାଗିଛି ବଡ଼ ଧକ୍କା। ମଉଳି ଯାଇଛି ସେମାନଙ୍କର ଚାକିରି ନିୟମିତ ହେବାର ଆଶା। ସ୍କିମାଟିକ୍ ଶିକ୍ଷକମାନଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସ୍ତାବକୁ ପ୍ରଥମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୱେବସାଇଟ୍‌ରୁ ଉଡ଼ାଇ ଦିଆଯାଇଥିଲା। ଏବେ ଆନୁଷ୍ଠାନିକ ଭାବରେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ସରକାର ଶୁକ୍ରବାର ପ୍ରତ୍ୟାହାର କରି ନେଇଛନ୍ତି। ନିୟମିତ କରିବାର ଆଶା ଦେଖାଇ ସରକାର ସେମାନଙ୍କୁ ପ୍ରତାରିତ କରିଛନ୍ତି ଓ ୧୬୦୦୦ ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲି ଯାଇଛି ବୋଲି ସ୍କିମାଟିକ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ରାଜ୍ୟରେ ଶିକ୍ଷକ ନିଯୁକ୍ତି, ସ୍କିମାଟିକ୍ କନିଷ୍ଠ ଶିକ୍ଷକ ପଦ ଉଚ୍ଛେଦ, ନିୟମିତ ଶିକ୍ଷକ ନିଯୁକ୍ତି ପରି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବସିଥିବା ବୈଠକର ସାରାଂଶ ସମ୍ପର୍କରେ ଗତ ୨ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଥିଲା। ଗଣଶିକ୍ଷା ବିଭାଗର ୱେବସାଇଟ୍‌ରେ ଏହା ଅପଲୋଡ୍

**ଅନ୍ଧାରରେ ୧୬,୦୦୦ ଶିକ୍ଷକଙ୍କ ଭବିଷ୍ୟତ**

ମଧ୍ୟ ହୋଇଥିଲା। ସ୍କିମାଟିକ୍ ପଦକୁ ଉଚ୍ଛେଦ କରାଯାଇ ମାଧମିକ ଶିକ୍ଷକଙ୍କ ପରି ନିୟମିତ ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ପ୍ରସ୍ତାବ ରହିଥିଲା। ଫଳରେ ସ୍କିମାଟିକ୍ ଶିକ୍ଷକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ସ୍କିମାଟିକ୍ ଶିକ୍ଷକଙ୍କ ଏହି ଉତ୍ସାହ ଅଧିକ ଦିନ ▶ପୃଷ୍ଠା-୭

**ବୋମା ଭିଡ଼ିବା ବେଳେ ଅଘଟଣ**

# ବିସ୍ଫୋରଣରେ ଥରିଲା ଗାଁ; ଜଣେ ମୃତ

■ **ନିରାକାରପୁର/ଭୂଷଣ୍ଡପୁର, ୮।୮ (ସମିସ):** ପ୍ରଚଣ୍ଡ ବିସ୍ଫୋରଣରେ ଥରିଲା ଗାଁ। ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତ ହରିପୁର ଗ୍ରାମ ମାଝୀସାହିରେ ଗୁରୁବାର ଅପରାହ୍ଣରେ ଏପରି ଏକ ଅଘଟଣ ଘଟିଛି। ବୋମା ଭିଡ଼ିବା ବେଳେ ଗୋଟିଏ ଫାଟିଯିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ଗ୍ରାମର ରମେଶ ମହାପାତ୍ର (୩୭)। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୩ ବଖରା ଘରର ଛାତ ଉଡ଼ିଯାଇଛି। ଗତକାଲି ଏହି ଘଟଣା ଘଟିଥିବା ବେଳେ ଆଜି ପଦାକୁ ଆସିଛି। ସୂଚନାନୁଯାୟୀ, ବାରହ୍ମା ଶିକାର ପାଇଁ ▶ପୃଷ୍ଠା-୭



ଉଡ଼ିଗଲା ୩ ବଖରା

# ନିଅଣ୍ଟିଆ ବର୍ଷା, ସାର ଅଭାବ ବଢ଼ାଉଛି ଚିନ୍ତା

### ୧୩ ପରେ ବର୍ଷା ବଢ଼ିବ; ନିଅଣ୍ଟିଆ ଭରଣା ହେବନି

■ **ଭୁବନେଶ୍ୱର, ୮।୮ (ସମିସ):** ନିଅଣ୍ଟିଆ ବର୍ଷା ଏବଂ ସାରର ଅଭାବ ଏବେ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଇଛି। ନିଷ୍କ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବହୁ ମାତ୍ରାରେ ହ୍ରାସ ପାଇଥିବା ବେଳେ ଚାଷ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଛି। ଯେଉଁ ସ୍ଥାନରେ ରୁଆ ସରିଛି, ସେଠାରେ ପାଣିର ଅଭାବ ହେତୁ ତଳି ମରିବା ସ୍ଥିତି ସୃଷ୍ଟି ହୋଇଛି। ଏହାସହିତ ଅନେକ ସ୍ଥାନରେ ରୁଆ ବେଉଷଣ ପାଇଁ ପାଣିର ଅଭାବ ହେତୁ ଚାଷୀକୁଳ ବର୍ଷାକୁ ଅପେକ୍ଷା କରି ରହିଛି। ଏସବୁ ଭିତରେ ରାଜ୍ୟର ଚାଷୀମାନଙ୍କ ପାଇଁ ସାରର ଅଭାବ ବଡ଼ ସମସ୍ୟା ସୃଷ୍ଟି କରିଛି। ରୁଆ ପରେ ଧାନଗଛ ବୃଦ୍ଧି ପାଇଁ ସାରର ଆବଶ୍ୟକତା ରହୁଥିବା ବେଳେ ପ୍ରତି ଜିଲ୍ଲାରେ ସାର ଉପଲବ୍ଧ କରାଇବାରେ ସରକାର ବିଫଳ ହେଉଛନ୍ତି। ଫଳରେ ଚାଷୀଙ୍କ ପାଇଁ ବର୍ଷା ସାଙ୍ଗକୁ ସାର ସମସ୍ୟା ଚିନ୍ତା ବଢ଼ାଇଛି।

**ଜରୁରୀକାଳୀନ ପଦକ୍ଷେପ ନେବାକୁ ବିଶେଷଜ୍ଞଙ୍କ ପରାମର୍ଶ**

**ସାରର ଉପଲବ୍ଧତା ସୁନିଶ୍ଚିତ ନ କରାଇଲେ ସ୍ଥିତି ବିଗିଡ଼ିବ**

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ମୌସୁମୀ ନିଷ୍କ୍ରିୟ ରହିଛି। ଆସନ୍ତା ୧୩ରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ପରବର୍ତ୍ତୀ ▶ପୃଷ୍ଠା-୭



# ଦେଶ ବିଦେଶ



## ଦିଲ୍ଲୀରେ ଅଭିନେତ୍ରୀ ହୁମା କ୍ୟୁରେଶିଙ୍କ ଭାଇଙ୍କୁ ହତ୍ୟା



ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଦିଲ୍ଲୀର ନିଜାମୁଦ୍ଦିନ୍ ଅଞ୍ଚଳରେ ଜଣାଶୁଣା ବଲିଉଡ୍ ଅଭିନେତ୍ରୀ ହୁମା କ୍ୟୁରେଶିଙ୍କ ଦାଦା ପୁଅ ଭାଇ ଆସିଫଙ୍କୁ ହତ୍ୟା କରାଯାଇଛି। ଗୁରୁବାର ରାତି ୧୧ଟାରେ ଜଙ୍ଗପୁରା ଗଗୋଲ ଲେନ୍‌ରେ ଏହି ଆପରାଧିକ ଘଟଣା ଘଟିଛି। ଗାଡ଼ି ପାର୍କିଂ ବିବାଦକୁ ନେଇ ଦୁର୍ବୃତ୍ତମାନେ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ମେନ୍ ଗେଟ୍ ସାମ୍ନାରେ ସ୍କୁଟର୍ ରଖିବା ନେଇ ଆସିଫ୍ ଓ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ଆସିଫ୍‌ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଆସିଫଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିହାତି ମାମୁଲି ଘଟଣା ତଥା ସାମାନ୍ୟ ଯୁକ୍ତିତର୍କ ପାଇଁ ଆସିଫ୍‌ଙ୍କ ଉପରେ ଆକ୍ରମଣ କରାଯାଇଥିଲା ବୋଲି ତାଙ୍କ ପତ୍ନୀ ସାଇନା କ୍ୟୁରେଶି କହିଛନ୍ତି।

## ଚଳନ୍ତା ବସ୍ ଉପରେ ଗଛ ପଡ଼ି ୫ ମୃତ

ବାରାବଙ୍କୀ, ୮।୮(ଏଜେନ୍ସି): ଉତ୍ତରପ୍ରଦେଶର ବାରାବଙ୍କୀ ଜିଲ୍ଲାରେ ଏକ ଚଳନ୍ତା ବସ୍ ଉପରେ ଏକ ବଡ଼ ଗଛ ଭାଙ୍ଗି ପଡ଼ିବାରୁ ୫ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ୨ ଜଣ ଶିକ୍ଷକ, ଦୁଇଜଣ ବ୍ଲକ ଅଧିକାରୀ ରହିଛନ୍ତି। ଅନ୍ୟ ଜଣେ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁଯାୟୀ, ୬୦ ଯାତ୍ରୀଙ୍କୁ ନେଇ ଏହି ବସ୍ ବାରାବଙ୍କୀରୁ ହାଇଦରଗଡ଼ ଯାଉଥିଲା। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ହରଖ ଛକଠାରେ ବସ୍ ଆଗକୁ ଏକ ଗାଈ ଚାଲିଆସିଥିଲା। ତାକୁ ବଞ୍ଚାଇବାକୁ ଯାଇ ବସ୍‌ଟି ପ୍ରଥମେ ଏକ ଇଲେକଟ୍ରିକ୍ ଖୁଣ୍ଟ ଓ ପରେ ଏକ ଗଛକୁ ଧକ୍କା ଦେଇଥିଲା। ଏହାର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି।

## କପିଲ ଶର୍ମାଙ୍କୁ ଲରେନ୍ସ ଗ୍ୟାଙ୍ଗର ଧମକ

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଖ୍ୟାତନାମା କମେଡିଆନ କପିଲ ଶର୍ମାଙ୍କ ପଛରେ ପଡ଼ିଛି ଦୁର୍ଦ୍ଦାନ୍ତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ। କାନାଡାରେ କପିଲଙ୍କ କାଫେ ଉପରେ ଗୁଳିମାଡ଼ କରିବା ପରେ ଏବେ ତାଙ୍କୁ ଗ୍ୟାଙ୍ଗ୍ ତରଫରୁ ଧମକ ମିଳିଛି। ଗ୍ୟାଙ୍ଗର ହ୍ୟାରି ବକ୍ସର ନାମରେ ଏକ ଅଡିଓ ସାମ୍ନାକୁ ଆସିଛି। ଏଥିରେ କପିଲଙ୍କ ସମେତ ପୂରା ବଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଧମକ ଦିଆଯାଇଛି। ଯିଏ ବି ଅଭିନେତା ସଲମାନ ଖାନଙ୍କ ସହ କାମ କରିବ, ତାକୁ ମାରି ଦିଆଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, 'ଦି ଗ୍ରେଟ୍ ଇଣ୍ଡିଆନ କପିଲ ଶୋ'ର ଦ୍ୱିତୀୟ ସଂସ୍କରଣରେ ସଲମାନଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ଏଥିପାଇଁ କପିଲଙ୍କ କାନାଡ଼ାସ୍ଥିତ କାଫେ ଉପରେ ଆକ୍ରମଣ କରାଯାଇଛି ବୋଲି ଗ୍ୟାଙ୍ଗ୍ ପକ୍ଷରୁ କୁହାଯାଇଛି। ଉଲ୍ଲେଖଥାଉ କି, କପିଲଙ୍କ କାଫେ ଉପରକୁ ପ୍ରଥମେ ଜୁଲାଇ ୧୦ରେ ଗୁଳିମାଡ଼ ହୋଇଥିଲା।

## ପରମାଣୁ ବୈଜ୍ଞାନିକଙ୍କୁ ଫାଶୀ ଦେଲା ଇରାନ

ତେହେରାନ, ୮।୮(ଏଜେନ୍ସି): ଇରାନ ଦୁଇଟି ଭିନ୍ନ ଭିନ୍ନ ମାମଲାରେ ବୁଧବାର ଦୁଇଜଣ ବ୍ୟକ୍ତିଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛି। ଏମାନଙ୍କ ମଧ୍ୟରେ ଜଣେ ପରମାଣୁ ବୈଜ୍ଞାନିକ ରହିଛନ୍ତି। ସେ ହେଲେ, ରୌଜବେ ଭାଦୀ। ସେ ଇସ୍ରାଏଲର ଗୁଇନ୍ଦା ସଂସ୍ଥା 'ମୋସାଦ' ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରୁଥିଲେ ଏବଂ ଦେଶର ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ସେ ଇରାନର ଆଟୋମିକ ଏନର୍ଜି ଅର୍ଗାନାଇଜେସନ୍ ଅଧୀନରେ ଥିବା ନ୍ୟୁକ୍ଲିୟର୍ ସାଇନ୍ସ ଆଣ୍ଡ ଟେକନୋଲୋଜି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ସଦସ୍ୟ ଥିଲେ। ସେ ଜଣେ ବୈଜ୍ଞାନିକଙ୍କ ବିଷୟରେ ସମ୍ବେଦନଶୀଳ ସୂଚନା 'ମୋସାଦ'କୁ ଦେଇଥିଲେ। ସେ ଦେଶର ସୁରକ୍ଷା ବ୍ୟବସ୍ଥା ପାଇଁ ବିପଦ ସୃଷ୍ଟି କରିଥିଲେ ବୋଲି ଇରାନ ତରଫରୁ କୁହାଯାଇଛି।

## ୟୁପିର ୨୪ ଜିଲ୍ଲାରେ ବନ୍ୟା

ନୂଆଦିଲ୍ଲୀ/ ଲକ୍ଷ୍ନୌ, ୮।୮(ଏଜେନ୍ସି): ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ସମେତ ୧୦ଟି ସହରରେ ଶୁକ୍ରବାର ପ୍ରବଳ ବର୍ଷା ଜାରି ରହିଛି। ଲକ୍ଷ୍ନୌରେ କ୍ରମାଗତ ୭ଦିନ ହେବ ବର୍ଷା ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ବାରଣାସୀ- ବିଜନୋରରେ ଦ୍ୱାଦଶ ଶ୍ରେଣୀ ଓ ଲକ୍ଷ୍ନୌ- ଜୋନପୁରରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ଅପରପକ୍ଷେ, ଲଗାଣ ବର୍ଷା ଯୋଗୁଁ ରାଜ୍ୟର ୨୪ଟି ଜିଲ୍ଲାରେ ୧୨୪୫ ଗାଁ ବନ୍ୟା ଘେରରେ ରହିଛି। ଏପର୍ଯ୍ୟନ୍ତ ୩୬୦ ଘର ଭୁଶୁଡ଼ିଛି। ହିମାଚଳରେ ୪୫୦ରୁ ଊର୍ଦ୍ଧ୍ୱ ସଡ଼କ ବନ୍ଦ ରହିଛି। ଏଥିରେ ୩୦୫ ଓ ୫ ନଂ ଜାତୀୟ ରାଜପଥ ସାମିଲ ରହିଛି। ହିମାଚଳରେ ବର୍ଷା ଜନିତ କାରଣରୁ ଏପର୍ଯ୍ୟନ୍ତ (ଜୁନ ୨୦ରୁ ଅଗଷ୍ଟ ୭) ପର୍ଯ୍ୟନ୍ତ ୨୦୨ ଜଣ ଲୋକ ମୃତ୍ୟୁବରଣ କରିସାରିଲେଣି। ସେହିପରି ଝାଡ଼ଖଣ୍ଡରେ ସମାନ କାରଣରୁ ୪୩୧ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ତେବେ ମଧ୍ୟପ୍ରଦେଶରେ ଗତ ୭ ଦିନ ହେବ ବର୍ଷା ହୋଇନାହିଁ। ଫଳରେ ରାଜ୍ୟରେ ତାପମାତ୍ରାରେ ବୃଦ୍ଧି ଘଟିଛି। ସେହିପରି ବିହାର ଓ ତାମିଲନାଡୁ ସମେତ ୯ଟି ରାଜ୍ୟରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଦିଲ୍ଲୀର ଯମୁନା ନଦୀରେ ଜଳସ୍ତର ବିପଦ ସଂକେତ ଉପରେ ରହିଛି।

## ୨୦୨୪ରେ ୨ ଲକ୍ଷ ଭାରତୀୟ ନାଗରିକତା ଛାଡ଼ିଛନ୍ତି

ନୂଆଦିଲ୍ଲୀ,୮।୮(ଏଜେନ୍ସି): ୨୦୨୪ରେ ପାଖାପାଖି ୨ ଲକ୍ଷ ଭାରତୀୟ ନାଗରିକତା ତ୍ୟାଗ କରିଛନ୍ତି। ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ଲୋକସଭାରେ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ୨, ୦୬,୩୭୮ଜଣ ବ୍ୟକ୍ତିଗତ କାରଣ ଦର୍ଶାଇ ନାଗରିକତା ଛାଡ଼ି ଅନ୍ୟ ଦେଶର ନାଗରିକତା ଗ୍ରହଣ କରିଛନ୍ତି। ୨୦୨୦ ମସିହା ତୁଳନାରେ ୨୦୨୪ରେ ପାଖାପାଖି ଅଢ଼େଇ ଗୁଣା ଲୋକ ଦେଶ ଛାଡ଼ିଛନ୍ତି। କଂଗ୍ରେସ ସାଂସଦ କେସି ବେଣୁଗୋପାଳଙ୍କ ପ୍ରଶ୍ନର ଉତ୍ତର ଦେଇ କୀର୍ତ୍ତି ଏହି ତଥ୍ୟ ଦେଇଛନ୍ତି। ୨୦୨୦ରେ ୮୫,୨୫୬, ୨୦୨୧ରେ ୧,୬୩, ୩୭୦, ୨୦୨୨ରେ ୨,୨୫,୬୨୦ ଏବଂ ୨୦୨୩ରେ ୨,୧୬,୨୧୯ ଲୋକ ଭାରତର ନାଗରିକତା ଛାଡିଛନ୍ତି। ପୂର୍ବରୁ ୨୦୧୧ରେ ଏହି ସଂଖ୍ୟା ୧,୨୨,୮୧୯, ୨୦୧୨ରେ ୧,୨୦,୯୨୩ ଓ ୨୦୧୪ରେ ୧,୨୯, ୩୨୮ ଭାରତୀୟ ନାଗରିକତା ପରିତ୍ୟାଗ କରିଥିଲେ।

## ପୁଟିନଙ୍କ ସହ ଫୋନ୍‌ରେ କଥା ହେଲେ ମୋଦୀ

# 'ଭାରତରେ ଆପଣଙ୍କୁ ସ୍ୱାଗତ କରିବାକୁ ଉତ୍ସାହିତ ଅଛୁ'



ନୂଆଦିଲ୍ଲୀ, ୮।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଫୋନରେ କଥା ହୋଇଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ବିବାଦ ଚାଲିଥିବା ବେଳେ ଏହା ଦୁଇ ଦେଶ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବାକୁ ଦୁଇ ନେତା ସେମାନଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି। ପୁଟିନଙ୍କ ସହ କଥା ହେବା ନେଇ ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଫୋନ୍‌ରେ ଭଲ ଭାବେ ବିସ୍ତୃତ ଭାବେ କଥା ହୋଇଥିଲୁ। ସେହିପରି ୟୁକ୍ରେନ୍ ସମ୍ପର୍କରେ ସୂଚନା ଦେଇଥିବାରୁ ପୁଟିନଙ୍କୁ ଧନ୍ୟବାଦ ଜଣାଇଥିଲି। ପରସ୍ପର ମଧ୍ୟରେ ସହଯୋଗ ବୃଦ୍ଧି କରିବା ସହ ରଣନୈତିକ ସହଭାଗିତା ଆହୁରି ଦୃଢ଼ କରିବା ନେଇ ପ୍ରତିବଦ୍ଧତାକୁ ଦୋହରାଇଥିଲୁ। ଭାରତରେ ଆପଣଙ୍କୁ ସ୍ୱାଗତ କରିବାକୁ ଆମେ ଉତ୍ସାହିତ ଅଛୁ ବୋଲି ମୋଦି ଫୋନ୍‌ରେ ପୁଟିନଙ୍କୁ କହିଥିଲେ। ଏବର୍ଷ ପୁଟିନଙ୍କ ଭାରତ ଗସ୍ତକୁ ଅପେକ୍ଷା କରିଛି ବୋଲି ମୋଦୀ ଉଲ୍ଲେଖ କରିଛନ୍ତି।

ଗୋଟିଏ ଦିନ ପୂର୍ବରୁ ଭାରତର ରାଷ୍ଟ୍ରୀୟ ନିରାପତ୍ତା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ମଧ୍ୟ ପୁଟିନଙ୍କୁ ମସ୍କୋରେ ଭେଟିଥିଲେ। ଡୋଭାଲ ପ୍ରତିରକ୍ଷା, ଆର୍ଥିକ ଓ ଶକ୍ତି କ୍ଷେତ୍ରରେ ସହଯୋଗ ନେଇ ପୁଟିନଙ୍କ ଆଲୋଚନା କରିଥିଲେ। ପୁଟିନ ଚଳିତବର୍ଷ ଶେଷ ସପ୍ତାହରେ ଭାରତ ଆସିବେ। ଏହାପୂର୍ବରୁ ଡୋଭାଲ ରୁଷ୍ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁଙ୍କ ମଧ୍ୟ ଭେଟିଥିଲେ। ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଯଥେଷ୍ଟ ଉନ୍ନତି ହୋଇଛି ଓ ଏହାକୁ ଆମେ ସମ୍ମାନ କରୁଛୁ। ଦୁଇ ଦେଶ ମଧ୍ୟରେ ଏକ ଦୃଢ଼ ତଥା ଉତ୍ତମ ବୁଝାମଣା ରହିଛି ଓ ଏହାକୁ ଆଗେଇ ନେବୁ ବୋଲି ଡୋଭାଲ ସାକ୍ଷାତ ଅବସରରେ ଶୋଇଗୁଙ୍କୁ କହିଛନ୍ତି। ପୁଟିନ ୨୦୨୧ ଡିସେମ୍ବର ୬ରେ ଶେଷଥର ପାଇଁ ଭାରତ ଆସିଥିଲେ ଓ ମାତ୍ର ୪ ଘଣ୍ଟା ରହିଥିଲେ। ସେତେବେଳେ ଭାରତ ଓ ରୁଷ୍ ମଧ୍ୟରେ ୨୮ଟି ବୁଝାମଣା ନେଇ ଚୁକ୍ତି ହୋଇଥିଲା ଓ ଦସ୍ତଖତ ହୋଇଥିଲା। ୨୦୨୨ରେ ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଆରମ୍ଭ ହେବା ପରେ ପୁଟିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିବେ।

### ବ୍ରାଜିଲ ରାଷ୍ଟ୍ରପତିଙ୍କ ସହ ଆଲୋଚନା

ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡା ସିଲ୍‌ଭା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଏହି ଅବସରରେ ଗତ ମାସରେ ମୋଦୀଙ୍କ ବ୍ରାଜିଲ ଗସ୍ତ ନେଇ ଚର୍ଚ୍ଚା କରିଥିଲେ। ଏଥିରେ ଦୁଇ ନେତା ବାଣିଜ୍ୟ, ବୈଷୟିକ ଜ୍ଞାନ କୌଶଳ, ଶକ୍ତି, ପ୍ରତିରକ୍ଷା ଓ କୃଷି ନେଇ ଆପୋସ ବୁଝାମଣା ଓ ସହମତିକୁ ଆହୁରି ଦୃଢ଼ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ଦୁଇ ନେତା ଭାରତ ଓ ବ୍ରାଜିଲ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ଆଗକୁ ବୃଦ୍ଧି କରିବା ନେଇ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଥିଲେ। ସେହିପରି ଆଞ୍ଚଳିକ ଓ ବିଶ୍ୱସ୍ତରରେ ଚାଲିଥିବା ବିଭିନ୍ନ ପ୍ରସଙ୍ଗକୁ ନେଇ ମଧ୍ୟ ଦୁହେଁ ଆଲୋଚନା କରିଥିଲେ। ଉଲ୍ଲେଖଥାଉ କି, ବୁଧବାର ଲୁଲା ଟ୍ରମ୍ପ ଦେଇଥିବା ଆଲୋଚନା ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିଲେ। ଟାରିଫ୍ ସମ୍ପର୍କରେ ଟ୍ରମ୍ପଙ୍କ ସହ କଥା ନ ହୋଇ ମୋଦୀଙ୍କ ସହ କଥା ହେବେ ବୋଲି କହିଥିଲେ। ଟ୍ରମ୍ପ ଭାରତ ଓ ବ୍ରାଜିଲ ଉପରେ ୫୦ ପ୍ରତିଶତ ଟାରିଫ ଲାଗୁ କରିବାକୁ ଘୋଷଣା କରିସାରିଛନ୍ତି।

## ଉତ୍ତରକାଶୀ ବିପତ୍ତି | ୮୦ ଏକର ଜମିରେ ଆବର୍ଜନାର ପାହାଡ଼

ଡେରାଡୁନ୍, ୮।୮(ଏଜେନ୍ସି): ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଲୀ ଗାଁରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟକୁ ୪ ଦିନ ବିତି ଗଲାଣି। ଏବେ ମଧ୍ୟ ୧୦୦ରୁ ୧୫୦ ଲୋକ ନିଖୋଜ ରହିଛନ୍ତି। ଏମାନେ ସବୁ କାଦୁଅ ଓ ଆବର୍ଜନା ମଧ୍ୟରେ ଚାପି ହୋଇଥିବା ଆଶଙ୍କା କରାଯାଉଛି। ସମ୍ପୂର୍ଣ୍ଣ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବାକୁ ଆହୁରି ୪ ଦିନ ସମୟ ଲାଗିବ। ଧରାଲୀର ୮୦ ଏକର ଜମିରେ ୨୦ରୁ ୫୦ ଫୁଟ ପର୍ଯ୍ୟନ୍ତ କାଦୁଅ ଓ ଆବର୍ଜନା ଜମି ରହିଛି। ଏହାକୁ ହଟାଇବା ପାଇଁ ମାତ୍ର ୩ଟି ଜେସିବି ମେସିନ ନିୟୋଜିତ ହୋଇଛି। ଏହି ଆବର୍ଜନା ତଳେ ଚାପି ହୋଇଥିବା ଲୋକଙ୍କୁ ଠାବ କରିବା ପାଇଁ ହାଇଟେକ ଥର୍ମାଲ ସେନସିଂ ଉପକରଣର ଆବଶ୍ୟକତା ରହିଛି। କିନ୍ତୁ ଏହି ସବୁ ମେସିନ ତଥା ଉପକରଣ ୬୦ କିମି ଦୂରରେ ଥିବା ଭଟବାଡି ରାସ୍ତା ବନ୍ଦ ହେବା କାରଣରୁ ସେଠାରେ ଦୁଇ ଦିନ ଧରି ଅଟକି ରହିଛି। ଧରାଲୀରୁ ଶୁକ୍ରବାର ୫୩ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ଉତ୍ତରକାଶୀ ଜିଲ୍ଲାରୁ ଏପର୍ଯ୍ୟନ୍ତ ୫୬୬ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଉଦ୍ଧାର କାର୍ଯ୍ୟରେ ଭାରତୀୟ ସେନା ଓ ହେଲିକପ୍ଟର ମଧ୍ୟ ନିୟୋଜିତ ହୋଇଛି। ମହାରାଷ୍ଟ୍ରର ୧୫୧ ଜଣ ପର୍ଯ୍ୟଟକ ଏପର୍ଯ୍ୟନ୍ତ ଫସି ରହିଛନ୍ତି। ସେନା ଓ ଏନ୍‌ଡିଆରଏଫ୍ ଟିମ୍ ୨ ଦିନରେ ୩୦୭ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଛନ୍ତି। ଏହି ବିପତ୍ତି କାରଣରୁ ବଦ୍ରିନାଥ ଯାତ୍ରା ପାଇଁ ପଞ୍ଜିକରଣକୁ ଓ କେଦାରନାଥ ଯାତ୍ରାକୁ ରୋକା ଯାଇଛି।

ଉତ୍ତରକାଶୀରୁ ଗଙ୍ଗୋତ୍ରୀ ଯିବାକୁ ହେଲେ ମାତ୍ର ଗୋଟିଏ ସଡକ ଉପଲବ୍ଧ ରହିଛି ଓ ଏହା ଧରାଲୀ ଦେଇ ଯାଉଛି। ହର୍ଷୀଲରୁ ଧରାଲୀ ପର୍ଯ୍ୟନ୍ତ ୩ କିମି ଲମ୍ବ ରାସ୍ତାର ୪ଟି ସ୍ଥାନରେ ୧୦୦ରୁ ୧୫୦ମିଟର ଲମ୍ବର ସଡକ ନଷ୍ଟ ହୋଇଛି। ସେହିପରି ଭଟବାଡୀରୁ ହର୍ଷୀଲ ପର୍ଯ୍ୟନ୍ତ ଥିବା ରାସ୍ତାରେ ୩ ସ୍ଥାନରେ ଭୂସ୍ଖଳନ ହୋଇଛି। ତେଣୁ ଧରାଲୀ ପର୍ଯ୍ୟନ୍ତ ରାସ୍ତା ସଫା ଓ ଖୋଲିବାକୁ ଆହୁରି ୪ ଦିନ ଲାଗିବ।



ବାଦଲ ଫଟା ବର୍ଷା ଜନିତ ବନ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାକୁ ଏକପ୍ରକାର ଧ୍ୱଂସ ସ୍ତୁପରେ ପରିଣତ କରିଛି। ମଙ୍ଗଳବାର ଆସିଥିବା ଏହି ବନ୍ୟା ଓ କାଦୁଅ ସୁଅରେ ଉତ୍ତରକାଶୀର ଧରାଲୀ ଓ ହର୍ଶୀଲ ଗାଁ ସମ୍ପୂର୍ଣ୍ଣ ଭାବେ ମାଟିରେ ମିସିଯାଇଥିଲା। ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି। ୨୭୪ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ମଙ୍ଗଳବାର ଅପରାହ୍ଣ ୧.୪୫ରେ ବାଦଲ ଫଟା ବର୍ଷା କାରଣରୁ ଖୀର ଗଙ୍ଗା ନଦୀରେ ଭୟଙ୍କର ବନ୍ୟା ଆସିଥିଲା।

## ସେନା ଓ ବାୟୁସେନାକୁ ମିଳିବ ୨୦୦ ନୂଆ ହେଲିକପ୍ଟର

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଭାରତୀୟ ସେନା ଓ ବାୟୁସେନାକୁ ଏବେ ୨୦୦ଟି ନୂଆ ହେଲିକପ୍ଟର ମିଳିବ। ପୁରୁଣା ଚେତକ ଓ ଚିତାକୁ ହଟାଇ ନୂଆ ହେଲିକପ୍ଟର କ୍ରୟ କରାଯିବା ନେଇ ପ୍ରସ୍ତୁତି ଚାଲିଛି। ଏଥିପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ରିକ୍ୱେଷ୍ଟ ଫର ଇନଫର୍ମେସନ (ଆରଏଫ୍‌ଆଇ) ଜାରି କରିଛି। ଏଗୁଡିକ ମଧ୍ୟରୁ ୧୨୦ ହେଲିକପ୍ଟର ଭାରତୀୟ ସେନାକୁ ଓ ୮୦ଟି ବାୟୁସେନାକୁ ପ୍ରଦାନ କରାଯିବ। ଏହି ହେଲିକପ୍ଟର ଉଭୟ ଦିନ ଓ ରାତିରେ କାର୍ଯ୍ୟ କରିବାର ଦକ୍ଷତା ରଖୁଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ବୈଷୟିକ ଆବଶ୍ୟକାତ ପୂରଣ କରିବା ସହ କିଣିବା ପ୍ରକ୍ରିୟାରେ ନିଷ୍ପତ୍ତି ନେଇଥାଏ। ଏଥିରେ ଭାରତୀୟ କମ୍ପାନୀଗୁଡିକୁ ସାମିଲ କରାଯିବ। ଏହି କମ୍ପାନୀଗୁଡ଼ିକ ବିଦେଶୀ କମ୍ପାନୀଗୁଡିକ ସହ ମିସିକରି ହେଲିକପ୍ଟର ନିର୍ମାଣ କରିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ବିଭିନ୍ନ ପ୍ରକାର ହେଲିକପ୍ଟର କ୍ରୟ କରିବାକୁ ଯୋଜନା କରୁଛି। ଏଗୁଡିକ ମଧ୍ୟରେ ନିମ୍ନସ୍ତରୀୟ ରାଡାର, ହାଲକା ଲଢୁଆ ବିମାନ (ଏଲ୍‌ଏସି), ମଲ୍ଟି ରୋଲ ହେଲିକପ୍ଟର ଓ ମିଡ୍ ଏୟାର ରିଫୁଏଲିଂ ଏୟାରକ୍ରାଫ୍ଟ ସାମିଲ ରହିଛି।

# ଗାଜା ସିଟିକୁ କବ୍‌ଜା କରିବ ଇସ୍ରାଏଲ୍

ତେଲ ଅଭିଭ୍, ୮।୮(ଏଜେନ୍ସି): ଇସ୍ରାଏଲ ସମ୍ପୂର୍ଣ୍ଣ ଭାବେ ଗାଜା ସିଟିକୁ କବଜା କରିବାକୁ ଯୋଜନା କରିଛି। ଏ ନେଇ ଇସ୍ରାଏଲର ପ୍ରତିରକ୍ଷା କ୍ୟାବିନେଟ୍ ସେନାକୁ ମଞ୍ଜୁରୀ ପ୍ରଦାନ କରିଛି। ଶୁକ୍ରବାର ଗାଜା ପଟିର ଉତ୍ତରାଞ୍ଚଳରେ ଥିବା ଗାଜା ସିଟିକୁ ଅକ୍ତିଆର କରିବାକୁ ଇସ୍ରାଏଲ ସେନା ଅନୁମତି ପାଇଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏ ସଂକ୍ରାନ୍ତରେ ବିବୃତ୍ତି ଦେଇଛି। ଏହି ନିଷ୍ପତ୍ତି ନେବାକୁ କ୍ୟାବିନେଟ୍‌ରେ ଦୀର୍ଘ ୧୦ ଘଣ୍ଟା ଧରି ଆଲୋଚନା ହୋଇଥିଲା। କ୍ୟାବିନେଟର ଅଧିକାଂଶ ସଦସ୍ୟ ଇସ୍ରାଏଲର ଏହି ଯୋଜନାକୁ ସପକ୍ଷରେ ମତ ଦେଇଛନ୍ତି ବୋଲି ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଗାଜାର ୭୫ ପ୍ରତିଶତ ଅଞ୍ଚଳ ଏବେ ଇସ୍ରାଏଲ ସେନା ଅଧିନ ତଥା ନିୟନ୍ତ୍ରଣରେ ରହିଛି। ତେବେ ୨୫ ପ୍ରତିଶତ ଅଞ୍ଚଳ ସେନା ଅକ୍ତିଆରରେ ନାହିଁ। ପୂର୍ବରୁ ନେତାନ୍ୟାହୁ ସମ୍ପୂର୍ଣ୍ଣ ଗାଜା ପଟି ବିଷୟରେ ମନ୍ତବ୍ୟ ଦେଇଥିଲେ। କିନ୍ତୁ ତାଙ୍କ କାର୍ଯ୍ୟାଳୟ ତରଫରୁ ଦିଆଯାଇଥିବା ବିବୃତ୍ତିରେ ଏଥର କେବଳ ଗାଜା ସିଟି ବିଷୟରେ ଉଲ୍ଲେଖ କରାଯାଇଛି। ଗାଜାରେ ଚାଲିଥିବା ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ ହମାସ ଆଗରେ ୫ଟି ପ୍ରମୁଖ ସର୍ତ୍ତ ରଖିଛି। ଏବେ ଗାଜାରେ ଚାଲିଥିବା ଯୁଦ୍ଧ କାରଣରୁ ନାହିଁନଥିବା ସ୍ଥିତି ଉପୁଜିଛି। ପ୍ରତିଦିନ ୨୮ ଜଣ ଛୋଟ ପିଲା ପ୍ରାଣ ହରାଉଛନ୍ତି ଓ ଏପର୍ଯ୍ୟନ୍ତ ୧୮ ହଜାର ପିଲା ମୃତ୍ୟୁବରଣ କରିସାରିଲେଣି। ୨୦୨୩ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ପାଖାପାଖି ୬୧, ୦୦୦ ଲୋକ ମୃତ୍ୟୁବରଣ କଲେଣି। ସେହିପରି ଦେଢ ଲକ୍ଷ ଲୋକ ଆହତ ହୋଇଛନ୍ତି।

### ଓଆଇସି ବୈଠକ ଡାକିଲା ଇରାନ୍

ତେହେରାନ, ୮।୮(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଖାସ୍ କରି ଗାଜାରେ ଇସ୍ରାଏଲ୍ ଆକ୍ରମଣ ଯୋଗୁଁ ସୃଷ୍ଟି ହୋଇଥିବା ମାନବୀୟ ସଂକଟକୁ ଦୃଷ୍ଟିରେ ରଖି ଇରାନ ଅର୍ଗାନାଇସେନ ଅଫ୍ ଇସ୍‌ଲାମିକ କୋପରେସନ (ଓଆଇସି) ବୈଠକ ଡାକିଛି। ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଚି ଆନୁଷ୍ଠାନିକ ଭାବେ ଏହି ବୈଠକ ଡାକିଛନ୍ତି। ସେ ଏହିକ୍ରମରେ ଓଆଇସି ସାଧାରଣ ସମ୍ପାଦକ ହୁସେନ ଇବ୍ରାହିମ ତାହାଙ୍କୁ ଚିଠି ଲେଖିଛନ୍ତି। ଗାଜାରେ ମାନବିକତାର ହତ୍ୟା ହେଉଛି। ଗାଜାକୁ ନିଜ ଅକ୍ତିଆରକୁ ନେବାକୁ ଇସ୍ରାଏଲ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି। ସେଠାରେ ଛୋଟ ପିଲାମାନେ ଅନାହାରରେ ମୃତ୍ୟୁବରଣ କରୁଛନ୍ତି। ତେଣୁ ଏହାକୁ ବିରୋଧ କରିବାକୁ ଓଆଇସି ବୈଠକରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ବୋଲି ଆବାସ କହିଛନ୍ତି।

## ୨୦୨୪ରେ ଭାରତରେ ୧୫ ଲକ୍ଷ କର୍କଟ ମାମଲା

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୨୪ରେ ଭାରତରେ ୨୫ ଲକ୍ଷ କର୍କଟ ମାମଲା ଚିହ୍ନଟ ହୋଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପରାଓ ଯାଦବ କହିଛନ୍ତି। ଗତବର୍ଷ ୧୫, ୩୩, ୦୫୫ ଲୋକ କର୍କଟ ପୀଡିତ ହୋଇଛନ୍ତି ବୋଲି ଇଣ୍ଡିଆନ୍ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ସୂଚନା ଦେଇଛି। କିନ୍ତୁ ୨୦୧୯ରେ ଏହି ସଂଖ୍ୟା ୧୩.୫ ଥିଲା। ସେହିପରି ୨୦୨୦ରେ ଏହା ୧୩.୯ ଲକ୍ଷ, ୨୦୨୧ରେ ଏହା ୧୪.୨ ଲକ୍ଷ, ୨୦୨୨ରେ ଏହା ୧୪.୬ ଲକ୍ଷ ଏବଂ ୨୦୨୩ରେ ଏହି ସଂଖ୍ୟା ୧୪.୯ ଲକ୍ଷରେ ପହଞ୍ଚିଥିଲା। ପୁଣି କେବଳ ୨୦୨୩ରେ ୮.୨ ଲକ୍ଷ ଲୋକ କର୍କଟରେ ପୀଡିତ ହୋଇ ମୃତ୍ୟୁବରଣ କରିଛନ୍ତି। ୨୦୧୯ ପରେ ଏହି ସଂଖ୍ୟା ସର୍ବାଧିକ ବୋଲି କୁହାଯାଇଛି। ସେହିପରି ୨୦୧୯, ୨୦୨୦, ୨୦୨୧ ଓ ୨୦୨୨ରେ ଯଥାକ୍ରମେ ୭.୫, ୭.୭, ୭.୮ ଓ ୮ ଲକ୍ଷ ଲୋକ ଏହି ରୋଗରେ ପ୍ରାଣ ହରାଇଥିଲେ।

## ଭାରତରେ ଜନ୍ମ ହୋଇନଥିବା ଲୋକ ଭୋଟ୍ ଦେଇପାରିବେନି: ଶାହା

ନୂଆଦିଲ୍ଲୀ, ୮।୮(ଏଜେନ୍ସି): କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିହାରରେ ଏସ୍‌ଆଇଆର (ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ) ନେଇ ଚାଲିଥିବା ବିବାଦ ଉପରେ ମତ ରଖିଛନ୍ତି। ଏସଆଇଆରକୁ ବିରୋଧୀ ଦଳଗୁଡ଼ିକ ତରଫରୁ ବିରୋଧ କରାଯାଉଛି। ଅନୁପ୍ରବେଶକାରୀମାନେ ହିଁ ମହାଗଠବନ୍ଧନ(ଇଣ୍ଡି ମେଣ୍ଟ)ର ଭୋଟ ବ୍ୟାଙ୍କ। ତେଣୁ ଏସଆଇଆର କାରଣରୁ ବିରୋଧୀଙ୍କ ଚିନ୍ତା ଓ ସମସ୍ୟା ବଢ଼ିଯାଇଛି ବୋଲି ସେ କହିଛନ୍ତି। ଏହି କ୍ରମରେ ସେ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଆରଜେଡି ସୁପ୍ରିମୋ ଲାଲୁ ଯାଦବଙ୍କୁ ସମାଲୋଚନା କରିଛନ୍ତି। ଯେଉଁମାନେ ଭାରତରେ ଜନ୍ମ ଗ୍ରହଣ କରିନାହାନ୍ତି, ସେମାନଙ୍କୁ ଭୋଟ ଦେବାର ଅଧିକାର ନାହିଁ। ଦେଶ ଭିତରକୁ ଅନୁପ୍ରବେଶ କରିଥିବା ଲୋକମାନେ ହେଉଛନ୍ତି ଗଠବନ୍ଧନର ଭୋଟ ବ୍ୟାଙ୍କ। ତେଣୁ ଏସ୍‌ଆଇଆରକୁ ନେଇ ଏମାନେ ପ୍ରଶ୍ନ ଉଠାଉଛନ୍ତି ବୋଲି ସେ କହିଛନ୍ତି। ଶାହା ଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୁକ୍ରବାର ସୀତାମାଢ଼ିରେ ମାତା ଜାନକୀ ମନ୍ଦିରର ଭୂମିପୂଜନ କରିଥିଲେ। ଉପ- ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ନୀତୀଶ ପୁରୁଣା ସରକାରଙ୍କ ନୀତିକୁ ନେଇ ସମାଲୋଚନା କରିଥିଲେ। ସେହିପରି ଶାହା ଏସ୍‌ଆଇଆରଠାରୁ ଆରମ୍ଭ କରି ଅପରେସନ ସିନ୍ଦୂର ପର୍ଯ୍ୟନ୍ତ ନିଜର ମତ ଉପସ୍ଥାପନ କରିଥିଲେ। ଆଗାମୀ ବିଧାନସଭା ନିର୍ବାଚନରେ ଏନ୍‌ଡିଏ ସ୍ପଷ୍ଟ ବହୁମତରେ ବିଜୟୀ ହୋଇ ପୁଣି ସରକାର ଗଠନ କରିବ ବୋଲି ଶାହା କହିଛନ୍ତି।

## 'ଭୋଟ୍ ଚୋରାଇ ବିଜେପି ସରକାର ଗଢ଼ିଛି'




**ବିଜେପି ୨୫ଟି ସିଟ୍‌ରେ ୩୫ ହଜାର କିମ୍ବା କମ୍ ଭୋଟ୍‌ରେ ଜିତିଛି: ରାହୁଲ**

ନୂଆଦିଲ୍ଲୀ, ୮।୮(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପିକୁ ପୁଣି ସମାଲୋଚନା କରିଛନ୍ତି। ମୋଦୀ ଭୋଟ ଚୋରାଇ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ନିର୍ବାଚନ କମିଶନ ଆମକୁ ଇଲେକଟ୍ରୋନିକ ଡାଟା ପ୍ରଦାନ କରନ୍ତୁ, ତାହେଲେ ଆମେ ଏହାକୁ ପ୍ରମାଣ କରିପାରିବୁ ବୋଲି ସେ କହିଛନ୍ତି। ମୋଦୀ ୨୫ ସିଟ୍ ଅନ୍ତରରେ ପ୍ରଧାନମନ୍ତ୍ରୀ ହୋଇଛନ୍ତି। କିନ୍ତୁ ୨୫ଟି ସିଟ୍‌ରେ ବିଜେପି ୩୫ ହଜାର କିମ୍ବା ତା'ଠାରୁ କମ୍ ଭୋଟ୍‌ରେ ବିଜୟୀ ହୋଇଛି। ତେଣୁ ଭୋଟ ଚୋରାଇ ମୋଦୀ ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। କମିଶନ ଗତ ୧୦ ବର୍ଷର ଦେଶର ସବୁ ଇଲେକଟ୍ରୋନିକ ଭୋଟର ତାଲିକା ଓ ଭିଡିଓଗ୍ରାଫି ଦେବା ଆବଶ୍ୟକ। ଯଦି କମିଶନ ଏହା ନ ଦେବେ, ତେବେ ଏହାକୁ ଅପରାଧ ବୋଲି ବିବେଚନା କରାଯିବ। କମିଶନ ବିଜେପିକୁ ଭୋଟ ଚୋରି କରିବାର ସୁଯୋଗ ଦେଉଛି। ତେଣୁ ନିର୍ବାଚନ କମିଶନଙ୍କୁ ସାରା ଦେଶ ଭୋଟରଙ୍କ ତଥ୍ୟ ମାଗିବା ଆବଶ୍ୟକ ବୋଲି ସେ କହିଛନ୍ତି। ବେଙ୍ଗାଲୁରୁରେ ଫ୍ରିଡମ୍ ପାର୍କରେ ଆୟୋଜିତ କଂଗ୍ରେସର 'ଭୋଟ ଅଧିକାର ରାଲି'ରେ ଯୋଗ ଦେଇ ସେ ଏହି କଥା କହିଛନ୍ତି। ଏହି ଅବସରରେ ତାଙ୍କ ସହ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ୍ ଖଡ୍‌ଗେ ଉପସ୍ଥିତ ଥିଲେ।

# ୪ ମହିଳାଙ୍କ ଜାଲରେ ଫସି ୯ କୋଟି ହରାଇଲେ ୮୦ ବର୍ଷୀୟ ବୃଦ୍ଧ

ମୁମ୍ବଇ, ୮।୮(ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ବନ୍ଧୁତ୍ୱ ସ୍ଥାପନ କରି ଜଣେ ୮୦ ବର୍ଷୀୟ ବରିଷ୍ଠ ନାଗରିକ ପାଖାପାଖି ୯ କୋଟି ଟଙ୍କା ହରାଇଛନ୍ତି। ଅନଲାଇନ୍‌ରେ ପ୍ରେମର ଅନ୍ୱେଷଣ ଏତେ ମହଙ୍ଗା ପଡ଼ିବ ବୋଲି ମୁମ୍ବଇର ଏହି ବରିଷ୍ଠ ନାଗରିକ କେବେ ଭାବି ନଥିଲେ। ପ୍ରେମ, ସହାନୁଭୂତି, ଖରାପ ସ୍ଥିତିର ବାହାନା କରି ୪ ମହିଳା ତାଙ୍କଠାରୁ ୮.୭କୋଟି ଟଙ୍କା ଠକି ନେଇଛନ୍ତି। ୨୧ ମାସରେ ୭୩୪ଟି ଟ୍ରାନଜାକସନ ଅର୍ଥାତ ନେଣଦେଣ କରି ସେ ଏତେ ପରିମାଣର ଟଙ୍କା ହରାଇଛନ୍ତି। ଜଣଙ୍କ ପରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହିଳାଙ୍କ ଚକରରେ ପଡ଼ି ସେ ସାରା ଜୀବନରେ ଉପାର୍ଜନ କରିଥିବା ଅର୍ଥ ମାତ୍ର ୨୧ମାସରେ ହରାଇବା ପରେ ଠକାମୀର ଶିକାର ହୋଇଥିବା ହୃଦୟଙ୍ଗମ କରିଥିଲେ। ପରେ ପୁଲିସରେ ଅଭିଯୋଗ କରି ୨୧ ମାସର ଏହି କାହାଣୀ ବଖାଣି ଥିଲେ। ସାଇବର ପୁଲିସ ଏ ନେଇ ମାମଲା ରୁଜୁ କରିବା ସହ ଯାଞ୍ଚ ଆରମ୍ଭ କରିଛି।



୨୦୨୩ ଏପ୍ରିଲରେ ଶରବୀ ନାମକ ଏକ ମହିଳା ତାଙ୍କୁ ଏକ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇଥିଲେ ଓ ଏହାକୁ ସେ ଆକସେପ୍ଟ କରିଥିଲେ। ଏହାପରେ ଦୁହେଁ ଚାଟିଂ ଆରମ୍ଭ କରିଥିଲେ ଓ ଦୁହେଁ ପରସ୍ପରର ଫୋନ୍ ନଂ ଦେଇଥିଲେ। ଏହାପରେ ଦୁହେଁ ହ୍ୱାଟ୍ସଆପ୍‌ରେ ଚାଟିଂ କରିଥିଲେ। ସ୍ୱାମୀଙ୍କଠାରୁ ଅଲଗା ହୋଇ ନିଜ ପିଲାଙ୍କ ସହ ରହୁଥିବା କଥା ଶରାବୀ ତାଙ୍କୁ କହିଥିଲେ। ଏହାପରେ ପିଲାଙ୍କ ଦେହ ଖରାପ୍ ଓ ବିଭିନ୍ନ ଆଳ ଦେଖାଇ ଶରାବୀ ଏହି ବରିଷ୍ଠ ନାଗରିକଙ୍କଠାରୁ ପଇସା ମାଗିଥିଲେ। କିଛି ଦିନପରେ ଶରବୀର ସମ୍ପର୍କୀୟ ଭାବେ ନିଜକୁ ଦର୍ଶାଇ କବିତା ନାମରେ ଆଉ ଜଣେ ମହିଳା ତାଙ୍କ ସହ ହ୍ୱାଟ୍ସଆପ୍‌ରେ ଯୋଗାଯୋଗ କରି ସମାନ କାହାଣୀ କହି ପଇସା ହଡପ କରିଥିଲେ। ଏହାପରେ ଗତ ଡିସେମ୍ବରରେ ଶରବୀର ଭଉଣୀର ପରିଚୟ ଦେଇ ଡିନାଜ ନାମ୍‌ରେ ଜଣେ ମହିଳା ମଧ୍ୟ ତାଙ୍କ ସମ୍ପର୍କରେ ଆସି ବିଭିନ୍ନ ଆଳ ଦେଖାଇ ପଇସା ନେଇଥିଲେ। ପୁଣି ପରେ ଡିନାଜର ବାନ୍ଧବୀ ବୋଲି ନିଜକୁ ଦର୍ଶାଇ ଜାସମିନ ନାମରେ ଜଣେ ମହିଳା ମଧ୍ୟ ବିଭିନ୍ନ ସ୍ଥିତିର ଆଳ ଦେଖାଇ ତାଙ୍କଠାରୁ ଆର୍ଥିକ ସାହଯ୍ୟ ମାଗିଥିଲେ। ତାଙ୍କୁ ମଧ୍ୟ ବୃଦ୍ଧଜଣକ ପଇସା ପଠାଇଥିଲେ। କିନ୍ତୁ କେହି ତାଙ୍କ ଟଙ୍କା ଫେରସ୍ତ କରି ନଥିଲେ। ଏହିପରି ଭାବେ ସେ ୨୦୨୩ ଏପ୍ରିଲରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ୭୩୪ଟି ଟ୍ରାନଜାକସନ କରି ମୋଟ୍ ୮.୭ କୋଟି ଟଙ୍କା ହରାଇଥିଲେ। ଏହାପରେ ବ୍ୟକ୍ତିଜଣକ ନିଜ ପୁଅ ଓ ବହୁଙ୍କଠାରୁ ପଇସା ମାଗିବା ପରେ ସେମାନଙ୍କର ସନ୍ଦେହ ହୋଇଥିଲା। ଫଳରେ ସେ ପୁଲିସର ସାହଯ୍ୟ ଲୋଡିଥିଲେ। ଜଣେ ବ୍ୟକ୍ତି ହିଁ ୪ ମହିଳାଙ୍କ ପରିଚୟ ଦେଇ ଏହି ଅର୍ଥ ଲୁଟିଛି। ତେବେ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ; ଏଡ଼ାଇଗଲେ ମନମୋହନ

ଭୁବନେଶ୍ୱର, ୮।୮(ସମିସ): ଆଉ ତିନିଦିନ ପରେ ରାଜ୍ୟରେ ବିଜେପି ସରକାର ଗଠନ ହେବାର ୧୪ ମାସ ପୂରିବ। ମାତ୍ର ଖାଲିଥିବା ୬ଟି ମନ୍ତ୍ରୀ ପଦ, ପ୍ରାୟ ୬୦ଟି ବିଭିନ୍ନ ନିଗମ, ବୋଡର୍, ଏକାଡ଼େମୀ ପଦ ପୂରଣ ହୋଇ ପାରିନାହିଁ। ଦୀର୍ଘ ଦିନ ପରେ ରାଜ୍ୟ ମହିଳା କମିଶନ ଓ ଶିଶୁ ଅଧିକାର ସୁରକ୍ଷା କମିଶନ ପଦ ପୂରଣ ହୋଇଥିଲେ ହେଁ ଆହୁରି ଅନେକ ପଦପଦବୀ ଖାଲି। ଯାହାକୁ ନେଇ ଦଳ ଭିତରେ ଅସନ୍ତୋଷ ଢେଉ ଖେଳୁଛି ଓ ଲବି କରିକରି ନିରାଶ ଆଶାୟୀ ମନ ଉଣାକରି ବସିଛନ୍ତି । ଏହି ସମୟରେ ଗତ କିଛିଦିନ ହେଲା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ଚର୍ଚ୍ଚା ହେଉଥିଲେ ହେଁ ଏହା ଦାନା ବାନ୍ଧି ପାରୁନାହିଁ। ଗଲା ସପ୍ତାହରେ କିଛି ଘଟଣାକ୍ରମ ପରେ ଅଗଷ୍ଟ ୧୫ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନିମନ୍ତେ ଚର୍ଚ୍ଚା ହେଉଥିଲା; ମାତ୍ର ଏହି ଚର୍ଚ୍ଚାର ନିଆଁରେ ପାଣି ଢ଼ାଳି ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ । ତାଙ୍କ ଦିଲ୍ଲୀ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସଂକ୍ରାନ୍ତରେ କୌଣସି ଆଲୋଚନା ହୋଇ ନ ଥିବା ସେ ରୋକଠୋକ୍ କହିଛନ୍ତି। ତେବେ ଯେଉଁ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଓଡ଼ିଶାରେ ଆଲୋଚନା ହୋଇ ପାରିଥାଆନ୍ତା; ତାହାକୁ ଦିଲ୍ଲୀରେ କରିବାର କେଉଁ ଆବଶ୍ୟକତା ପଡ଼ିଲା ବୋଲି ଦଳୀୟ ମହଲରେ ଆଲୋଚନା ଚାଲିଛି ।

ମନମୋହନ ରାଜ୍ୟ ବିଜେପି ସଭାପତି ନିର୍ବାଚିତ ହେବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ବିଭିନ୍ନ ନିଗମ, ବୋଡର୍ ନିଯୁକ୍ତି ଚର୍ଚ୍ଚା ପ୍ରତିଦିନ ବଢ଼ିବାରେ ଲାଗିଛି। ଗତ ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜ୍ୟ ସଭାପତି ଶ୍ରୀ ସାମଲ ଦିଲ୍ଲୀ ଗସ୍ତରେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ମଧ୍ୟ କୁହାଯାଉଥିଲା। ସେହିପରି ଓଡ଼ିଶାର ବିଜେପି ସାଂସଦମାନଙ୍କର ଦୁଇଟି ଭିନ୍ନଭିନ୍ନ ବୈଠକ ଓ ବୈଠକରେ ଉପସ୍ଥିତ ରାଜ୍ୟ ବିଜେପିର ନେତାମାନଙ୍କ ଉପସ୍ଥିତି ଭିନ୍ନ ବାର୍ତ୍ତା ଦେଉଥିବା ରାଜ୍ୟରେ ଚର୍ଚ୍ଚା ହେଉଛି।

ମାତ୍ର ଏହି ସବୁ ଚର୍ଚ୍ଚାକୁ ନିରାଧାର କହିଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି ଯେ ଦିଲ୍ଲୀରେ ସାଂସଦମାନଙ୍କର ବୈଠକ ଥିଲା। ରାଜ୍ୟ ପ୍ରଭାରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆମେ ଯେହେତୁ ଦିଲ୍ଲୀରେ ଥିଲୁ, ତେଣୁ ସମସ୍ତେ ବୈଠକରେ ଯୋଗ ଦେଇଥିଲୁ । ସେଠାରେ ରାଜ୍ୟର ବିଭିନ୍ନ ଯୋଜନା, ଉନ୍ନତି ମୂଳକ କାମ ସରକାର ଏବଂ ରାଜ୍ୟ ସରକାରଙ୍କ ବିଷୟରେ ଆଲୋଚନା କରିଛୁ। ମାତ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ପର୍କରେ କୌଣସି ଆଲୋଚନା ଏହି ବୈଠକରେ ହୋଇନାହିଁ ବୋଲି ମନମୋହନ କହିଛନ୍ତି । ସେହିପରି ରାଜ୍ୟରେ ବିଜେପି ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ସମ୍ପର୍କରେ ଶ୍ରୀ ସାମଲ କହିଛନ୍ତି ଯେ ଆମେ ଏଥିପାଇଁ ପ୍ରସ୍ତୁତ ରହିଛୁ । ବିଜେପି ଏବେ ଶକ୍ତିଶାଳୀ ରହିଛି, ତେଣୁ କିଛି ସମସ୍ୟା ନାହିଁ ବୋଲି ମନମୋହନ କହିଛନ୍ତି।

# କୃଷକମାରଣ ନୀତି ବିରୋଧରେ ବିଜେଡିର ରଣହୁଙ୍କାର

## ୧୮ ରେ ବରଗଡ଼ରେ ବିରାଟ ଚାଷୀ ସମାବେଶ



- କୃଷି କ୍ଷେତ୍ରରେ ଚରମ ଅବହେଳା ଓ କେନ୍ଦ୍ରୀୟ ଅନୁଦାନରେ ହ୍ରାସ
- ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣ ପ୍ରକ୍ରିୟା ଚାଷୀଙ୍କୁ ଧାନ ବିକ୍ରିରୁ ବଞ୍ଚିତ କରିବ
- ସ୍ୱାମୀନାଥନ୍ ରିପୋର୍ଟ ଅନୁଯାୟୀ ଧାନ ଏମ୍ଏସ୍ପି ୩୧୦୦ ଦାବି

ଭୁବନେଶ୍ୱର,୮।୮(ସମିସ): ରାଜ୍ୟରେ ବିଜେପି ସରକାର ଗତ ୧୩ ମାସର ଶାସନରେ ଚାଷୀକୁଳର ସ୍ୱାର୍ଥକୁ ଉପେକ୍ଷା କରିଛନ୍ତି। ଏଥିପାଇଁ ରାଜ୍ୟର ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଚାଷୀମାରଣ ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରି ଆସନ୍ତା ୧୮ ତାରିଖରେ ବରଗଡ଼ଠାରେ ବିରାଟ ଚାଷୀ ସମାବେଶ କରିବାକୁ ବିଜେଡି ନିଷ୍ପତ୍ତି ନେଇଛି। ଏହା ପୂର୍ବରୁ ଶୁକ୍ରବାର ଦଳର କୃଷକ ସେଲ୍‌ର ଆବାହକତ୍ୱରେ ଶଙ୍ଖ ଭବନରେ ଏକ ରାଜ୍ୟସ୍ତରୀୟ ବୈଠକ ଆୟୋଜନ କରାଯାଇଥିଲା। ଏହି ବୈଠକରେ ରାଜ୍ୟରେ କୃଷକ ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ସବିଶେଷ ଆଲୋଚନା ହୋଇଛି।

ଏହି କାର୍ଯ୍ୟକ୍ରମ ପରେ, ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି କୃଷକ ସେଲ୍‌ର ଆବାହକ ପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି ଉପରେ ବର୍ଷିଥିଲେ। ଶ୍ରୀ ଆଚାର୍ଯ୍ୟ କହିଥିଲେ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ କୃଷି ଉତ୍ପାଦନର ବିକାଶ ହାର ୭.୮ ପ୍ରତିଶତ ଥିଲାବେଳେ, ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୩.୮ ପ୍ରତିଶତକୁ ଖସିଆସିଛି। ସେହିପରି, ଡବଲ ଇଞ୍ଜିନ ଓ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କ ସମୟରେ କେନ୍ଦ୍ରୀୟ ଅନୁଦାନ କମିଛି।୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ, ୨୦୨୪-୨୫ ଆର୍ଥିକ ବର୍ଷରେ, କେନ୍ଦ୍ରୀୟ ଅନୁଦାନ ୧୮.୧୯ ପ୍ରତିଶତ କମିଥିବା ବେଳେ କୃଷି କ୍ଷେତ୍ରରେ ମଧ୍ୟ କେନ୍ଦ୍ରୀୟ ଅନୁଦାନ କମିଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୪୬ କୋଟି ଟଙ୍କାର ଅନୁଦାନ ମିଳିଥିବା ବେଳେ ଏହା ୨୦୨୪-୨୫ ଆର୍ଥିକ ବର୍ଷରେ ୩୨ କୋଟି ଟଙ୍କାକୁ ଖସି ଆସିଛି। ସେହିପରି, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାକୁ ୨୨୩ କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ କୌଣସି ଅନୁଦାନ ମିଳିଲା ନାହିଁ। ଶ୍ରୀ ଆଚାର୍ଯ୍ୟ ଆହୁରି କହିଥିଲେ, ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ଖରିଫ ଧାନ କିଣା ପାଇଁ ଚାଷୀମାନଙ୍କୁ ପଞ୍ଜିକୃତ କରିବାକୁ ଆହ୍ୱାନ କରାଯାଇଥିବା ବେଳେ ଜଟିଳ ସର୍ତ୍ତ ପାଇଁ ଅଧିକାଂଶ ଚାଷୀ ପଞ୍ଜୀକରଣ କରିବାରେ ସକ୍ଷମ ହୋଇପାରୁନାହାନ୍ତି। ରାଜ୍ୟର ଚାଷୀଭାଇଙ୍କୁ ଧାନ ବିକ୍ରି ପ୍ରକ୍ରିୟାରୁ ନିବୃତ କରିବା ପାଇଁ ଏହା ରାଜ୍ୟ ସରକାରଙ୍କ ଏକ ଚାଲ୍। କାରଣ, ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ଦେଇ ପଡ଼ିଥିବା ଆର୍ଥିକ ବୋଝରୁ ମୁକୁଳିବା ପାଇଁ ରାଜ୍ୟ ସରକାର ଏଭଳି ଫନ୍ଦି ବାହାର କରିଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ସେହିପରି ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ବିଜେପି ବିନା କଟ୍‌ନୀଛଟ୍‌ନୀରେ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ, ଖରିଫ ଧାନ କିଣା ସମୟରେ, ରାଜ୍ୟ ସରକାର ଗ୍ରେଡ୍ ଆନାଲାଇଜର ଲଗାଇଲେ। ଯାହା ଫଳରେ ଧାନ ପ୍ରତି କୁଇଣ୍ଟାଲରେ ପ୍ରାୟ ୧୦ରୁ ୧୫ କେଜି କଟ୍‌ନୀଛଟ୍‌ନୀ ହେଲା। ବିଜେପିର ବିନା କଟ୍‌ନୀଛଟ୍‌ନୀରେ ଧାନ କିଣା ଓ ଦଲାଲମୁକ୍ତ ଧାନ କିଣା ପ୍ରତିଶ୍ରୁତି ବାସ୍ତବରେ ଏକ ଧୂଆଁବାଣରେ ପରିଣତ ହୋଇଛି। ଅନ୍ୟପଟେ ନିର୍ବାଚନ ସମୟରେ ବିଜେପି ତରଫରୁ ସ୍ୱାମୀନାଥନ କମିସନଙ୍କ ସୁପାରିସ ଅନୁଯାୟୀ ଧାନର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏହା କାହିଁକି ପ୍ରଦାନ କରାଯାଉ ନାହିଁ ବୋଲି ସଞ୍ଜୟ ଦାସବର୍ମା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ଇନପୁଟ୍ ସବ୍‌ସିଡି ନାମରେ ପ୍ରତି କୁଇଣ୍ଟାଲ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି। କିନ୍ତୁ, ଖରିଫ ଓ ରବି ଧାନ କିଣା ସମୟରେ, ଟୋକନ ମିଳିଥିବା ଅଧିକାଂଶ ଚାଷୀମାନଙ୍କ ଧାନ ଉଠିପାରିଲା ନାହିଁ। ଯୋଗାଣ ବିଭାଗର ରିପୋର୍ଟ ଅନୁଯାୟୀ, ପ୍ରାୟ ୧ ଲକ୍ଷ ୫୩ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇ ପାରିନାହିଁ। ଯେଉଁଥିପାଇଁ ସମଗ୍ର ଓଡିଶାରେ ଚାଷୀମାନେ ହଇରାଣ ହରକତ ହେଉଛନ୍ତି। ସେହି ସମସ୍ୟା ସମାଧାନ ହୋଇ ନ ଥିବା ବେଳେ, ଏବେ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଖରିଫ ଧାନ ପାଇଁ ପଞ୍ଜୀକରଣ ସମ୍ପୂର୍ଣ୍ଣ ଭାବେ ତ୍ରୁଟିପୂର୍ଣ୍ଣ ଓ ଚାଷୀମାରଣ ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି।

ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାରୁ କୃଷକ ପ୍ରତିନିଧିମାନଙ୍କ ସହିତ ଦଳର ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ଅରୁଣ ସାହୁ, ସୁଦାମ ମାରାଣ୍ଡି, ପ୍ରତାପ ଜେନା, ପ୍ରଣବ ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ପ୍ରୀତିରଞ୍ଜନ ଘଡେଇ, ବଦ୍ରି ପାତ୍ର, ନିରଞ୍ଜନ ପୂଜାରୀ, ଅଶୋକ ପଣ୍ଡା, ପ୍ରଫୁଲ୍ଲ ସାମଲ, ଅମର ପଟ୍ଟନାୟକ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ରମେଶ ମାଝୀଙ୍କ ସହିତ ଦଳୀୟ ବିଧାୟକଗଣ ଓ ବିଭିନ୍ନ ଜିଲ୍ଲାର ସଭାପତିମାନେ ଅଂଶଗ୍ରହଣ କରିଥିଲେ।

# ୪ ହାତୀଦାନ୍ତ ଜବତ, ୫ ମାଫିଆ ଗିରଫ



କେନ୍ଦୁଝର, ୮।୮(ସମିସ): କେନ୍ଦୁଝର ବନ ବିଭାଗକୁ ଏକ ବଡ଼ଧରଣର ସଫଳତା ମିଳିଛି। ନୟାକୋଟ ଥାନା ବାଲିବେଢ଼ା ଗ୍ରାମରେ ଚଢ଼ଉ କରି ୪ଟି ହାତୀଦାନ୍ତ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ୫ ମାଫିଆଙ୍କ ଗିରଫ କରିଛି। ସେମାନେ ହେଲେ, ନୟାକୋଟ ଥାନା ଅନ୍ତର୍ଗତ ବାଲିବେଢ଼ା ଗ୍ରାମର ଗଙ୍ଗାଧର ପାତ୍ର(୪୧), ଜମ୍ବିରିପସି ଗ୍ରାମର ନାରଦ ମୁଣ୍ଡା(୨୫), ମୟୂରଭଞ୍ଜ ଜିଲ୍ଲାର ରରୁଆଁ ଥାନା ଅନ୍ତର୍ଗତ ଭାଲିଆଡିହାର କେଦାରନାଥ ପାତ୍ର(୪୯), ଚମ୍ପୁଆ ଥାନା ଯୋଡ଼ାପୋଖରୀ ଗ୍ରାମର ଶ୍ରୀକୃଷ୍ଣଚନ୍ଦ୍ର ମୁଣ୍ଡା(୪୫) ଓ ସଦର ଥାନା ଅନ୍ତର୍ଗତ ବରଦାପାଳ ଗ୍ରାମର ଘସିରାମ ମୁଣ୍ଡା(୩୦) । ଜବତ ଦାନ୍ତଗୁଡ଼ିକର ଓଜନ ୫ କେଜି ୫୮ ଗ୍ରାମ୍ ହେବ ବୋଲି ଜଣାପଡ଼ିଛି।




ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା

## ଟୋଲ୍‌ଗେଟ୍‌ରେ ପୁଲିସର ଦାଦାଗିରି

# ଟ୍ରକ୍ ଚାଳକ ଓ ହେଲ୍‌ପରଙ୍କୁ ନିସ୍ତୁକ ମାଡ଼

ବୈଶିଙ୍ଗା, ୮।୮ (ସମିସ): ପୁଣି ପଦାକୁ ଆସିଲା ପୁଲିସ୍‌ର ବର୍ବରତା। ଟୋଲଗେଟ୍ ନିକଟରେ ଏକ ଟ୍ରକ୍‌କୁ ଅଟକାଇବା ସହ ଚାଳକ ଓ ହେଲପର୍‌ଙ୍କୁ ନିସ୍ତୁକ ମାଡ଼। ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଟୋଲଗେଟ୍ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏପରି ଏକ ଘଟଣା ଘଟିଛି। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ସାଧାରଣରେ ନାପସନ୍ଦ କରାଯିବା ସହ ସଂପୃକ୍ତ ଦୁଇ ପୁଲିସ୍ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ତେବେ ଭିଡିଓଟି କେଉଁ ଦିନର ତାହା ଜଣାପଡ଼ିନାହିଁ।

ସୂଚନା ଅନୁସାରେ, ଗୁରୁବାର ବିଳମ୍ବିତ ରାତିରେ ଏକ ଦ୍ରୁତଗାମୀ ଟ୍ରକ୍ ଓଭରଲୋଡିଂ ନେଇ ଟୋଲଗେଟ୍ ନିକଟରେ ପହଞ୍ଚିଥିଲା। ପରେ ବିନା ୟୁନିଫର୍ମରେ ଥିବା ପୁଲିସ କର୍ମଚାରୀ ଓ ଚାଳକଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ପୁଲିସ ପରେ ଚାଳକଙ୍କୁ ଆଲକହଲ ବ୍ରେଥ ଏନଲାଇଜରରେ ଚେକିଂ କରିବା ସହ ତାଙ୍କୁ ମାରପିଟ୍ କରୁଥିବାର ଦୃଶ୍ୟ ମଧ୍ୟ ଭିଡିଓରେ ଦେଖିବାକୁ ମିଳିଥିଲା। ଏପରିକି, ଜଣେ ପୁଲିସ ଏସଆଇ ଟ୍ରକ୍ ଭିତରେ ଜବରଦସ୍ତ ପଶି ଚାଳକଙ୍କୁ ମାଡ଼ ମାରିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ତେବେ ସାଦା ପୋଷାକରେ ବିଳମ୍ବିତ ରାତିରେ ପୁଲିସ ପାଟ୍ରୋଲିଂ ଓ ଗାଡ଼ି ଚେକିଂ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

# ହସ୍ତତନ୍ତ 'ଏକତା' ମେଳାରେ ସମ୍ବଲପୁରୀ ଶାଢ଼ିର ସ୍ଥାନ ନାହିଁ

ଭୁବନେଶ୍ୱର,୮।୮(ସମିସ): ଦେଶବିଦେଶରେ ସମ୍ବଲପୁରୀ ଶାଢ଼ିର ସୁନାମ ରହିଛି। ଭାରତ ବାହାରେ ଅନେକ ରାଷ୍ଟ୍ରରେ ସମ୍ବଲପୁରୀ ଶାଢ଼ିର ଚାହିଦା ବହୁତ ଅଧିକ ରହିଛି। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଜନତା ମଇଦାନରେ ଆୟୋଜିତ ହସ୍ତତନ୍ତ 'ଏକତା' ମେଳାରେ ସମ୍ବଲପୁରୀ ଶାଢ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ରାଜ୍ୟସ୍ତରୀୟ ହସ୍ତତନ୍ତ

## ପଶ୍ଚିମ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା



ମେଳା ମାନଚିତ୍ରରେ ରାଜ୍ୟର ବିଭିନ୍ନ ଅଞ୍ଚଳର ପ୍ରସିଦ୍ଧ ଶାଢ଼ିର ନାମ ଓ ଚିତ୍ର ଉଲ୍ଲେଖ ଥିବା ବେଳେ ସମ୍ବଲପୁରୀ ଶାଢ଼ିକୁ ସ୍ଥାନ ମିଳିନାହିଁ। ଏହାକୁ ପଶ୍ଚିମଓଡ଼ିଶାବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଆୟୋଜିତ ମେଳା ପରିସରରେ ଏକ ଓଡ଼ିଶା ମାନଚିତ୍ର ହୋଇଛି। ଏହି ମାନଚିତ୍ରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଉତ୍ପାଦିତ ହେଉଥିବା ହସ୍ତତନ୍ତ ବିଷୟରେ ସୂଚନା ଦିଆଯାଇଛି। ଟସର, ମାଣିଆବନ୍ଧ, କଟକୀ ଶାଢ଼ି, ଖଣ୍ଡୁଆପାଟ, ଡଙ୍ଗରିଆ ଶାଢ଼ି, ବମକାଇ ପସାପାଳି ଓ ହାବାସପୁରୀ ଭଳି ହସ୍ତତନ୍ତ ବିଷୟରେ ସୂଚନା ଦିଆଯାଇଛି। ମାତ୍ର ଏଠାରେ ସମ୍ବଲପୁରୀ ଶାଢ଼ି ବିଷୟରେ ବିନ୍ଦୁବିସର୍ଗ ନାହିଁ। ଏହାକୁ ନେଇ ସମ୍ବଲପୁରୀ ଶାଢ଼ି ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତି ଓଡ଼ିଆ କ୍ଷୋଭ ପ୍ରକାଶ କରିଛନ୍ତି। ବିଶେଷକରି ପଶ୍ଚିମ ଓଡ଼ିଶାର ବିଭିନ୍ନ ଶିଳ୍ପୀ ସଂଘ ପକ୍ଷରୁ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।


ଜାତୀୟ ହସ୍ତତନ୍ତ ଦିବସ ଅବସରରେ ୬ ତାରିଖରୁ ଜନତା ମଇଦାନରେ ଏହି ହସ୍ତତନ୍ତ ମେଳା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମେଳାକୁ ଉଦ୍‌ଘାଟନ କରିଥିବା ବେଳେ ବିଶିଷ୍ଟ ସିନେ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାର ଶୋଭାବର୍ଦ୍ଧନ କରିଛନ୍ତି। ହସ୍ତତନ୍ତକୁ ନେଇ ଓଡ଼ିଶା ଯଦି ଦେଶ ବିଦେଶରେ ନିଜର ପରିଚୟ ଖୋଜେ, ତେବେ ଏଥିରେ ପ୍ରଥମେ ସମ୍ବଲପୁରୀ ଶାଢ଼ିର କଥା ଆସିବ। ହେଲେ ଆୟୋଜିତ ରାଜ୍ୟସ୍ତରୀୟ ମେଳାରେ କେଉଁ କାରଣରୁ ସମ୍ବଲପୁରୀ ଶାଢ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଓଡ଼ିଶାର ସମୃଦ୍ଧ ବୟନ ଐତିହ୍ୟ ଓ ହସ୍ତଶିଳ୍ପ ପ୍ରଦର୍ଶନ ପାଇଁ ୬୦ଟି ଷ୍ଟଲ୍ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ୧୫୦୦ ରୁ ଅଧିକ ହସ୍ତତନ୍ତ ବୁଣାକାର ଅଂଶଗ୍ରହଣ କରିଛନ୍ତି।

## ହୋମ୍‌ଗାର୍ଡ ପରୀକ୍ଷା ବେଳେ ଅଘଟଣ

# ଦୌଡ଼ ବେଳେ ଟଳିପଡ଼ିଲେ ଆଶାୟୀ

ଖୋର୍ଦ୍ଧା,୮।୮(ସମିସ): ହୋମ୍‌ଗାର୍ଡ ପଦ ପାଇଁ ଶାରୀରିକ ପରୀକ୍ଷା ବେଳେ ଟଳି ପଡ଼ିଲେ ପରୀକ୍ଷାର୍ଥୀ। ଖୋର୍ଦ୍ଧା ଜିଲ୍ଲାରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତ ପରୀକ୍ଷାର୍ଥୀ ହେଲେ, ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ଏମାଦୁଲା ହକ ଖାଁ (୪୨) ।

ଜିଲ୍ଲା ପୁଲିସ ପ୍ରଶାସନ ଅଧୀନରେ ହୋମ୍‌ଗାର୍ଡ ନିଯୁକ୍ତି ନିମନ୍ତେ ଜିଲ୍ଲାସ୍ତରରେ ଲିଖିତ ପରୀକ୍ଷା ଦେଇଥିବା ୨୪ଶହ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬ଶହ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନଙ୍କର ୪ଟି ଗ୍ରୁପ୍‌ରେ ଶାରୀରିକ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା। ପୂର୍ବରୁ ୩ଟି ଗ୍ରୁପର ପରୀକ୍ଷାର୍ଥୀଙ୍କ ପରୀକ୍ଷା ଶେଷ ହୋଇଥିବା ବେଳେ ଆଜି ଶେଷ ଗ୍ରୁପର ପରୀକ୍ଷାର୍ଥୀଙ୍କ ପରୀକ୍ଷା ଖୋର୍ଦ୍ଧା ସହର ଉପକଣ୍ଠ ପୁଲିସ ରିଜର୍ଭ ପଡ଼ିଆଠାରେ ଅନୁଷ୍ଠିତ ହେଉଥିଲା। ୧୬ ଶହ ମିଟର ଦୌଡ଼ ପ୍ରତିଯୋଗିତାରେ ଦୌଡ଼ିବା ବେଳେ ଏମାଦୁଲା ହଠାତ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏକ ଘରୋଇ ହସ୍ପିଟାଲରେ



ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇବା ପରେ ଶବକୁ ପୁଲିସ୍ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ତାଙ୍କୁ ନିକଟତମ ଆତ୍ମୀୟଙ୍କ ଲାଗି ୪ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

ଏମାଦୁଲ୍ଲା କେରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟର ଖାଦ୍ୟ ଓ ଯୋଗାଣ ବିଭାଗରେ କାର୍ଯ୍ୟ କରୁଥିଲେ। ସେ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଘରେ ତାଙ୍କର ପତ୍ନୀ ସମେତ ୯ ବର୍ଷର ଏକ ଶିଶୁ ପୁତ୍ର ଏବଂ ୩ବର୍ଷର ଏକ ଶିଶୁ

## ୪ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

କନ୍ୟା ଅଛନ୍ତି। ତାଙ୍କ ମୃତ୍ୟୁ ପରେ ପରିବାରଲୋକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ପରିବାର ନିଃସ୍ୱ ହୋଇଯାଇଥିବା ବେଳେ ତାଙ୍କ ମୃତ୍ୟୁ ରେ ପରିବାର, ଆତ୍ମୀୟ, ଗାଁ ଲୋକଙ୍କ ମଧ୍ୟ ରେ ଦୁଃଖର ବାତାବରଣ ଖେଳି ଯାଇଥିଲା। ତେଣୁ ପରିବାର ପ୍ରତିପୋଷଣ ନିମନ୍ତେ ତାଙ୍କ ବିଧବା ପତ୍ନୀଙ୍କୁ ଚାକିରି ଏବଂ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଗ୍ରାମବାସୀଙ୍କ ସହ ପରିବାରଲୋକ ଆଜି ଜିଲ୍ଲା ଏସ୍‌ପି ସାଗରିକା ନାଥଙ୍କୁ ସାକ୍ଷାତ କରିଛନ୍ତି।

## ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ରୋକିବାକୁ ଆହ୍ୱାନ

# ଡିଜି ଅଫିସ୍ ଘେରିଲା କଂଗ୍ରେସ

କଟକ,୮।୮(ସମିସ): ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଚାଲିଛି। ପ୍ରତ୍ୟେକ ଦିନ ଗଣଦୁଷ୍କର୍ମଠାରୁ ଆରମ୍ଭ କରି ମହିଳାଙ୍କ ଉପରେ ଅକଥନୀୟ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସରକାର ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ଏଥିପାଇଁ ସରକାର ହିଁ ଦାୟୀ। ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ବକ୍ସିବଜାରସ୍ଥିତ ପୁଲିସ ମୁଖ୍ୟାଳୟ ସମ୍ମୁଖରେ ଆଜି ଆୟୋଜିତ ଧାରଣା ଓ ପ୍ରତିବାଦ ସଭାରେ କଂଗ୍ରେସ ନେତୃବୃନ୍ଦ ଏହି ଗୁରୁତର ଅଭିଯୋଗ ଆଣିଛନ୍ତି। କଂଗ୍ରେସ ନେତାମାନେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବାକୁ ଦାବି କରିଥିଲେ। ପିସିସି ସଭାପତି ଭକ୍ତ ଚରଣ ଦାସ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ କଂଗ୍ରେସର ଏକ ମହିଳା ପ୍ରତିନିଧିଦଳ ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ରୋକିବାକୁ କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଛି।

କଟକ ନଗର ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ତଥା ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଧାରଣା ଓ



## କାର୍ଯ୍ୟାନୁଷ୍ଠାନ ନନେଲେ ସବୁ ଥାନା ଆଗରେ ଧାରଣା ଚେତାବନୀ

ପ୍ରତିବାଦ ସଭାରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ଅନନ୍ତ ସେଠୀ ବରିଷ୍ଠ ନେତା ସୁରେଶ ରାଉତରାୟ, ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାଶ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ରବି ମଲ୍ଲିକ, ଶିବାନନ୍ଦ ରାୟ, ଓଡିଶା ପ୍ରଦେଶ ମହିଳା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଯୋଗ ଦେଇ ବିଜେପି ସରକାରର ବିଫଳତା ଓ ନାରୀ ସୁରକ୍ଷା ଦିଗରେ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟରେ ସରକାରଙ୍କ ବିଫଳତା ସମ୍ପର୍କରେ ଅଭିଯାନ ଜାରି ରହିଛି। ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ବଲାଙ୍ଗୀ ପୀଡିତାର ଅଭିଯୁକ୍ତଙ୍କୁ କାହିଁକି ଗିରଫ କରାଯାଉନାହିଁ? ପୁଲିସ କାହିଁକି ଏ ଦିଗରେ ଚୁପ୍ ହୋଇ ବସି ରହିଛି। ବିଜେପି ସରକାର ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଇ ରଖୁଥିବା ସେ ଅଭିଯୋଗ ଆଣିବା ସହ ପୁଲିସ ଏଦିଗରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ରାଜ୍ୟରେ ଥିବା ସମସ୍ତ ଥାନା ଆଗରେ ଧାରଣା ଦିଆଯିବ ବୋଲି ସେ କହିଛନ୍ତି।

ଏହି ଧାରଣାରେ ପୂର୍ବତନ ନଗର ସଭାପତି ଗିରିବାଳା ବେହେରା, ବନ୍ଦିତା ପରିଡା, ସସ୍ମିତା ବେହେରା, ମାନସ ଚୌଧୁରୀ, ଶୁଭେନ୍ଦୁ ମହାନ୍ତି, ଜିଲା କଂଗ୍ରେସ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ବରିଷ୍ଠ ନେତା ରାମ ଚନ୍ଦ୍ର ଗୋଚ୍ଛାୟତ, କଟକ ନଗର(ଜିଲ୍ଲା)କଂଗ୍ରେସ ମୁଖ୍ୟ-ମୁଖପାତ୍ର ମାନସ ପରିଡା, କଟକ ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟଙ୍କ ସମେତ ଓଡିଶାର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସଭାକୁ ବିଶ୍ୱଜିତ ଦାଶ ପରିଚାଳନା କରିଥିଲେ। କଂଗ୍ରେସର ଏହି ପ୍ରତିବାଦ ସଭା ପୂର୍ବରୁ ଏକ ବିଶାଳ ଶୋଭାଯାତ୍ରା ମାତାମଠରୁ ବାହାରି ପୁଲିସ ମୁଖ୍ୟାଳୟରେ ପହଞ୍ଚିଥିଲା।

# ରାଜପଥରେ ଜଳିଗଲା ଇଭି ସ୍କୁଟି ବୋଝେଇ ଟ୍ରକ୍

ଛତ୍ରପୁର,୮।୮(ସମିସ): ଛତ୍ରପୁର ଜାତୀୟ ରାଜପଥ ନିକଟରେ ଶୁକ୍ରବାର ଏକ ଇଭି ସ୍କୁଟି ବୋଝେଇ ଟ୍ରକ୍ ଜଳିଯାଇଛି। ଟ୍ରକ୍‌ରେ ୩୨ଟି ବିଦ୍ୟୁତ ସ୍କୁଟି ଥିବା ବେଳେ ସେଗୁଡ଼ିକ ଟ୍ରକ୍ ସହ ହୁ' ହୁ' ହୋଇ ଜଳିଥିଲା। ଦିଲ୍ଲୀରୁ ଆନ୍ଧ୍ରପ୍ରଦେଶର ସମପେଣ୍ଟାକୁ ଏହି ଟ୍ରକ୍ (ନଂ.ୟୁପି ୮୧ଇଟି -୦୪୮୬) ଇଭି ଗାଡ଼ିଗୁଡ଼ିକୁ ନେଇ ଯାଉଥିବାବେଳେ ଚାଳକ ଅଖିଳେଶ କୁମାର ତିୱାରୀ ଛତ୍ରପୁର ଜାତୀୟ ରାଜପଥ କଡ଼ରେ ଏକ ଢ଼ାବା ନିକଟରେ ରହିଥିଲେ। ସେଠାରେ ଥିବା ଏକ ଗ୍ୟାରେଜକୁ ୱେଲ୍‌ଡିଂ କରିବାକୁ କହିଥିଲେ। କିନ୍ତୁ ଗ୍ୟାରେଜର ପିଲା ମନା କରିଥିଲେ। ପରେ ଅଖିଳେଶ ସେଠାରେ ଥିବା ଦୋକାନରେ ଜଳଖିଆ ଖାଇ କ୍ୟାବିନ୍‌ରେ ଶୋଇ ପଡ଼ିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ୱେଲ୍‌ଡିଂ ଦୋକାନୀ ସିଲୁ ମହାରଣା ଗାଡ଼ିରୁ ଧୂଆଁ ବାହାରୁଥିବାର ଦେଖି ଚାଳକଙ୍କୁ ଡାକିଥିଲେ। ଅଖିଳେଶ ତୁରନ୍ତ ଢ଼ାବା ନିକଟରେ ଥିବା ଗାଡ଼ି ସର୍ଭିସ୍ କେନ୍ଦ୍ରକୁ ନେଇ ଗାଡ଼ିରେ ପାଣି ପକାଇଥିଲେ ବି ନିଆଁ ଜୋର୍‌ରେ ବ୍ୟାପି ଯାଇଥିଲା। ଛତ୍ରପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲିଭାଇବା ବେଳକୁ ଗାଡ଼ିରେ ବୋଝେଇ ହୋଇଥିବା ସମସ୍ତ ଇଭି ସ୍କୁଟି ପୋଡ଼ି ଯାଇଥିଲା। ଏନ୍‌ଏଚ୍‌ଆଇ ପାଟ୍ରୋଲିଂ ଟିମ୍ ଓ ଛତ୍ରପୁର ପୁଲିସ ପହଞ୍ଚିଥିଲେ। ଘଟଣାର ତଦନ୍ତ ଜାରି ରଖିଛି ପୁଲିସ। ଆନୁମାନିକ ୩୨ ଲକ୍ଷ ଟଙ୍କାର ସ୍କୁଟି ପୋଡ଼ି ନଷ୍ଟ ହୋଇଥିବା ସୂଚନା ମିଳିଛି।







# ଓଡ଼ିଶା ସ୍କୁଲ କଲେଜ ମିଳିତ ଶିକ୍ଷକ ସଂଘର ବିକ୍ଷୋଭ




କଟକ,୮।୮(ସମିସ): ଓଡ଼ିଶା ସ୍କୁଲ୍ କଲେଜ୍ ମିଳିତ ଶିକ୍ଷକ ସଂଘ କଟକ ଜିଲ୍ଲା ପକ୍ଷରୁ ଆଜି ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ଓ ଦାବି ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଶିକ୍ଷକମାନଙ୍କର ଏକ ଶୋଭାଯାତ୍ରା ସନ୍‌ସାଇନ୍ ପଡ଼ିଆରୁ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀ ଏବଂ ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡ଼ିକୁ ହେଲା ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରି ବିନା ପାରିଶ୍ରମିକରେ କାର୍ଯ୍ୟ କରୁଥିବା ବିଦ୍ୟାଳୟ ଗୁଡ଼ିକୁ ୨୦୧୩ ଅନୁଦାନ ଆଇନରୁ ବାଦ୍ ପଡ଼ିଥିବା ୧୯୪ଟି ଅନୁଦାନଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ଏବଂ ଅବସର ନେଇଥିବା ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ତୁରନ୍ତ ପେନସନ ବ୍ୟବସ୍ଥା କରିବା, ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ପଦ ଗୁଡ଼ିକ ପୂରଣ କରିବା ପାଇଁ ଦାବି କରାଯାଇଛି।

ଓଡ଼ିଶା ସ୍କୁଲ୍ କଲେଜ୍ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ କଟକ ଜିଲ୍ଲା ଶିକ୍ଷକ ସଂଘର ବିଜୟ କୁମାର ଛତ୍ର, କଳିଙ୍ଗ କେଶରୀ ପ୍ରଧାନ, ରାଜ୍ୟ କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ରଞ୍ଜନ ଦାଶଙ୍କ ସମେତ ସଭାପତି ସୁକାନ୍ତ ବେହେରା, ଅକ୍ଷୟ ମିଶ୍ର, ବିକ୍ରମ ଦାସ, ପ୍ରମୋଦ ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ ପଣ୍ଡା, ଏମ୍‌ଏ. କାସିମ ବେଗ୍, ପ୍ରଶାନ୍ତ ପତି, ସୁରେଶ ଚନ୍ଦ୍ର ଦାସ, ରାଜା ଓସିମ, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ ମହାପାତ୍ର, ଶଙ୍କର ସୁବୁଦ୍ଧି, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥି ଏବଂ ମଧୁସୂଦନ ଦେଙ୍କ ସମେତ ଶତାଧିକ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

## ଏସ୍‌ସିବି ମେଡିକାଲ: ବ୍ୟବଚ୍ଛେଦ ରିପୋର୍ଟରେ ଖାମଖିଆଲି

କଟକ,୮।୮(ସମିସ):

ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ଲୋକେ ବିଭିନ୍ନ ସ୍ତରରେ ହଇରାଣ ହରକତ ହେଉଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମଧ୍ୟ ଖାମଖିଆଲିରେ ପ୍ରସ୍ତୁତ ହେଉଛି। ଏଭଳି ଏକ ଘଟଣା ଆଜି ଜଣାପଡିଛି। ଗତବର୍ଷ ମେ ମାସରେ ମୃତ୍ୟୁବରଣ କରିଥିବା ଜଣେ ଯୁବକଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ମାର୍ଚ୍ଚ ମାସ ଦର୍ଶାଯାଇଛି। ଏହି ତ୍ରୁଟିପୂର୍ଣ୍ଣ ରିପୋର୍ଟ ପାଇଁ ଯୁବକଙ୍କ ପରିବାର ଲୋକେ ହୀନସ୍ତା ହେଲେଣି। ସରକାରୀ ସହାୟତା ମିଳିପାରୁନାହିଁ ବୋଲି ପରିବାର ଲୋକେ ଅଭିଯୋଗ ଉଠାଇଛନ୍ତି। ଏପରିକି ରିପୋର୍ଟରେ ସଂଶୋଧନ ପାଇଁ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦୌଡ଼ି ସୁଦ୍ଧା ସୁଫଳ ପାଇ ପାରୁନାହାନ୍ତି।




**ମୃତ୍ୟୁ ମେ'ରେ, ଦର୍ଶାଯାଇଛି ମାର୍ଚ୍ଚ ମାସ**

**ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁଁ ମିଳୁନି ସରକାରୀ ସହାୟତା**

ବ୍ୟବଚ୍ଛେଦ ରିପୋର୍ଟ ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱ ବହନ କରେ। ଅପମୃତ୍ୟୁ ତଥା କୌଣସି ପ୍ରକାର ଆକସ୍ମିକ ମୃତ୍ୟୁ ଘଟିଲେ ଶବ ବ୍ୟବଚ୍ଛେଦ ରିପୋର୍ଟ ଲୋଡ଼ା ପଡେ। ଏଥିରୁ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିଥାଏ। ଯଦ୍ୱାରା ମୃତ ବ୍ୟକ୍ତିର ପରିବାର ଲୋକେ ବିଭିନ୍ନ ସରକାରୀ ବ୍ୟବସ୍ଥାରେ ଉପକୃତ ହୁଅନ୍ତି। ମିଳିଥିବା ସୂଚନା ମୁତାବକ, ମଧୁପାଟଣା ଥାନା ଅନ୍ତର୍ଗତ ବିଚିତ୍ର ଦାସ ୨୦୨୪ ମେ' ୭ରେ ମୃତ୍ୟୁ ବରଣ କରିଥିଲେ। ସେ ନଦୀରେ ଗାଧାଉଥିବା ବେଳେ ଅସାବଧାନତା ବସତଃ ପାଣିରେ ବୁଡ଼ି ଯାଇଥିଲେ। ପୁଅର ମୃତ୍ୟୁପରେ ମା' ମିନି ଦାସ ଅସହାୟ ହୋଇପଡ଼ିଥିଲେ। ଅସହାୟ ମା'ଙ୍କୁ ସରକାରୀ ସୂତ୍ରରେ ଆର୍ଥିକ ସହାୟତାର ମିଳିବାର ନିୟମ ରହିଛି। ହେଲେ ସେ ଏହି ସହାୟତା ରାଶି ପାଇବାରୁ ଏପର୍ଯ୍ୟନ୍ତ ବଞ୍ଚିତ ହୋଇଛନ୍ତି। ମିନିଙ୍କ ଅଭିଯୋଗ ମୁତାବକ, ବିଚିତ୍ରଙ୍କର ଏସସିବି ମେଡ଼ିକାଲରେ ଶବ ବ୍ୟବଚ୍ଛେଦ ହୋଇଥିଲା। ମୃତ୍ୟୁର କିଛି ଦିନ ପରେ ଏଫ୍‌ଏମ୍‌ଟି ବିଭାଗ ପକ୍ଷରୁ ବ୍ୟବଚ୍ଛେଦ ରିପୋର୍ଟ ପ୍ରଦାନ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ଯୁବକର ମୃତ୍ୟୁ ମାର୍ଚ୍ଚ ୮ରେ ହୋଇଥିବା ଦର୍ଶାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ତ୍ରୁଟି ଥିବାରୁ ବୃଦ୍ଧା ମା'ଙ୍କୁ ସରକାରୀ ସହାୟତା ମିଳିପାରି ନାହିଁ। ରିପୋର୍ଟକୁ ସଂଶୋଧନ କରିବା ଲାଗି ସେ ବିଭାଗକୁ ବହୁବାର ଦୌଡ଼ି ନିରାଶ ହୋଇଥିଲେ। ପରେ ସେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ମୁଖ୍ୟ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପରିକି ରିପୋର୍ଟରେ ଜିଲ୍ଲାର ନାମରେ ମଧ୍ୟ ଭୁଲ୍ ଦର୍ଶାଯାଇଛି। କଟକ ବଦଳରେ ଖୋର୍ଦ୍ଧା ଉଲ୍ଲେଖ ରହିଛି।

## ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଭା ପଟ୍ଟନାୟକଙ୍କ ପରଲୋକ

କଟକ,୮।୮(ସମିସ): ବିଶିଷ୍ଟ କଣ୍ଠଶିଳ୍ପୀ ତଥା କବିୟତ୍ରୀ ପ୍ରଭା ପଟ୍ଟନାୟକଙ୍କର ଆଜି ଏକ ଘରୋଇ ଡାକ୍ତରଖାନାରେ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୮ବର୍ଷ ହୋଇଥିଲା। ୧୯୪୭ ନଭେମ୍ବର ୨୭ରେ ପଦ୍ମଚରଣ ମହାପାତ୍ର ଏବଂ କୁନ୍ତଳା କୁମାରୀ ମହାପାତ୍ରଙ୍କ ଔରସରୁ ପ୍ରଭା ଜନ୍ମଗ୍ରହଣ କରିଥିଲେ। ସେ ହେଉଛନ୍ତି ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଦେବେନ୍ଦ୍ର ମୋହନ ପଟ୍ଟନାୟକଙ୍କ ଧର୍ମପତ୍ନୀ। ବୋର୍ଡ ହାଇସ୍କୁଲର ସେ ପ୍ରଥମ ମାଟ୍ରିକ ବ୍ୟାଚର ଛାତ୍ରୀ ଥିଲେ। ଜଣେ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଏବଂ କବୟିତ୍ରୀ ଭାବେ ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା କରିପାରିଥିଲେ। ବହୁ ପୁସ୍ତକ ଏବଂ କ୍ଷୁଦ୍ରଗଳ୍ପ ସେ ରଚନା କରିଥିଲେ। ସମାଜସେବା ଏବଂ ଅନେକ ସାମାଜିକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ। ଓଡ଼ିଶା ଲେଖିକା ସଂସଦର କାର୍ଯ୍ୟକାରୀ ସଭାପତି, ଆନ୍ତର୍ଜାତୀୟ ନାଟ୍ୟ ମହୋତ୍ସବ ଏବଂ ଆନ୍ତର୍ଜାତୀୟ ଗୀତ ଓ ନାଟକ ମହୋତ୍ସବର ଉପାଧ୍ୟକ୍ଷା ଥିଲେ। ତାଙ୍କ କନ୍ୟା ଆଇନଜୀବୀ ଶାଶ୍ୱତା ପଟ୍ଟନାୟକ ଏବଂ ଜାମାତା ଶୁଭେନ୍ଦୁ ପଟ୍ଟନାୟକ ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।



## ଉଠା ଦୋକାନୀଙ୍କୁ ଉଚ୍ଛେଦ ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବିପତ୍ର




କଟକ,୮।୮(ସମିସ): ମା ମଙ୍ଗଳା ଉଠା ଦୋକାନୀ ବ୍ୟବସାୟୀ ସଂଘ, ମର୍କତନଗର ଉଠା ଦୋକାନୀ ସଂଘ ଓ କଟକ ଉଠା ଦୋକାନୀ ମହାସଂଘ ପକ୍ଷରୁ ସେକ୍ଟର ୬ ଜୟପ୍ରକାଶ ନାରାୟଣ ପାର୍କସ୍ଥିତ ମା' ମଙ୍ଗଳା ମନ୍ଦିର ନିକଟରୁ ଉଠା ଦୋକାନୀଙ୍କୁ ସିଡିଏ ଦ୍ୱାରା ଉଚ୍ଛେଦ ପ୍ରତିବାଦରେ ଶତାଧିକ ଉଠା ଦୋକାନୀମାନେ ସେକ୍ଟର ୬ରୁ ଏକ ଶୋଭାଯାତ୍ରାରେ ଯାଇ କଚେରି ଗଡାରେ ପ୍ରତିବାଦ ଜଣାଇଥିଲେ। ଆଗକୁ ପୂଜା ପାର୍ବଣ ଆସୁଥିବାରୁ ଉଠା ଦୋକାନୀଙ୍କୁ ଉଚ୍ଛେଦ କରି ସେମାନଙ୍କ ଜୀବିକା ଛଡ଼ାଇ ନେବା କେତେଦୂର ଯଥାର୍ଥ ସେ ପ୍ରଶ୍ନ ଉଠା ଦୋକାନୀମାନେ ଉଠାଇଥିବା ବେଳେ ତୁରନ୍ତ ଥଇଥାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କଟକ ଉଠା ଦୋକାନୀ ମହାସଂଘର ସଭାପତି ଅମରେନ୍ଦ୍ର ମହାନ୍ତି, ସମ୍ପାଦକ ଅକ୍ଷୟ ସାହୁ ମର୍କତନଗର ଉଠା ଦୋକାନୀ ସଂଘ ଆବାହକ ନରୋତ୍ତମ ଦାସ, ଉପଦେଷ୍ଟା ବିନୋଦ ବେହେରା, ପ୍ରସନ୍ନ ମହାପାତ୍ର, ନବନିର୍ମାଣ ବିକାଶ ମଞ୍ଚ ସଭାପତି ଡ. ଜ୍ଞାନଗୁରୁ ଦାସ, ମା ମଙ୍ଗଳା ଉଠା ଦୋକାନୀଙ୍କ ପକ୍ଷରୁ ଜଗନ୍ନାଥ ସାହୁ, ରାଇଚରଣ ବେହେରା, ରାଜେଶ କୁଅଁର, ଅକ୍ଷୟ କୁମାର, ହରେକୃଷ୍ଣ ସାହୁ, ବାସନ୍ତୀ ସ୍ୱାଇଁ, ବାଦାମବାଡି ସଂଘର ଛବି ଖୁଣ୍ଟିଆ, ନେତା ଦେହୁରୀ, ନିତ୍ୟାନନ୍ଦ ନାୟକ, ପ୍ରମୁଖ କଟକ ଜିଲ୍ଲାପାଳଙ୍କୁ ଉଚ୍ଛେଦ ଉଠାଦୋକାନୀଙ୍କୁ ଥଇଥାନ ଦାବିରେ ଏକ ଦାବିପତ୍ର ପ୍ରଦାନ କରି ଥଇଥାନ ପାଇଁ ଆଲୋଚନା କରିଥିଲେ।

## ହିନ୍ଦୀ ଶିକ୍ଷକ ପ୍ରଶିକ୍ଷକ ସଂସ୍ଥାନରେ 'ରୂପକ' କାର୍ଯ୍ୟଶାଳା



କଟକ,୮।୮(ସମିସ): ହିନ୍ଦୀ ଶିକ୍ଷକ ପ୍ରଶିକ୍ଷକ ସଂସ୍ଥାନରେ ଆଦିତ୍ୟ ଭାରତ ଓ ହିନ୍ଦୀ ସଂସ୍ଥାନର ମିଳିତ ଆନୁକୂଲ୍ୟରେ 'ରୂପକ' କାର୍ଯ୍ୟଶାଳା ଆୟୋଜିତ ହୋଇଯାଇଛି। ସଂସ୍ଥାନର ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରସିଦ୍ଧ କବି ଅମରେଶ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସାରସ୍ୱତ ସାଧକ ପ୍ରଫେସର ତପନ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଦିତ୍ୟ ଭାରତର ପ୍ରତିଷ୍ଠାତା ଦେବାଶିଷ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ୧୦ ଓଡ଼ିଆ କଥା, ୧୦ କଥାଶିଳ୍ପୀ, ୧୦ ହିନ୍ଦୀ ଅନୁବାଦକ ଓ ୧୦ ଚିତ୍ରଶିଳ୍ପୀ ଆଧାରରେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟକ ଶ୍ରୀ ପଟ୍ଟନାୟକ ଅନୁବାଦ ସାହିତ୍ୟର ଅନନ୍ୟ କାର୍ଯ୍ୟକ୍ରମ ବୋଲି ଘୋଷଣା କରିଥିଲେ। ଅଧ୍ୟକ୍ଷ ପ୍ରଫେସର ପଣ୍ଡା ଅନୁବାଦକଙ୍କ ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସୌମ୍ୟଶ୍ରୀ କ୍ଷେତି କାର୍ଯ୍ୟକ୍ରମର ସଞ୍ଚାଳନ କରିଥିବା ବେଳେ ଭାସ୍କର୍ଯ୍ୟଶିଳ୍ପୀ ରବି ରଥ ଧନ୍ୟବାଦ ଦେଇଥିଲେ। କଥାକାର ପଦ୍ମଜ ପାଳ, ରବି ସ୍ୱାଇଁ, ଶ୍ରୀନିବାସ ପଣ୍ଡା, ସିତେଶ ତ୍ରିପାଠୀ, ରମେଶ ପଟ୍ଟନାୟକ, ଆଦିତେଶ୍ୱର ମିଶ୍ର, ମଦନ ମହାପାତ୍ର, ମୌସୁମୀ ପରିଡା, ସୁଜାତା ମହାପାତ୍ର, ଦେବାଶିଷ ସାମନ୍ତରାୟ, ଚିତ୍ରଶିଳ୍ପୀ ଦୀପକ ବିଶ୍ୱାଳ, ପ୍ରଣବ ଅଖଣ୍ଡ, ପ୍ରିୟଦର୍ଶିନୀ ମହାନ୍ତି, ନମିତା ପଟ୍ଟନାୟକ, ସୋମା ବାଗଚୀ, ଶୁଭ୍ରା ରାୟ, ସତ୍ୟ ଓଝା ଉପସ୍ଥିତ ଥିଲେ।

## ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକଙ୍କ ପତ୍ନୀ ବିୟୋଗ

କଟକ,୮।୮(ସମିସ): ରାଜ୍ୟର ପୂର୍ବତନ ଆଡଭୋକେଟ ଜେନେରାଲ ତଥା ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକଙ୍କ ପତ୍ନୀ ଅନସୂୟା ପଟ୍ଟନାୟକଙ୍କ ଆଜି ସକାଳେ ଶ୍ରୀବିହାର କଲୋନୀ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ହେଲା ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ୱାମୀ, ପୁଅ ଅଭିଜିତ, ଝିଅ ସୋମା ଓ ବହୁ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଅପରାହ୍ଣରେ ସତୀଚଉରା ସ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଯାଇଛି।



# ସିଏମ୍‌ସିର ପାର୍ବଣ ପ୍ରସ୍ତୁତି ବୈଠକ



କଟକ,୮।୮(ସମିସ): ଚୌଧୁରୀ ବଜାରସ୍ଥିତ ବିଜୁଭବନ ସମ୍ମିଳନୀ କକ୍ଷରେ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ଗଣେଶ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଥିଲା। ଅଗଷ୍ଟ ୨୭ରେ ଗଣେଶ ପୂଜା। ଏହି ଠାରୁ ପାର୍ବଣ ଋତୁ ପ୍ରବେଶ କରିବ। ପାର୍ବଣରେ ରାସ୍ତାଘାଟ, ଆଲୋକିକରଣ, ପରିମଳ ଓ ସ୍ୱଚ୍ଛତା ରକ୍ଷା ଦିଗରେ ବୈଠକରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା।

ସହରରେ ଆନୁମାନିକ ୨ ହଜାର ମଣ୍ଡପରେ ଗଣେଶ ପୂଜା ପାଳନ ହୁଏ। ମାତ୍ର ପଞ୍ଜିକୃତ ମଣ୍ଡପ ସଂଖ୍ୟା ୧୨ ଶହ। ସିଏମ୍‌ସି, ପୁଲିସ ପ୍ରଶାସନ ଓ ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ଏଥି ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଅଗଷ୍ଟ ୩୧ରୁ ପ୍ରଥମ ପର୍ଯ୍ୟାୟ ଭସାଣୀ ଉତ୍ସବ ଆରମ୍ଭ ହେବ। ସେପ୍ଟେମ୍ବର ୭ ଓ ୧୪ ତାରିଖରେ ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟରେ ବିସର୍ଜନ କରାଯିବ। ୮ଟି ଅସ୍ଥାୟୀ ଜଳାଶୟର ବ୍ୟବସ୍ଥା କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ପୂଜା ସମୟରେ ସହରର ରାସ୍ତାଘାଟ ମରାମତି, ଆଲୋକୀକରଣ, ପରିମଳ ପ୍ରତି ବିଶେଷ ଧ୍ୟାନ ଦିଆଯିବ। ଶୋଭାଯାତ୍ରାରେ ଡିଜେ ସାଉଣ୍ଡକୁ ୬୫ ଡେସିବେଲ ରୁ ଅଧିକ ନରଖିବା, ରାତି ୧୦ ଘଟିକା ପରେ ଡିଜେ, ମାଇକ, ଏବଂ ମେଲୋଡି କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ସମସ୍ତ ଆୟୋଜକ କମିଟିକୁ ଅନୁରୋଧ କରାଯାଇଛି। ଗଜାନନଙ୍କ ବିକୃତ ମୂର୍ତ୍ତି ନିର୍ମାଣକୁ ବାରଣ କରାଯାଇଛି। ବୈଠକରେ କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ସିଏମସି କମିଶନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, କଟକ ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତିକମିଟି ସଭାପତି ବିଜୟ ସାହୁ, ପୂର୍ବାଞ୍ଚଳ ଶାନ୍ତିକମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ, କୋଷାଧ୍ୟକ୍ଷ ନରେଶ ଚନ୍ଦ୍ର ସାହୁ, ଧର୍ମେଶ ନାୟକ, ପ୍ରଦୀପ ସିହ୍ନା, ନୃସିଂହ ଚୌଧରୀ, ଦେବାଶିଷ ରାୟଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ



କଟକ,୮।୮(ସମିସ): ଭାରତ ସରକାରଙ୍କ ତରଫରୁ ଇଷ୍ଟର୍ଣ୍ଣ ମିଡ଼ିଆ ଜୋନ୍ କଲଚର ବିଭାଗ ଦ୍ୱାରା ଆୟୋଜିତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ କଟକର କଳାବିକାଶ କେନ୍ଦ୍ର ପରିସରରେ ଅଗଷ୍ଟ ୪ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମରେ, ଲାଇଟ ସୋ, ନୃତ୍ୟ, ଚିତ୍ରାଙ୍କନ, ରାକ୍ଷୀ ବନେଇବା ପ୍ରତିଯୋଗିତା ସହିତ ସାଧାରଣ ଜ୍ଞାନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସ୍ୱାଧୀନତା ସମ୍ବନ୍ଧିତ ପ୍ରଶ୍ନମାନଙ୍କର ଉତ୍ତର ଅତିସୁନ୍ଦର ଭାବରେ ପିଲାମାନେ ଦେଇଥିଲେ। ସାଧାରଣଜ୍ଞାନ ପ୍ରତିଯୋଗିତାରେ ଏସ୍‌ସିବି ଡିଏଭିର ପିଲାମାନେ ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ, କେବିକେ ଗୀଟାରର ପିଲାମାନେ ଦ୍ୱିତୀୟ, ଏବଂ ଶ୍ରୀ ସତ୍ୟସାଇ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାଧାରଣଜ୍ଞାନ ପ୍ରତିଯୋଗିତାକୁ ସମ୍ପୂର୍ଣ୍ଣ ପରିଚାଳନା କରିଥିଲେ ଅଧକ୍ଷା ଡ. ସ୍ନେହ ମିଶ୍ର। ଏହି କାର୍ଯ୍ୟକ୍ରମରେ କଳାବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି, ସାଧାରଣ ସମ୍ପାଦକ କାମାକ୍ଷାପ୍ରସାଦ ମହତାବ, ଉପସଭାପତି ବିକାଶ ଦାଶ, ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର ନାଥ ଜଟ, ଅଭିଭାବକ ଓ ପିଲାମାନେ ଉପସ୍ଥିତ ଥିଲେ।

# ରୋଗୀମୃତ୍ୟୁକୁ ନେଇ ଉତ୍ତେଜନା

### ଚିକିତ୍ସାରେ ଅବହେଳା ନେଇ ପୁଲିସର ତଦନ୍ତ ଆରମ୍ଭ

କଟକ,୮।୮(ସମିସ):

ପୁଣି ଥରେ ରୋଗୀ ମୃତ୍ୟୁକୁ ନେଇ ଏକ ଘରୋଇ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଛି। ମଙ୍ଗଳାବାଗ କାଠଗୋଲା ସାହିରେ ଥିବା 'ଟି-କେୟାର' ହସ୍ପିଟାଲରେ ଚିକିତ୍ସାଜନିତ ତ୍ରୁଟି ସାମ୍ନାକୁ ଆସିଛି। ସାଧାରଣ ଆବୁ ଅପରେସନ୍ ପରେ ରୋଗୀର ମୃତ୍ୟୁ ଘଟଣାକୁ ନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ହସ୍ପିଟାଲ୍ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

ପୁଲିସ ସୂଚନା ଅନୁଯାୟୀ, ଜଗତସିଂହପୁର ଜିଲ୍ଲା ଶାଳଗାଁର ପ୍ରଭାତ କୁମାର ଭୋଇ(୪୫)ଙ୍କ ବାମ ପଟ କାନ ପଛପଟେ ଆବୁ ହେଇଥିଲା। ଏହି ଆବୁର ଅପରେସନ୍ ପାଇଁ ସେ ପତ୍ନୀ ସସ୍ମିତା ଭୋଇଙ୍କ ସହିତ କାଠଗୋଲା ସାହିରେ ଥିବା ଟି-କେୟାର ହସ୍ପିଟାଲକୁ ଗତକାଲି ୭ ତାରିଖ ଦିନ ପ୍ରାୟ ଗୋଟାଏ ବେଳେ ଆସିଥିଲେ। ଗତକାଲି ୩ଟା ବେଳେ ଅପରେସନ୍ ହୋଇଥିଲା। ସନ୍ଧ୍ୟାରେ ପ୍ରଭାତ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ରାତି ପ୍ରାୟ ୧୨ଟା ବେଳେ ପ୍ରଭାତଙ୍କ ମୃତ୍ୟୁ ହୋଇ ଯାଇଥିଲା। ରୋଗୀ ମୃତ୍ୟୁକୁ ନେଇ ପରିବାର ଓ ସମ୍ପର୍କୀୟ ହସ୍ପିଟାଲ ପରିସରରେ ପାଟିତୁଣ୍ଡ କରିଥିଲେ। ଆଜି ସକାଳେ ହସ୍ପିଟାଲ୍ ପରିସରରେ ସ୍ଥିତି ଅଶାୟତ ହୋଇଥିଲା। ଏଭଳି ଖାମଖିଆଲି ଓ ତ୍ରୁଟିପୂର୍ଣ୍ଣ ଅପରେସନ ଯୋଗୁ ରୋଗୀର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ଘଟଣା ସମ୍ପର୍କରେ ମଙ୍ଗଳାବାଗ ଥାନା ପୁଲିସ ପହଞ୍ଚି ଉତ୍ୟକ୍ତ ପରିବାର ଲୋକଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରିଥିଲା। ଶେଷରେ କଟକ ବଡ଼ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଦିନ ପ୍ରାୟ ଗୋଟାଏ ବେଳେ ଶବ ବ୍ୟବଚ୍ଛେଦ ସରିବା ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ ଗାଁରେ ଅନ୍ତିମ ସଂସ୍କାର କରିଛନ୍ତି। ଏହି ଘଟଣାରେ ପ୍ରଭାତଙ୍କ ପିଉସୀ ପୁଅ ଭାଇ ସରୋଜ କୁମାର ସାମଲ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ତ୍ରୁଟିପୂର୍ଣ୍ଣ ଅପରେସନ୍ କରିଥିବା ଏହି ହସ୍ପିଟାଲ୍ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରିବାର ଲୋକେ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଜୋନ୍ ୨ ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମୃତକଙ୍କ ମଧୁମେହ ରୋଗ ଥିଲା। ଆବୁ ଅପରେସନ୍ ପୂର୍ବରୁ ଟି-କେୟାର ହସ୍ପିଟାଲ ପକ୍ଷରୁ କୌଣସି ପରୀକ୍ଷା କରାଯାଇନଥିଲା। ଅପରେସନ୍ ପରେ ରୋଗୀର ମୃତ୍ୟୁ ହୋଇଥିବା ସଂକ୍ରାନ୍ତରେ ମଙ୍ଗଳାବାଗ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିଜେପିର 'ଭୋଟ୍ ଚୋରି' ବିରୋଧରେ ବିକ୍ଷୋଭ




କଟକ,୮।୮(ସମିସ): ପ୍ରବଳ ଅର୍ଥବଳ ଓ ଅଜସ୍ର ବିଜ୍ଞାପନ ପ୍ରଚାର ସତ୍ତ୍ୱେ ମୁକ୍ତ ଓ ଅବାଧ ନିର୍ବାଚନ ହେଲେ ବିଜେପିର ପରାଜୟ ସୁନିଶ୍ଚିତ। ସେଥିପାଇଁ ମୋଦି ସରକାର ନିର୍ବାଚନ କମିଶନ ମାଧ୍ୟମରେ ସ୍ୱତନ୍ତ୍ର, ସଂଘନ ଭୋଟର ତାଲିକା ସଂଶୋଧନ ନାଁରେ ବିହାରରେ ଭୋଟର ତାଲିକାରେ ବ୍ୟାପକ ଜାଲିଆତି ଚଳାଇଛନ୍ତି। ଏହାଦ୍ୱାରା ଲକ୍ଷାଧିକ ପ୍ରବାସୀ ବିହାରୀ ଶ୍ରମିକ ଓ ସଂଖ୍ୟାଲଘୁ ସଂପ୍ରଦାୟର ଭୋଟରମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯାଉଛି। ଏପରିକି ସୁପ୍ରିମକୋର୍ଟର ତାଗିଦକୁ ଅମାନ୍ୟ କରି ଆଧାର କାଡର୍, ଭୋଟର ପରିଚୟପତ୍ରକୁ ମଧ୍ୟ ପରିଚୟ ପାଇଁ ଗ୍ରହଣ କରାଯାଉନାହିଁ। ସିପିଆଇ(ଏମ୍) କଟକ ଜିଲ୍ଲା କମିଟି ପକ୍ଷରୁ କଟକ ଜିଲ୍ଲାପାଳ ଅଫିସ ସାମନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ଏବଂ ଜିଲ୍ଲାପାଳଙ୍କ ମାଧ୍ୟମରେ ନିର୍ବାଚନ କମିଶନର ଓ କେନ୍ଦ୍ର ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପାର୍ଟିର ଜିଲ୍ଲା ସଂପାଦକ ବଦ୍ରିନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରବି ନାରାୟଣ ମଲ୍ଲିକ, ଇଂ ମନମୋହନ ପତି, ପ୍ରତାପ ମହାପାତ୍ର, ବିଷ୍ଣୁ ବେହେରା, ଅଭୟ ସ୍ୱାଇଁ, ଚନ୍ଦ୍ରକାନ୍ତ ବେହେରା ଉଦ୍‌ବୋଧନ ଦେଇଥିଲେ।






ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ଶୁକ୍ରବାର ଶଙ୍ଖ ଭବନ ସମ୍ମୁଖରେ ବିଜେଡି କୃଷକ ସେଲ୍‌ର ରାଜ୍ୟସ୍ତରୀୟ ବୈଠକ

**ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣା**

# ପ୍ରେମିକକୁ ତାମିଲନାଡ଼ୁରୁ ଧରିଲା ପୁଲିସ୍

ପଟ୍ଟାମୁଣ୍ଡାଇ, ୮।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର କଲେଜ ଛାତ୍ରୀ ପିଠି ସଂଗୀତାଙ୍କ ଆତ୍ମାହୁତି ଘଟଣାରେ କେନ୍ଦ୍ରାପଡ଼ା ପୁଲିସ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି।

## ଘଟଣାସ୍ଥଳରେ ଏସ୍‌ପି ଓ ସାଇଣ୍ଟିଫିକ ଟିମ୍‌ର ତନାଘନା

ଏହି ଘଟଣାରେ କେନ୍ଦ୍ରାପଡ଼ା ପୁଲିସର ଏକ ଟିମ୍ ସଂଗୀତାଙ୍କ ପ୍ରେମିକ କୁହାଯାଉଥିବା ପଟ୍ଟାମୁଣ୍ଡାଇ ବ୍ଲକ୍ ତେରୋଇଁ ଗ୍ରାମର ପ୍ରମୋଦ ବେହେରାଙ୍କୁ ତାମିଲନାଡ଼ୁରୁ ଧରିଛି। ଅପରପକ୍ଷେ, ଆଜି ଅପରାହ୍ଣରେ ସାଇଣ୍ଟିଫିକ୍ ଟିମ୍ ସହ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିୟା ଓ ପଟ୍ଟାମୁଣ୍ଡାଇ ମଡେଲ ଥାନା ଆଇଆଇସି କାଠିଆପଡ଼ାରେ ସଂଗୀତାଙ୍କ ଘରେ ପହଞ୍ଚି ତଦନ୍ତ କରିଛି। ଘର ଛାତ ଉପରକୁ ଯିବା ସହ ଶିଡ଼ି ଘର ଓ ଗ୍ରିଲ ନିକଟରେ ପ୍ରମାଣ ଖୋଜିଛନ୍ତି। ଏହାସହ ପୁଲିସ ତାଙ୍କ ପରିବାର ଲୋକଙ୍କ ସହ ଗ୍ରାମବାସୀ ଓ ପଡ଼ୋଶୀଙ୍କ ମତାମତ ସଂଗ୍ରହ କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଏହି



ଘଟଣା ଉପରୁ ପରଦା ହଟାଇବାରେ ସହାୟକ ହେବ ବୋଲି ଏସପି ଗଣମାଧ୍ୟମକୁ କହିଛନ୍ତି। ସେହିପରି ସଂଗୀତାଙ୍କ ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କୁ ମଧ୍ୟ ପୁଲିସ ଘଟଣାସ୍ଥଳକୁ ଆଣି ତଥ୍ୟ ସଂଗ୍ରହ କରିଛି। ସାଇଣ୍ଟିଫିକ ଟିମର ତଦନ୍ତ, ପୋଷ୍ଟମର୍ଟମ ରିପୋର୍ଟ, ଘଟଣାସ୍ଥଳରୁ ସଂଗ୍ରହ କରାଯାଇଥିବା ଫିଙ୍ଗର ପ୍ରିଣ୍ଟ ଓ କେମିକାଲ ଟେଷ୍ଟରୁ ପ୍ରକୃତ ଘଟଣା ଉନ୍ମୋଚିତ ସହିତ ପ୍ରକୃତ ଅପରାଧୀ ପାଖରେ ପୁଲିସ ପହଞ୍ଚିପାରିବେ ବୋଲି ଏସପି ଓ ତଦନ୍ତକାରୀ ଅଫିସର କହିଛନ୍ତି।

ସେପଟେ, ପ୍ରେମିକ ପ୍ରମୋଦ ବେହେରାଙ୍କ ବାପା ଗଣେଶ ବେହେରା, ମା' ଓ ଭଉଣୀ, ଗ୍ରାମବାସୀ ଏହି ଘଟଣାରେ ଭିନ୍ନ ମତ ରଖିଛନ୍ତି। ସଂଗୀତାଙ୍କ ପରିବାରଲୋକ ପ୍ରମୋଦଙ୍କୁ ଫସାଇ ଦେଇଛନ୍ତି ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି। ପ୍ରମୋଦ ସମ୍ପୂର୍ଣ୍ଣ ନିରୀହ ଓ ତାଙ୍କର ଏଥିରେ କୌଣସି ସମ୍ପୃକ୍ତି ନାହିଁ। ସଂଗୀତାଙ୍କ ଆତ୍ମଦାହ ଓ ମୃତ୍ୟୁ ପାଇଁ ତାଙ୍କ ପରିବାରଲୋକେ ଦାୟୀ ବୋଲି ପ୍ରେମିକଙ୍କ ପରିବାରଲୋକ ଓ କିଛି ଗ୍ରାମବାସୀ କହିଛନ୍ତି।

**ନେତାଜୀଙ୍କୁ ଜାତୀୟ ପୁତ୍ର ଘୋଷଣା ପ୍ରସଙ୍ଗ**

# ଜବାବ ଦାଖଲ ପାଇଁ ପୁଣି ସମୟ ନେଲେ କେନ୍ଦ୍ର ସରକାର

କଟକ, ୮।୮ (ସମିସ): ନେତାଜି ସୁଭାଷ ଚନ୍ଦ୍ର ବୋଷଙ୍କୁ ଜାତୀୟ ପୁତ୍ର ଭାବେ ମାନ୍ୟତା ଓ ଜାନୁଆରୀ ୨୩ ଜନ୍ମଦିନକୁ ଜାତୀୟ ଦିବସ ଭାବେ ଘୋଷଣା ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ବିଚାରାଧୀନ ଜନସ୍ୱାର୍ଥ ମାମଲାରେ ବାରମ୍ବାର ନିର୍ଦ୍ଦେଶ ପରେ ମଧ୍ୟ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ଜବାବ ଦାଖଲ କରିନାହାନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ପିନାକ ପାଣି ମହାନ୍ତିଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି ସମୟରେ ଜବାବ ଦାଖଲ ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଅଧିକ ସମୟ ଲୋଡ଼ା ଯାଇଥିଲା। ହାଇକୋର୍ଟ ଦୁଇ ସପ୍ତାହ ଭିତରେ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ସହ ଅଗଷ୍ଟ ୨୨କୁ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଯେଉଁ ଭାବେ ସମ୍ମାନ ଓ ମାନ୍ୟତା ପ୍ରଦାନ କରାଯିବା କଥା, ତାହା ଏ ପର୍ଯ୍ୟନ୍ତ କରାଯାଇନାହିଁ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି, ନେତାଜୀଙ୍କୁ ଜାତୀୟ ପୁତ୍ର, ଜାନୁଆରୀ ୨୩କୁ ଜାତୀୟ ଦିବସ ଓ କଟକସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନକୁ ଜାତୀୟ ସଂଗ୍ରହାଳୟ ଭାବେ ଘୋଷଣା କରାଯାଉ। ଜାନୁଆରୀ ୨୨ରେ ହାଇକୋର୍ଟ ମାମଲାର ଶୁଣାଣି କରି କେନ୍ଦ୍ର ସରକାରଙ୍କ ନିକଟରୁ ଜବାବ ତଲବ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସତ୍ୟଜିତ ମୁଖାର୍ଜୀ ମାମଲା ପରିଚାଳନା କରୁଛନ୍ତି।

# ରାଜ୍ୟରେ ପିଏମ୍ ଗତି ଶକ୍ତି ଅଦୃଶ୍ୟ

■ ୧୮ ପ୍ରସ୍ତାବରୁ ମାତ୍ର ୨ଟି କାର୍ଯ୍ୟକାରୀ କରାଯିବାକୁ ଯୋଜନା
■ ରାଜ୍ୟସଭାରେ ଚିନ୍ତାପ୍ରକଟ କଲେ ସାଂସଦ ମାନସ ମଙ୍ଗରାଜ

ଭୁବନେଶ୍ୱର, ୮।୮ (ସମିସ): ଓଡ଼ିଶାରେ ପିଏମ୍ ଗତି ଶକ୍ତି ପ୍ରସଙ୍ଗରେ ରାଜ୍ୟସଭାରେ ଚିନ୍ତାପ୍ରକଟ କରିଛନ୍ତି ସାଂସଦ ମାନସ ମଙ୍ଗରାଜ। ରାଜ୍ୟରେ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍‌ର ଅଗ୍ରଗତି କାର୍ଯ୍ୟକାରିତାରେ ମନ୍ଥରତାକୁ ନେଇ ସେ ପ୍ରଶ୍ନ ଉଠାଇବା ସହ ପଦକ୍ଷେପ ନେବାକୁ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଓଡ଼ିଶା ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ସହ ଯୋଡି ହୋଇଛି କି ନାହିଁ ଏହା ଅଧୀନରେ କେଉଁ ମୁଖ୍ୟ ପ୍ରକଳ୍ପ ଯୋଜନା କରାଯାଉଛି କିମ୍ବା କାର୍ଯ୍ୟକାରୀ କରାଯାଇଛି। ଏହା ସହ କେଉଁ ବିଭାଗ ଯୋଡି ହୋଇଛି। କାର୍ଯ୍ୟକାରୀରେ କଣ ସବୁ ବାଧା ସୃଷ୍ଟି ହେଉଛି ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏଥିରେ କଣ ସହଯୋଗ କରୁଛି ବୋଲି ସାଂସଦ ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଛନ୍ତି।

ଏହାର ଉତ୍ତରରେ ବାଣିଜ୍ୟ ଏବଂ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଯତୀନ ପ୍ରସାଦ କହିଛନ୍ତି ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଏହି ମାଷ୍ଟର ପ୍ଲାନ୍ ସହ ଯୋଡି ହୋଇଛନ୍ତି। ଦେଶରେ ମୋଟ୍ ୨୯୨ଟି ଭିତ୍ତିଭୂମି ପ୍ରକଳ୍ପର ଯୋଜନା କାର୍ଯ୍ୟକାରୀ କରାଯିବାକୁ ବିଚାରବିମର୍ଶ କରାଯାଉଛି। ଓଡ଼ିଶାରେ ମୋଟ୍ ୧୮ ପ୍ରକଳ୍ପର କାର୍ଯ୍ୟକାରୀ କରିବାକୁ ତର୍ଜମା କରାଯାଉଛି। ଏଥିମଧ୍ୟରୁ ମାତ୍ର ୨ରେ ରାଜ୍ୟସ୍ତରୀୟ ନେଟୱର୍କ ପ୍ଲାନିଂ ଗ୍ରୁପ୍ ଜରିଆରେ କାର୍ଯ୍ୟକାରୀ କରାଯିବାର ଯୋଜନା ରହିଛି। ବହୁ-ମାଧ୍ୟମିକତା, ଆନ୍ତଃ-ମାଧ୍ୟମିକତା, ଶେଷ-ମାଇଲ ସଂଯୋଗ, ଏକୀକୃତ ଏବଂ ଦକ୍ଷ ଯୋଜନା ଏବଂ ବିଭିନ୍ନ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ଭିତ୍ତିଭୂମି ପ୍ରକଳ୍ପ ଯୋଜନାରେ ଆହ୍ୱାନ ହୋଇଛି। ପିଏମ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ (ପିଏମଜିଏସ ଏନଏମପି) କାର୍ଯ୍ୟକାରୀ ହେବା ସହିତ ଏହି ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରାଯାଉଛି। ଏଥିରେ ମଲ୍ଟିମୋଡାଲିଟି, ଇଣ୍ଟର ମୋଡାଲିଟି, ଶେଷ ମାଇଲ କନେକ୍ଟିଭିଟି, ସଂଯୋଗୀକରଣ ଏବଂ ଦକ୍ଷ ପ୍ଲାନିଂ ଭଳି ଚ୍ୟାଲେଞ୍ଜ ରହିଛି ବୋଲି ଶ୍ରୀ ପ୍ରସାଦ କହିଛନ୍ତି।

# ୩ ବର୍ଷ ମଧ୍ୟରେ ଓଡ଼ିଶା ଚାଷୀ ପାଇଛନ୍ତି ମାତ୍ର ୯୨୫କୋଟି ଫସଲ ବୀମା

ଭୁବନେଶ୍ୱର, ୮।୮ (ସମିସ): ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ରାଜ୍ୟରେ କେତେଜଣ ଚାଷୀ ମୋଟାମୋଟି ଭାବେ ପଞ୍ଜୀକୃତ ହୋଇଛନ୍ତି। ଏହାସହ କେତେଜଣ ପ୍ରିମିୟମ୍ ପାଇଛନ୍ତି ବୋଲି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ପ୍ରଶ୍ନ କରିଛନ୍ତି। ଏନେଇ କୃଷିରାଷ୍ଟ୍ର ମନ୍ତ୍ରୀ ରାମନାଥ ଠାକୁର କହିଛନ୍ତି ରାଜ୍ୟରେ ୨୦୨୨-୨୩ ଖରିଫ ପର୍ଯ୍ୟନ୍ତ ମଧ୍ୟରେ ୫୭୮.୧ କୋଟି, ୨୦୨୩-୨୪ ମସିହାରେ ୨୩୫.୫କୋଟି ଏବଂ ୨୦୨୪-୨୫ରେ ୧୧୮କୋଟି ଟଙ୍କାର କ୍ଲେମ୍ କରାଯାଇଛି। ବିଗତ ୩ ବର୍ଷ ମଧ୍ୟରେ ୯୨୫କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହା ବଦଳରେ ବୀମା କମ୍ପାନୀଗୁଡ଼ିକ ୨୦୨୨-୨୩ରେ ୫୮୧କୋଟି, ୨୦୨୩-୨୪ରେ ୨୩୨କୋଟି ଏବଂ ୨୦୨୪-୨୫ରେ ୧୧୨କୋଟି ଟଙ୍କା ପ୍ରଦାନ କରିଛନ୍ତି

**ପଞ୍ଚଭୂତରେ ଲୀନହେଲେ ଖଣ୍ଡପଡ଼ା ରାଜା**

# ସିଦ୍ଧାର୍ଥ ଶେଖରଙ୍କ ରାଜ୍ୟାଭିଷେକ

ଖଣ୍ଡପଡ଼ା,୮।୮(ସମିସ): ଓଡ଼ିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି, ପୂର୍ବତନ ମନ୍ତ୍ରୀ ତଥା ଖଣ୍ଡପଡ଼ା ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କର ଆଜି ଅନ୍ତ୍ୟେଷ୍ଟିକ୍ରିୟା ସଂପନ୍ନ ହୋଇଛି। ସକାଳୁ ରାଜ ପରିବାର ରୀତିନୀତିରେ ରାଜାଙ୍କ ପାର୍ଥିବ ଶରୀରକୁ



ବିଦାୟ ଦେବା ପାଇଁ ରାଜ୍ୟର ବିଭିନ୍ନ ଗଡ଼ଜାତର ରାଜ ପରିବାର ସଦସ୍ୟମାନେ ଉପସ୍ଥିତ ରହି ଶୋକ ପ୍ରକାଶ କରିଥିଲେ। ଯୁବରାଜ ସିଦ୍ଧାର୍ଥ ଶେଖର ସିଂହ ରାଜାଭିଷେକ ହେବାପରେ ଶବ ସତ୍କାର କରିବା ପାଇଁ ଉପସ୍ଥିତ ଥିବା ଜନସାଧାରଣ ଓ ଶୁଭେଚ୍ଛୁଙ୍କୁ ବିନମ୍ରତା ସହ ନିବେଦନ କରିଥିଲେ। ରାଜାଙ୍କଠାରୁ ନିର୍ଦ୍ଦେଶ ପାଇବା ପରେ ପୂର୍ବରୁ ପ୍ରସ୍ତୁତି ହୋଇ ରହିଥିବା ଏକ ସୁସଜ୍ଜିତ ଗାଡ଼ିରେ ରାଜବାଟି ପରିସରରୁ ଏକ ବିଶାଳ ଶୋଭାଯାତ୍ରାରେ ରାଜାଙ୍କ ମରଶରୀରକୁ ଖଣ୍ଡପଡ଼ା ସହର ପରିକ୍ରମା କରାଯିବା ପରେ ଖଣ୍ଡପଡ଼ା ନିକଟସ୍ଥ ନନ୍ଦନ ବନରେ ଥିବା ରାଜ ପରିବାର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ରାଜ ପରିବାରର ନିୟମ ଅନୁଯାୟୀ ତାଙ୍କର ଧର୍ମ ପୁଅ ପୁରୋହିତ ଫକୀର ମୋହନ ଦାସ ମୁଖାଗ୍ନି ଦେଇଥିଲେ।

ଉତ୍ତରାଧିକାରୀ ପାଇଁ ଆଜି ସକାଳୁ ରାଜ ପରିବାରର ରୀତିନୀତି ଅନୁଯାୟୀ ଯୁବରାଜ ସିଦ୍ଧାର୍ଥ ଶେଖର ସିଂହଙ୍କ ରାଜ୍ୟାଭିଷେକ ନିମନ୍ତେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁଯାୟୀ ନୂତନ ରାଜାଙ୍କ ନିମନ୍ତେ ପ୍ରସ୍ତୁତ ହୋଇଥିବା ସୁବର୍ଣ୍ଣ ଓ ହୀରା ଖଚିତ ରାଜମୁକୁଟ ଶ୍ରୀ ସିଂହଙ୍କୁ ପିନ୍ଧା ଯିବା ସହିତ ହାତରେ ରୂପାର ଏକ ଖଡ୍ଗ ଧାରଣ କରାଯାଇଥିଲା। ଶ୍ରୀ ସିଂହ ଖଣ୍ଡପଡ଼ାର ୧୭ତମ ରଜା ଘୋଷିତ ହୋଇଛନ୍ତି।

**ହାଇକୋର୍ଟରେ ରାସନ୍‌କାର୍ଡଧାରୀଙ୍କ ଇ-କେୱାଇସି ଦାଖଲ ପ୍ରସଙ୍ଗ**

# ସଚେତନତା ସୃଷ୍ଟି କରିବାକୁ ସରକାରଙ୍କୁ ନିର୍ଦ୍ଦେଶ

କଟକ, ୮।୮ (ସମିସ): ସବୁ ଯୋଗ୍ୟ ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥା ମିଳିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଇ-କେୱାଇସି ଅପଲୋଡ୍ କେମିତି ହେବ, ସେନେଇ ଅଜ୍ଞ ଥିବା ହିତାଧିକାରୀଙ୍କୁ ଆବଶ୍ୟକ ଖାଦ୍ୟ ସାମଗ୍ରୀ ଯୋଗାଣ ସରକାର ବନ୍ଦ କରିଦେବାର ଆଶଙ୍କା ରହିଛି ବୋଲି ଦର୍ଶାଇ ଦାୟର ଜନସ୍ୱାର୍ଥ ମାମଲାର ହାଇକୋର୍ଟ ଶୁଣାଣି କରି ସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୁଲଭ ବିକ୍ରୟକେନ୍ଦ୍ରଗୁଡ଼ିକରେ ଆବଶ୍ୟକ ସ୍ଥଳେ ଏଥିପାଇଁ ଭିତ୍ତିଭୂମି ବିକାଶ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ବୈଷୟିକ ଜ୍ଞାନକୌଶଳ ଜାଣି ନ ଥିବା ବ୍ୟକ୍ତିବିଶେଷ ଫିଜିକାଲ କପି ବା ହାର୍ଡ କପି ମାଧ୍ୟମରେ ଇ-କେୱାଇସି ଅପଲୋଡ ସୁବିଧା ପାଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ରାସନ୍ କାର୍ଡଧାରୀଙ୍କୁ ସଚେତନ କରିବା ଲାଗି ପ୍ରତ୍ୟେକ ସୁଲଭ ବିକ୍ରୟ କେନ୍ଦ୍ରରେ ନୋଟିସ୍ ମାଧ୍ୟମରେ ସୂଚନା ପ୍ରଦାନ କରାଯିବ। ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମଗ୍ର ଇ-କେୱାଇସି ପ୍ରକ୍ରିୟା ସଂପୂର୍ଣ୍ଣ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଆବଶ୍ୟକତା ଓ ବିଶେଷ ପରିସ୍ଥିତିରେ ଏ ସଂପର୍କିତ ସମୟସୀମା ବୃଦ୍ଧି କରାଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଡ. ବିକାଶ ଦାସଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଲକ୍ଷାଧିକ ହିତାଧିକାରୀ ବଞ୍ଚିତ ହେବାର ସମ୍ଭାବନା ଥିବା ଦର୍ଶାଇ ଦାୟର ଏହି ଜନସ୍ୱାର୍ଥ ମାମଲାର ହାଇକୋର୍ଟରେ ଶୁଣାଣି ସମୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ଦର୍ଶାଯାଇଥିଲା ଯେ ବିଭାଗ ପକ୍ଷରୁ ସମସ୍ତ ୯୬ଲକ୍ଷ ପରିବାରକୁ ରାସନ ସାମଗ୍ରୀ ପ୍ରଦାନ କରାଯାଉଛି। ୩.୨୫କୋଟି ଲୋକ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ଚଳିତ ମାସ ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ବିତରଣ ପାଇଁ ବ୍ୟବସ୍ଥା କରାଯାଇଛି। ସେପ୍ଟେମ୍ବର ଓ ଅକ୍ଟୋବର ପାଇଁ ଆଗୁଆ ଏହି ପ୍ରକ୍ରିୟା ଅଗଷ୍ଟ ୧ରୁ କରାଯାଇଛି। ଆଧାର ଆଧାରିତ ଇ-କେୱାଇସି ଦାଖଲ କରିନଥିବା ୨୦.୫୮ ଲକ୍ଷ ହିତାଧିକାରୀଙ୍କୁ ରାସନ ସାମଗ୍ରୀ ବଣ୍ଟନ ବିଭାଗ ତରଫରୁ ବନ୍ଦ କରାଯାଇନାହିଁ ବୋଲି ସରକାରଙ୍କ ତରଫରୁ ସ୍ପଷ୍ଟ କରାଯାଇଥିଲା। ତେଣୁ କୌଣସି ଯୋଗ୍ୟ ହିତାଧିକାରୀ ରାସନ ସାମଗ୍ରୀ ପାଇବାରୁ ବଞ୍ଚିତ ହେବାର ଆଶଙ୍କା ନାହିଁ ବୋଲି ଜଣାପଡ଼ିଥିଲା।

**ସିଡିଏମଓଙ୍କୁ ମୌଖିକ ଜଣାଇଲେ ୧୧ ଆଟେଣ୍ଡାଣ୍ଟ**

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାନସିକ ନିର୍ଯାତନା ଅଭିଯୋଗ

ବାଲେଶ୍ୱର, ୮।୮(ସମିସ): ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆସିଛି ମାନସିକ ନିର୍ଯାତନାର ଅଭିଯୋଗ। ମୁଖ୍ୟ ଚିକିତ୍ସାଳୟରେ ନୂତନ ଭାବେ କାର୍ଯ୍ୟରେ ନିଯୁକ୍ତ ହେବାକୁ ଆସିଥିବା ଆଟେଣ୍ଡାଣ୍ଟମାନେ ହସ୍ପିଟାଲ ପରିଚାଳକଙ୍କ ନାଁରେ ଅଭିଯୋଗ ଆଣିଛନ୍ତି। ଏନେଇ ଆଜି ୧୧ଜଣ ଆଟେଣ୍ଡାଣ୍ଟ ସିଡିଏମଓ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ ବେହେରାଙ୍କୁ ଭେଟି ମୌଖିକ ଭାବେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନାନୁସାରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚଳିତ ମାସ ୬ ତାରିଖରେ ଜଣେ ଅଫିସର ସମସ୍ତ ନଥିପତ୍ର ଯାଞ୍ଚ କରିବା ପରେ ଆଟେଣ୍ଡାଣ୍ଟମାନେ ଯୋଗ ଦେଇଥିଲେ। ଏହାପରେ ସମସ୍ତଙ୍କୁ ହସ୍ପିଟାଲ ପରିଚାଳକଙ୍କୁ ଦେଖା କରିବାକୁ କୁହାଯାଇଥିଲା। ତେବେ ଏହି ସମୟରେ ହସ୍ପିଟାଲ ପରିଚାଳକ ସେମାନଙ୍କୁ ମାନସିକ ନିର୍ଯାତନା ଦେଇଥିବା ଆଟେଣ୍ଡାଣ୍ଟମାନେ ଅଭିଯୋଗ ଆଣିଛନ୍ତି।

**ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

# ଦାବି ପୂରଣ ନ ହେଲେ ୧୬ରେ ଆନ୍ଦୋଳନ

ଭୁବନେଶ୍ୱର,୮।୮(ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସେମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ସମସ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁଦାନ ଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ କରିବା, ରାଜ୍ୟର ସମସ୍ତ ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ଚାକିରି ସର୍ତ୍ତାବଳୀ ସହିତ ସରକାରୀ ଅନୁଷ୍ଠାନରେ ପରିଣତ କରି ପେନ୍‌ସନ୍ ପ୍ରଦାନ କରିବା, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ନୋସନାଲ୍ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ଖାଲି ପଦ ପୂରଣ, ଗ୍ରେଡ୍ ପେ ଅସଂଗତି ଦୂର, ଅବସର ବୟସସୀମା ୬୨ ବର୍ଷକୁ ବୃଦ୍ଧି କରିବା ଆଦି ପ୍ରମୁଖ ଦାବିକୁ ତ୍ୱରିତ ପୂରଣ କରିବା ପାଇଁ ଉଲ୍ଲେଖ କରିଛନ୍ତି। ଅନ୍ୟଥା ଆସନ୍ତା ୧୬ ତାରିଖ ବା "ଶିକ୍ଷକ ଦାବି ଦିବସ'ରେ ରାଜଧାନୀରେ ବିଶାଳ ଶିକ୍ଷକ ସମାବେଶ କରାଯିବ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସଙ୍ଗୀତ ଗୁରୁ ଗଙ୍ଗାଧର ସେଠୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ବାଲେଶ୍ୱର,୮।୮(ସମିସ): ବିଶିଷ୍ଟ ସଙ୍ଗୀତ ଗୁରୁ ସ୍ୱର୍ଗତ ଗଙ୍ଗାଧର ସେଠୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଏନେଇ ରେମୁଣାସ୍ଥିତ ବାସଭବନରେ ସ୍ମୃତିସଭା ଆୟୋଜନ କରାଯାଇଥିଲା। ଗଙ୍ଗାଧର ଏକାଧାରାରେ ସଙ୍ଗୀତ, ନୃତ୍ୟ ଓ ନାଟକ ରଚନାରେ ରାଜ୍ୟ ତଥା ଦେଶରେ ପ୍ରସିଦ୍ଧି ଲାଭ କରିଥିଲେ ବୋଲି ସଭାରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। କବି, ଲେଖକ ଓ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସଭାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଅମ୍ଲାନ ପ୍ରତିଭା ଗୁରୁ ଗଙ୍ଗାଧର ନାମରେ ସ୍ମାରକୀ ମଧ୍ୟ ଉନ୍ମୋଚିତ ହୋଇଥିଲା। କବି କାଳୀପଦ ପଣ୍ଡା ଏହାକୁ ଉନ୍ମୋଚନ କରିଥିଲେ। ଏହି ସ୍ମାରକୀରେ ଗୁରୁ ଗଙ୍ଗାଧରଙ୍କୁ ମନେ ପକାଇ ତାଙ୍କ ପ୍ରତିଭା ସମ୍ପର୍କରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ପୂର୍ବତନ ସାଂସଦ ପ୍ରଶାନ୍ତ ନନ୍ଦଙ୍କ ସମେତ ବହୁ ବ୍ୟକ୍ତି ନିଜର ବାର୍ତ୍ତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ପ୍ରକଟ କରିଛନ୍ତି।



# ୧୫ଫୁଟ୍ ତଳକୁ ଖସିଲା ପିକ୍-ଅପ୍; ୨୫ ଆହତ

ମୟୂରଭଞ୍ଜ,୮।୮(ସମିସ): ବାଇକ୍‌କୁ ଧକ୍କା ଦେଇ ୧୫ଫୁଟ୍ ତଳକୁ ଖସିପଡ଼ିଲା ପିକ୍-ଅପ୍। ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଅନ୍ତର୍ଗତ ନୂଆଗାଁ ଚିକିଟାମାଟିଆଠାରେ ଆଜି ବିଳମ୍ବିତ ରାତିରେ ଏପରି ଏକ ଦୁର୍ଘଟଣା ଘଟିଛି। ଏଥିରେ ପିକ୍‌ଅପ୍‌ରେ ଥିବା ୨୫ରୁ ଊର୍ଦ୍ଧ୍ୱ ଶ୍ରମିକ ଆହତ ହୋଇଥିବା ବେଳେ ୧୫ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କିସାନତାଣ୍ଡି ଓ ପରେ ବାରିପଦା ପିଆର୍‌ଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ, ଆଜି ରାତିରେ ବାଲେଶ୍ୱରରୁ ୩୫ ଶ୍ରମିକଙ୍କୁ ନେଇ ପିକ୍-ଅପ୍‌ଟି ମୟୂରଭଞ୍ଜକୁ ଆସୁଥିଲା। ନୂଆଗାଁ ଚିକିଟାମାଟିଆଠାରେ ପିକ୍-ଅପ୍‌ଟି ଏକ ବାଇକ୍‌କୁ ଧକ୍କା ଦେବା ପରେ ୧୫ଫୁଟ୍ ତଳକୁ ଖସିପିଡ଼ିଥିଲା।

# ଆଇଇଡି ବିସ୍ଫୋରଣରେ ଥରିଲା ସରଣ୍ଡା

ରାଉରକେଲା, ୮।୮(ସମିସ): ଆଇଇଡି ବିସ୍ଫୋରଣରେ ପୁଣି ଥରିଲା ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲ। ଏଥିରେ ୨୦୯ କୋବ୍ରା ବାଟାଲିୟନର ଦୁଇ ଯବାନ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଯବାନଦ୍ୱୟ ୨୦୯ କୋବ୍ରା ବାଟାଲିୟନ୍‌ର ରାମ ପ୍ରବେଶ ସିଂହ ଓ ଛୋଟା କଶ୍ୟପ। ସେମାନଙ୍କୁ ହେଲିକପ୍ଟର୍ ଯୋଗେ ଏୟାରଲିଫ୍ଟ କରି ରାଞ୍ଚି ନିଆଯାଇଛି। ପରେ ଉକ୍ତ ଅଞ୍ଚଳରେ କମ୍ବିଂ ଅପରେସନକୁ ଆହୁରି ଜୋରଦାର କରାଯାଇଥିବା ସୂଚନା ମିଳିଛି।



୨ ଯବାନ ଗୁରୁତର

ସୂଚନାମୁତାବକ,ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ପଶ୍ଚିମ ସିଂହଭୂମି ଜିଲ୍ଲାର ଜରେଇକେଲା ଥାନା ଅଧୀନ ସରଣ୍ଡା ଜଙ୍ଗଲରେ ଶୁକ୍ରବାର ସକାଳେ ଯବାନମାନେ ସର୍ଚ୍ଚ ଅପରେସନ୍ କରିଥିଲେ। ଦୀଘା ଓ ତିରିଲପୋଷି ମଝିରେ ଅବସ୍ଥିତ ଇନ୍ଦକୁଲି ଗାଁରେ ଅପରେସନ୍ ଚାଲିଥିବା ବେଳେ ଦିନ ପ୍ରାୟ ସାଢ଼େ ୧୦ଟା ବେଳେ ଏହି ବିସ୍ଫୋରଣ ହୋଇଥିଲା। ଏଥିରେ ଯବାନ ରାମ ପ୍ରବେଶ ଓ ଛୋଟା କଶ୍ୟପ ଆହତ ହୋଇଥିଲେ।

ଉଲ୍ଲେଖଯୋଗ୍ୟ, ଗତ ୩ତାରିଖ ଦିନ ମାଓବାଦୀଙ୍କ ସହିଦ ସପ୍ତାହ ପାଳନର ଅନ୍ତିମ ଦିବସରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ବିମଳାଗଡ଼-କିରିବୁରୁ ସେକ୍ସନ୍‌ର ରାଞ୍ଜଡ଼ା ଷ୍ଟେସନ୍‌ରୁ ୩ କି.ମି ଦୂରରେ ରେଳଧାରଣା ଖୁଣ୍ଟ ନମ୍ବର ୪୭୧/୧ ନିକଟରେ ମାଓବାଦୀମାନଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଏହି ଘଟଣାରେ ରେଲୱେ କର୍ମଚାରୀ ବୁଦ୍ଧୁରାମ ମୁଣ୍ଡା ଗୁରୁତର ଭାବେ ଆହତ ହୋଇଥିଲେ। ପୁନର୍ବାର ସେହିଦିନ ସକାଳ ୯ ଟା ୧୧ରେ ସେହି ଟ୍ରାକ୍ ର ଖୁଣ୍ଟ ନମ୍ବର ୪୭୭/୩୪-୩୫ ନିକଟରେ ଆଉ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟିଥିଲା। ଏଥିରେ ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମଙ୍କ ମୃତ୍ୟୁ ଘଟିଥିଲା।

# ଗାଡ଼ି ଚାଳକ ସ୍ତ୍ରୀକୁ ଦୁଷ୍କର୍ମ; ମାଲିକ ଗିରଫ

ବାରିପଦା, ୮।୮(ସମିସ): ଜଣେ ଗାଡ଼ି ଚାଳକଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ବାରିପଦା ସଦର ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଜଣଙ୍କ ହେଲେ, ବାରିପଦା ସଦର ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଅଞ୍ଚଳର ପ୍ରିୟବ୍ରତ ମଣ୍ଡଳ ଓରଫ୍ ଆୟୁଷ (୨୬)। ଅଭିଯୁକ୍ତ ପ୍ରିୟବ୍ରତ ଲକ୍ଷ୍ମୀପୋଷି ଅଞ୍ଚଳର ଏକ ବିଦେଶୀ ମଦ ଦୋକାନ ଚଳାନ୍ତି। ତାଙ୍କ ପାଖରେ ଡ୍ରାଇଭର୍ ଭାବରେ କାମ କରୁଥିଲେ ପୀଡ଼ିତା ମହିଳାଙ୍କ ସ୍ୱାମୀ। ଗତ ଜୁଲାଇ ୨୭ରେ ଚାଳକଙ୍କ ଘରକୁ ଅଭିଯୁକ୍ତ ଆସି ଗାଡ଼ିରେ ତେଲ ପକାଇବାକୁ କହି ତାଙ୍କୁ ଟାଙ୍କିଙ୍କୁ ପଠାଇ ଦେଇଥିଲା। ପରେ ସେ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ଦୁଷ୍କର୍ମ କରିଥିଲା। ଏପରିକି, ଏ ସଂପର୍କରେ କାହାରିକୁ ନ କହିବାକୁ ଧମକ ଦେଇଥିଲା। କିନ୍ତୁ ଏଥିରେ ଭୟଭୀତ ନ ହୋଇ ମହିଳାଜଣଙ୍କ ତାଙ୍କ ସ୍ୱାମୀଙ୍କୁ ସବୁ ଜଣାଇବା ପରେ ବାରିପଦା ସଦର ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୁକ୍ତକୁ ଗିରଫ କରି ମେଡିକାଲ ଯାଞ୍ଚ ପରେ କୋର୍ଟ ଚାଲାଣ କରିଛି। କିନ୍ତୁ, ପୁଲିସ ଏ ସଂପର୍କରେ ଗଣମାଧ୍ୟମକୁ ନ ଜଣାଇ ଚପାଇ ରଖିଥିବା ଜଣାପଡ଼ିଛି।

# ୨ ସଂଗଠନ ଓ ୭ଜଣଙ୍କ ଉପରେ କଟକଣା ଜାରି କଲା ରାୟଗଡ଼ା ପ୍ରଶାସନ

ରାୟଗଡ଼ା, ୮।୮ (ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ଦୁଇଟି ସଂଗଠନ ଓ ୭ଜଣଙ୍କ ଉପରେ ନିଷେଧାଦେଶ ଜାରି କରିଛି। ମାଟି ମାଁ ମାଳି ଏବଂ ନିୟମଗିରି ସୁରକ୍ଷା ମଞ୍ଚକୁ ଜିଲ୍ଲାର ସୁଙ୍ଗେର, ଆଡ଼ାଜୋର, ସିନ୍ଦୂରଘାଟି, ତାଳଝିରି ଓ କାଶୀପୁର ପଞ୍ଚାୟତ ଅଞ୍ଚଳରେ ପ୍ରବେଶ, ସମାବେଶ କିମ୍ବା କୌଣସି ସାର୍ବଜନୀନ କାର୍ଯ୍ୟକ୍ରମ କରିବା ଉପରେ କଟକଣା ଜାରି କରାଯାଇଛି। ଏହି କଟକଣା ଶୁକ୍ରବାର ଅପରାହ୍ଣ ୫ଟାରୁ ୧୧ତାରିଖ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଆବଶ୍ୟକ ପଡ଼ିଲେ ଏହି କଟକଣା ଅବଧିକୁ ବୃଦ୍ଧି କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି। ଅପରପକ୍ଷେ, ବିଶ୍ୱ ଆଦିବାସୀ ଦିବସ ଅବସରରେ ଜିଲ୍ଲାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ୧୨ ପ୍ଲାଟୁନ୍ ପୁଲିସ ମୁତୟନ କରାଯିବ ବୋଲି ସୂଚନା ମିଳିଛି।

**■ ମଦ ମାଫିଆଙ୍କ ଦୌରାତ୍ମ୍ୟ**

# ଅବକାରୀ ଟିମ୍‌କୁ ଆକ୍ରମଣ, ଗାଡ଼ି ଭାଙ୍ଗିଦେଲେ

ବୈଶିଙ୍ଗା/ବେତନଟୀ,୮।୮(ସମିସ): ଅବକାରୀ ଟିମ୍‌କୁ ମଦ ମାଫିଆଙ୍କ ସଂଘବଦ୍ଧ ଆକ୍ରମଣ। ଶୁକ୍ରବାର ଭୋର୍‌ରେ ବଡ଼ସାହି ଥାନା ଅଧୀନ ସାକୁଆ ଉପକଣ୍ଠ ବଣତାଳପଦାଠାରେ ଏହି ଘଟଣା ଘଟିଛି। ୧୨ରୁ ୧୫ଜଣ ଦୁର୍ବୃତ୍ତ ରାସ୍ତାରେ ଟ୍ରାକ୍ଟର୍ ରଖି ବାଟ ଅବରୋଧ କରିବା ପରେ ଅବକାରୀ ଟିମ୍‌କୁ ଆଖିବୁଜା ଆକ୍ରମଣ କରିଛନ୍ତି। ଟେକା, ପଥର ମାଡ଼ କରିବା ସହ ଠେଙ୍ଗା ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ତେବେ ସୌଭାଗ୍ୟକୁ ସେଥିରେ ଥିବା ଅବକାରୀ କର୍ମଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏ ସଂପର୍କରେ ଆଜି ସକାଳେ ବଡ଼ସାହି ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଏକ ମାମଲା ରୁଜୁ କର ତନାଘନା ଆରମ୍ଭ କରିଛି।

**ଥାନାରେ ମାମଲା ରୁଜୁ**

ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁଙ୍କ ସୂଚନା ମୁତାବକ, ଚୋରା ମଦ ବାହାର ଜିଲ୍ଲାକୁ ଚାଲାଣ ହେଉଥିବା ଖବର ପାଇ ଶୁକ୍ରବାର ଭୋର୍‌ରେ ଏକ ଟିମ୍ ଚଢ଼ଉ କରିବାକୁ ବାହାରିଥିଲା। ତେବେ ବାଟରେ ତିନିଟି ଭ୍ୟାନ୍ ଏକସଙ୍ଗେ ଯାଉଥିବା ବେଳେ ସନ୍ଦେହ ହେବାରୁ ଅବକାରୀ ଟିମ୍ ସେମାନଙ୍କ ପିଛା କରିଥିଲେ। ଏହା ଜାଣି ପାରି ସାକୁଆ ଉପକଣ୍ଠ ବଣତାଳପଦା ନିକଟରେ ମାଫିଆମାନେ ଏକ ଟ୍ରାକ୍ଟର୍‌କୁ ରାସ୍ତା ଉପରେ ଥୋଇ ଦେଇଥିଲେ। ଫଳରେ ଅବକାରୀ ବିଭାଗର ଗାଡ଼ି ଆଉ ଆଗକୁ ଯାଇ ପାରିନଥିଲା। ଏହି ସମୟରେ ହଠାତ୍ ୧୨ରୁ ୧୫ଜଣ ଦୁର୍ବୃତ୍ତ ଟେକା, ପଥର, ଠେଙ୍ଗା ଏବଂ ମାରଣାସ୍ତ୍ର ସାହାଯ୍ୟରେ ଅବକାରୀ ଟିମ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ। ପରେ ସେମାନେ ଫେରାର୍ ହୋଇଯାଇଥିଲେ। ତେବେ ଗାଡ଼ିରେ ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁ, ଏଏସ୍‌ଆଇ ଉର୍ମିଳା ବେହେରା, ମାନସ ବେହେରା, ଲିଜା ପ୍ରଧାନ ଏବଂ ଗାଡ଼ି ଚାଳକ କୌଣସି ପ୍ରକାରେ ନିଜ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିଲେ।

# ସମ୍ପାଦକୀୟ



ବଡ଼ ସ୍ୱପ୍ନ, କଠିନ ପରିଶ୍ରମ, ବିନୟୀ, ସକାରାତ୍ମକ ଲୋକଙ୍କ ଗହଣ ହିଁ ସଫଳତାର ମନ୍ତ୍ର।
-ସୁନିତା ୱିଲିୟମସ୍

ସକାଳ THE SAKALA

## ସନ୍ଧିକ୍ଷଣରେ ଭାରତ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ଉତ୍ପାଦ ଉପରେ ପ୍ରଥମ ଦଫାରେ ୨୫% ଶୁଳ୍କ ଲାଗୁ କରିଥିବା ବେଳେ ଦ୍ୱିତୀୟ ଦଫାରେ ଆଉ ୨୫% ଏପରି ୫୦% ଶୁଳ୍କ ଲାଗୁ କରିଛନ୍ତି। ଏହିକ୍ରମରେ ବିଶ୍ୱ ବାଣିଜ୍ୟରେ ଆମେରିକା ଦ୍ୱାରା ସର୍ବାଧିକ ଶୁଳ୍କ ଧାର୍ଯ୍ୟ କରାଯାଇଥିବା ରାଷ୍ଟ୍ର ଭାବେ ଭାରତ ଏକ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ଭାରତ ଉପରେ ଶୁଳ୍କ ପ୍ରହାର ପଛରେ ଟ୍ରମ୍ପ ଦୁଇଟି କାରଣ ଦର୍ଶାଇଛନ୍ତି। ପ୍ରଥମତଃ, ରୁଷରୁ ତୈଳ ଆମଦାନୀ ଏବଂ ଦ୍ୱିତୀୟତଃ, ଆମେରିକୀୟ କୃଷି ଉତ୍ପାଦ ପାଇଁ ଭାରତୀୟ ବଜାରରେ କଟକଣା। ଭାରତ ଏହି ଦୁଇଟିରେ କୋହଳ ନୀତି ନ ଆପଣେଇଲେ ଭବିଷ୍ୟତରେ ଆହୁରି ଅଧିକ ଶୁଳ୍କ ଧାର୍ଯ୍ୟ କରାଯିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ହୁଏତ ଚପଳମତି ଟ୍ରମ୍ପ ଶୁଳ୍କ ନୀତିକୁ ପ୍ରତ୍ୟାହାର କରିପାରନ୍ତି, ଯାହା ଦ୍ୱିପାକ୍ଷିକ ଆଲୋଚନା ଏବଂ ଭାରତର କୂଟନୈତିକ ବିଚକ୍ଷଣତା ଉପରେ ନିର୍ଭର କରୁଛି। ଯଦି ଟ୍ରମ୍ପଙ୍କ ସାମ୍ପ୍ରତିକ ଶୁଳ୍କ ନୀତି ବଳବତ୍ତର ରହେ ତେବେ ଭାରତୀୟ ଅର୍ଥନୀତି ପ୍ରଭୂତ କ୍ଷତି ସହିବ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି। ଭାରତୀୟ ଅଭିବୃଦ୍ଧି ହାର ୦.୬% ହ୍ରାସ ପାଇବ ବୋଲି ଗୋଲ୍ଡମ୍ୟାନ୍ ସାଚେଟ୍ ଆକଳନ କରିଛି।

ଆକଳନ ସଂଖ୍ୟାରେ ଫରକ୍ ରହିଲେ ମଧ୍ୟ ଭାରତୀୟ ଅର୍ଥନୀତି ଯେ ପ୍ରଭାବିତ ହେବ ତାହା ନିଶ୍ଚିତ। ଏଥିସହିତ ବିଶ୍ୱରେ ତୃତୀୟ ବୃହତ୍ ଅର୍ଥନୀତି ହେବାର ସ୍ୱପ୍ନ ମଧ୍ୟ ମଉଳି ଯିବ, ଯାହାର ପ୍ରଭାବ ବିଶ୍ୱରେ ଭାରତର ସ୍ଥିତି, ସାମର୍ଥ୍ୟ, ଗୁରୁତ୍ୱ ଓ ମର୍ଯ୍ୟାଦାକୁ ହାନିପହଞ୍ଚାଇବ। ଏହାଦ୍ୱାରା ମଧ୍ୟ ବିଶ୍ୱରେ ଭାରତର କୂଟନୈତିକ ପ୍ରଭାବ କେତେକାଂଶରେ ହ୍ରାସ ପାଇ ଏସିଆର ଭୂରାଜନୈତିକ ସମୀକରଣକୁ ଓଲଟପାଲଟ କରିଦେବ ବୋଲି ଏବେଠାରୁ ଅନୁମାନ କରାଗଲାଣି। ଆମେରିକା ବଜାରରେ ଭାରତର ସ୍ଥାନ ଅବିଳମ୍ବେ ପୂରଣ ପାଇଁ ଚୀନ ଆଦୌ ଅବହେଳା କରିବ ନାହିଁ। ଅପରପକ୍ଷରେ ଭାରତ-ଆମେରିକା ଦୂରତ୍ୱ ବଢ଼ିଲେ ତାହାର ଫାଇଦା ପାକିସ୍ତାନ ଉଠାଇବା ଅସମ୍ଭବ ନୁହେଁ। ତେଣୁ ଭାରତ ପାଇଁ କୂଟନୈତିକ ସ୍ତରରେ ୧୯୬୦ ଦଶକର ସ୍ଥିତିର ପୁନରାବୃତ୍ତି ହେବାକୁ ଯାଉଛି ବୋଲି କହିଲେ ଭୁଲ୍ ହେବ ନାହିଁ। ସେତେବେଳେ ହିନ୍ଦୀ-ଚୀନୀ ଭାଇ ଭାଇ ନାରା ଦେଇ ଚୀନ୍ ଭାରତ ଉପରେ ଆକ୍ରମଣ କରିଥିଲା ଏବଂ ଏବେ ଟ୍ରମ୍ପ ଭାରତକୁ ବନ୍ଧୁ ବୋଲି ସମ୍ବୋଧନ କରି ଦାଉ ସାଧୁଛନ୍ତି। ସେତେବେଳର ଗୁଳିଗୋଳା ଆକ୍ରମଣ ଏବେ କେବଳ ଯାହା ବାଣିଜ୍ୟ ଶୁଳ୍କରେ ରୂପାନ୍ତରିତ ହୋଇଛି।

ଭାରତ ଏବେ ଏଭଳି ଏକ ସନ୍ଧିକ୍ଷଣରେ ଉପନୀତ, ଯେଉଁଠି ଆଭ୍ୟନ୍ତରୀଣ ସ୍ୱାର୍ଥର ସୁରକ୍ଷା ଏବଂ ଆନ୍ତର୍ଜାତିକ ସମ୍ପର୍କ - ଏ ଦୁଇଟି ମଧ୍ୟରୁ ଗୋଟିକୁ ବାଛିବାକୁ ପଡ଼ିବ। ଯଦି ଆମେରିକାର ସର୍ତ୍ତରେ ଭାରତ ରାଜି ହୁଏ ତେବେ ବାଣିଜ୍ୟ ଅର୍ଥନୀତିରେ ସୁଧାର ଆସିବ ସତ, କିନ୍ତୁ ଦେଶର ଗରିବ କୃଷକ, ମତ୍ସ୍ୟଜୀବୀ, ଖାଉଟିଙ୍କ ସ୍ୱାର୍ଥ ବଳି ପଡ଼ିବ। ଯଦି ଦେଶବାସୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବାକୁ ଭାରତ ସରକାର ବଦ୍ଧ ପରିକର ହୁଅନ୍ତି ତେବେ ଆମେରିକା ଅପମାନିତ ହୋଇ ଆହୁରି ଅଧିକ ଦାଉ ସାଧିବ। ଏପରିକି ଏବେ ରୁଷ ଓ ଇରାନ୍ ଉପରେ ଯେଭଳି କଟକଣା ଲାଗୁ ହୋଇଛି ସେଭଳି କଟକଣା ଭାରତ ଉପରେ ଲାଗୁ ହେବା ବିଚିତ୍ର ନୁହେଁ। ରୁଷ୍ ଓ ଇରାନ୍ ସେମାନଙ୍କର ଆର୍ଥିକ, ରାଜନୈତିକ, ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଆମେରିକା କଟକଣା ଝଡ଼କୁ ସମ୍ଭାଳି ନେବାର କ୍ଷମତା ରଖିଛନ୍ତି। କିନ୍ତୁ ଆମେରିକୀୟ କଟକଣା ଲାଗିଲେ ଭାରତର ବିକାଶ ପଛକୁ ଚାଲିଯିବ। ଭାରତ ଏବେ କୃଷି ଓ ଅର୍ଥନୀତିରେ ସ୍ୱାବଲମ୍ବନଶୀଳ ହୋଇସାରିଥିବାରୁ ସେ ଦିଗରେ ବିଶେଷ କ୍ଷତିଗ୍ରସ୍ତ ହେବ ନାହିଁ। କିନ୍ତୁ ସେମିକଣ୍ଡକ୍ଟର, ଏଆଇ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ପରି କ୍ଷେତ୍ରରେ ଗୁରୁତର ପ୍ରଭାବିତ ହେବ। ଭାରତ ମୁଖ୍ୟତଃ ସେବା ଓ ବୈଷୟିକ ଜ୍ଞାନକୌଶଳକୁ ପାଥେୟ କରି ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବାର ଯୋଜନା କରିଥିବାରୁ ଉପରୋକ୍ତ କ୍ଷେତ୍ର ପ୍ରଭାବିତ ହେଲେ ଭାରତର ବିକାଶ ଓ ଅର୍ଥନୀତି ନିମ୍ନଗାମୀ ହେବା ସୁନିଶ୍ଚିତ।

ଏଭଳି ଏକ ସନ୍ଧିକ୍ଷଣରେ ଭାରତ କ'ଣ କରିବା ଉଚିତ ଓ ଅନୁଚିତ ସେ ସମ୍ପର୍କରେ ବିଶେଷଜ୍ଞମାନେ ପରାମର୍ଶ ଓ ମତାମତ ଦେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଆମେରିକାର ଚାପ ଆଗରେ ଭାରତ ନଇଁବ ନାହିଁ ଏବଂ ଭାରତୀୟ କୃଷି ଓ କୃଷକଙ୍କ ସ୍ୱାର୍ଥର ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବ ବୋଲି ଦୃଢ଼ୋକ୍ତି କରିଛନ୍ତି। ଏହି ପୃଷ୍ଠଭୂମିରେ ଭାରତ ପାଇଁ ଏକମାତ୍ର ଭରସା ହେଉଛି 'ବ୍ରିକ୍ସ'। ଇତିମଧ୍ୟରେ ରୁଷ୍ ଓ ଚୀନ୍ ଆମେରିକାର ଭାରତବିରୋଧୀ ବାଣିଜ୍ୟ ଆଭିମୁଖ୍ୟକୁ ନିନ୍ଦା କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ୍‌ଙ୍କ ସହିତ କଥାବାର୍ତ୍ତା କରିଛନ୍ତି। ପୁଟିନ୍ ଚଳିତ ବର୍ଷ ଶେଷ ଭାଗରେ ଭାରତ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଆଗାମୀ 'ଏସ୍‌ସିଓ' ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ରଣନୀତି ପ୍ରସ୍ତୁତ ହେବ ବୋଲି ଆଶା। ବିଶେଷକରି 'ବ୍ରିକ୍ସ'ର କାୟାବିସ୍ତାର ହେବାର ସମ୍ଭାବନା ଉଜ୍ଜ୍ୱଳ ହେଉଥିବାରୁ ସଦସ୍ୟ ରାଷ୍ଟ୍ରଙ୍କ ସହଯୋଗ ବୃଢ଼ ରହିଲେ ଭାରତ ଆମେରିକା ଶୁଳ୍କ ଝଡ଼କୁ ସଫଳତାର ସହ ମୁକାବିଲା କରିପାରିବ। କିନ୍ତୁ ଯୁଦ୍ଧରେ ଲିପ୍ତ ରୁଷ୍ ଭାରତକୁ କେବଳ ରିହାତି ତୈଳ ଦେବା ଛଡ଼ା ଅନ୍ୟ କ୍ଷେତ୍ରରେ କେତେ ସହାୟତା କରିପାରିବ ତାହାକୁ ନେଇ ପ୍ରଶ୍ନ ଉଠୁଛି। ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲ୍‌ର ଆମେରିକାର ନାଲିଆଖିକୁ ମୁକାବିଲା ଶକ୍ତି ଉପରେ ଭରସା କରିହେବ ନାହିଁ। ଯଦି ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଚୀନ୍ ମନରେ ଭାରତକୁ ଅର୍ଥନୀତିର ଦୌଡ଼ରେ ବହୁପଛରେ ଛାଡ଼ିବା ଚିନ୍ତା ଆସେ ତେବେ 'ବ୍ରିକ୍ସ' ନୀତି ଓ ସଂକଳ୍ପ ସମାନ୍ତରାଳରେ ଚୀନ୍ ଆମେରିକା ସହିତ ସାଲିସ୍ କରିବା ବିଚିତ୍ର ନୁହେଁ। ଯେଭଳି ଭାବେ ଜାପାନ୍, ୟୁରୋପ, ୟୁକେ, ଦକ୍ଷିଣ କୋରିଆ, ପାକିସ୍ତାନ୍, ଭିଏତ୍‌ନାମ ଆଦି ବୃହତ୍ ଓ କ୍ଷୁଦ୍ର ଅର୍ଥନୀତି ଦେଶମାନେ ଆମେରିକା ପାଖରେ ନିଜ ଦେଶର ସ୍ୱାର୍ଥ ପାଇଁ ଏକପ୍ରକାର ଆତ୍ମସମର୍ପଣ କରିବା ଭଳି ବାଣିଜ୍ୟ ଚୁକ୍ତି କରିଛନ୍ତି ସେହି ପୃଷ୍ଠଭୂମିରେ ଭାରତ ଏତେ ଶୀଘ୍ର ଭରସାଯୋଗ୍ୟ ବାଣିଜ୍ୟ-ବନ୍ଧୁ ପାଇବା କଷ୍ଟକର।

ଟ୍ରମ୍ପଙ୍କ ଶୁଳ୍କ ପ୍ରହାର କେବଳ ଭାରତୀୟ ବାଣିଜ୍ୟ ଓ ଅର୍ଥନୀତି ଉପରେ ନୁହେଁ, ବରଂ ରାଜନୀତିକୁ ମଧ୍ୟ ପ୍ରଭାବିତ କରିବାକୁ ଯାଉଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଯଦି ଆମେରିକା ସହିତ ଭାରତ ସରକାର ସାଲିସ୍ କରନ୍ତି ତେବେ ତାହା ଦେଶ ଓ ଦେଶବାସୀଙ୍କ ସ୍ୱାର୍ଥର ପରିପନ୍ଥୀ ହେବ ବୋଲି ବ୍ୟାଖ୍ୟାନ ସୃଷ୍ଟି ହେବ। ଅପରପକ୍ଷରେ ଯଦି ଆମେରିକା ଅଧିକ ଦାଉ ସାଧେ ତେବେ ସରକାରଙ୍କ କୂଟନୀତିକୁ ନେଇ ପ୍ରଶ୍ନ ଉଠିବ। ତେଣୁ ଆମେରିକା ଭାରତର ଅର୍ଥନୀତି, ରାଜନୀତି ଓ କୂଟନୀତି ଉପରେ ପ୍ରହାର କରିବା ପାଇଁ ସୁଚିନ୍ତିତ ଯୋଜନାରେ ଶୁଳ୍କ ଭଳି ଅସ୍ତ୍ରକୁ ବାଛିଛି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ତେଣୁ ଆଗକୁ ଭାରତ ଯେଉଁ ପଥୁରିତ ଓ କଣ୍ଟକିତ ରାସ୍ତାରେ ଚାଲିବାକୁ ଯାଉଛି, ତାକୁ କିପରି ସାବଲୀଳକ୍ରମେ ଅତିକ୍ରମ କରିବା କିମ୍ବା ଏଡ଼ାଇ ଯାଇ ବିକଳ୍ପ ରାସ୍ତା ଆବିଷ୍କାର କରିପାରିବ ତାହା ଉପରେ ଭାରତର ଭବିଷ୍ୟତ ନିର୍ଭର କରୁଛି।

## କାହିଁକି ହେଉଛି ଆତ୍ମାହୁତିର ଅନୁକରଣ ?

**ଡକ୍ଟର ଅବଶ ପରିଡ଼ା**

ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତିର ଦୁଃଖଦ ଘଟଣା ପରେ ଓଡ଼ିଶାର ଆଉ କିଛି ସ୍ଥାନରେ ଆତ୍ମାହୁତି ବା ଆତ୍ମହତ୍ୟା ଉଦ୍ୟମ ଦେଖିବାକୁ ଓ ଶୁଣିବାକୁ ମିଳିଛି। ଏହିସବୁ ଆତ୍ମହତ୍ୟା ପାଇଁ ସରକାରୀ, ଅଣସରକାରୀ, ରାଜନୈତିକ, ସ୍ଥାନୀୟ ଓ ସାମାଜିକ ସ୍ତରରେ ଅନେକ କାରଣ ଦର୍ଶାଯାଇଛି। ବିଳମ୍ବିତ ନ୍ୟାୟ, ଆଇନର ଦୁର୍ବଳ ରୂପାୟନ, ସାଙ୍ଗସାଥୀଙ୍କ ଚାପ, ମାନସିକ ଦୁର୍ବଳତା ଓ ଅବସାଦ, ଉପଯୁକ୍ତ ପରାମର୍ଶର ଅଭାବ ଇତ୍ୟାଦିକୁ ଆତ୍ମହତ୍ୟା ପଛର କାରଣ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ବର୍ଣ୍ଣିତ। ସାମାଜିକ ମହାମାରୀ ରୂପେ କାୟା ବିସ୍ତାର କରୁଥିବା ଆତ୍ମହତ୍ୟାର ପ୍ରାୟ ସମସ୍ତ ଦିଗକୁ ନେଇ ଅସଂଖ୍ୟ ପ୍ରବନ୍ଧ, ପ୍ରକାଶନ ଓ ଗବେଷଣା କରାଯାଇଛି। ତେଣୁ ଆଜିର ବିଶ୍ଳେଷଣ ଆତ୍ମହତ୍ୟାର କାରଣ ଓ ନିରାକାରଣ ନୁହେଁ, ବରଂ ଏକ ଅଣୁବୀକ୍ଷଣିକ ବିନ୍ଦୁ ଉପରେ ଆଧାରିତ। ତାହା ହେଉଛି 'ପୀଡ଼ିତ/ପୀଡ଼ିତାମାନେ ଆତ୍ମହତ୍ୟା ପାଇଁ କାହିଁକି ଆତ୍ମାହୁତି ଭଳି ସମାନ ପ୍ରକ୍ରିୟା ବାଛିଲେ?'

ଅନୁକରଣୀୟ ଆତ୍ମହତ୍ୟାରେ ଦୁଇଟି ଦିଗ ଅଛି। ପ୍ରଥମ, ଆତ୍ମହତ୍ୟା ଯେଉଁଠି ପରିଣାମ ଘାତକ ଏବଂ ବ୍ୟକ୍ତିର ମୃତ୍ୟୁ ସୁନିଶ୍ଚିତ। ଅନ୍ୟଟି ହେଉଛି ପେରା-ଆତ୍ମହତ୍ୟା, ଯେଉଁଠାରେ ବ୍ୟକ୍ତି ମରିବାକୁ ଚାହେଁନାହିଁ, କିନ୍ତୁ ଜାଣିଶୁଣି ହିସାବ କରି ନିଜକୁ କ୍ଷତି ପହଞ୍ଚାଇଥାଏ କିମ୍ବା ସମ୍ଭାବ୍ୟ ଘାତକ ଆଚରଣରେ ଲିପ୍ତ ହୁଏ। ଏହା ପ୍ରାୟତଃ ସାହାଯ୍ୟ ପାଇଁ ଚିତ୍କାର, ସମସ୍ୟା ମୁକାବିଲା କରିବାର ଏକ ପଦ୍ଧତି କିମ୍ବା ମାନସିକ ଯନ୍ତ୍ରଣା ପ୍ରକାଶ କରିବାର ଏକ ମାଧ୍ୟମ। କିନ୍ତୁ ଅନେକ ସମୟରେ ନିଜ ଭୁଲ ପାଇଁ ପୀଡ଼ିତଙ୍କ ଅନିଚ୍ଛାକୃତ ମୃତ୍ୟୁ ହୋଇଯାଏ। ସମାଜଶାସ୍ତ୍ରୀଙ୍କ ମତରେ ମୌଖିକ ଯୋଗାଯୋଗ ବିଫଳତା ହିଁ ପେରା-ଆତ୍ମହତ୍ୟାର ଉତ୍ପତ୍ତି। ଏକ ରିପୋର୍ଟ ଅନୁଯାୟୀ ୬୦% ରୁ ଅଧିକ କିଶୋରୀ ଓ ଛାତ୍ରୀ ପେରା-ଆତ୍ମହତ୍ୟାର ଶିକାର।

କୁହାଯାଏ 'ସମାଜ ଅନୁକରଣ ଉପରେ ଆଧାରିତ ଏବଂ ଅନୁକରଣ ହେଉଛି ଏକପ୍ରକାରର ସାମାଜିକ ସଂକ୍ରମଣ।' ଏଠାରେ ଏକ ଉଦାହରଣ ନେବା। ମାଇକ୍ରୋନେସିଆ ଏକ ଦ୍ୱୀପପୁଞ୍ଜର ଦେଶ। ଉଣେଇଶ ଅଶୀଦଶକରେ ଦୁନିଆର ଅନ୍ୟଦେଶମାନଙ୍କ ଅପେକ୍ଷା ମାଇକ୍ରୋନେସିଆରେ ମୁଣ୍ଡପିଛା ଆତ୍ମହତ୍ୟାର ସଂଖ୍ୟା ସାତଗୁଣ ବୃଦ୍ଧି ପାଇଥିଲା। ସମସ୍ତ ପୀଡ଼ିତ ଓ ମୃତକ ଥିଲେ କିଶୋର ବର୍ଗର। ଛୋଟଛୋଟ କଥାରେ, ଯେମିତିକି ବାପାଙ୍କ ଗାଳି ସହି ନ ପାରି କିମ୍ବା ପକେଟ ଖର୍ଚ୍ଚ ପାଇଁ ଅତିରିକ୍ତ ଟଙ୍କା ନମିଳିବାରୁ କିଶୋରମାନେ ଆତ୍ମହତ୍ୟା କରୁଥିଲେ। ଏ ଘଟଣାସବୁ ଯେତିକି ବିଚିତ୍ର ଓ ଆସାମାନ୍ୟ ଲାଗୁଥିଲେ, ତା'ଠାରୁ ଅଧିକ ଆଶ୍ଚର୍ଯ୍ୟ କରୁଥିଲା ସେସବୁ ଆତ୍ମହତ୍ୟାର ଉପାୟ ଓ ପ୍ରଣାଳୀ। କାରଣ ସମସ୍ତ ଆତ୍ମହତ୍ୟାର ଢାଞ୍ଚା ଓ 'ସୁଇସାଇଡ ନୋଟ' ଅପାତତଃ ସମାନ ଥିଲା। ମାଇକ୍ରୋନେସିଆର ଆତ୍ମହତ୍ୟାର ଘଟଣା ଥିଲା ଆତ୍ମବିନାଶର ଏକ ସଂକ୍ରାମକ ମହାମାରୀ। ସେଠାରେ ଆତ୍ମବିନାଶ କିଶୋରଙ୍କ ପାଇଁ ସାଜିଥିଲା ଆତ୍ମପ୍ରକାଶର ଏକ ମାଧ୍ୟମ। ଏହି ଅଘଟଣଗୁଡ଼ିକର ଉତ୍ତରରେ ସମାଜଶାସ୍ତ୍ରୀ ଡାଭିଡ ଫିଲିପ୍ସ ମତ ରଖନ୍ତି ଯେ ଆତ୍ମହତ୍ୟା କାହାଣୀ ଏକପ୍ରକାର ପ୍ରାକୃତିକ ବିଜ୍ଞାପନ, ଯାହା ଏକ ନିର୍ଦ୍ଦିଷ୍ଟ ସମସ୍ୟାର ନିର୍ଦ୍ଦିଷ୍ଟ ପ୍ରତିକ୍ରିୟା ବୋଲି ବିବେଚନା କରଯାଏ ଏବଂ ଏହାକୁ ଅନୁକରଣ କରଯାଏ। ଏହା ପ୍ରତୀକାତ୍ମକ ପାରସ୍ପରିକ କ୍ରିୟାର ତତ୍ତ୍ୱ ଉପରେ ପର୍ଯ୍ୟବସିତ। ସରଳରେ କହିବାକୁ ଗଲେ ଆତ୍ମହତ୍ୟାକୁ କିଛି ସକାରାତ୍ମକ ଓ ନକାରାତ୍ମକ ସାମାଜିକ ବ୍ୟାଖ୍ୟା ମିଳେ ଏବଂ ସାଧାରଣ ବ୍ୟକ୍ତି ଏହାକୁ ବିଭିନ୍ନ ଅର୍ଥରେ ପ୍ରୟୋଗ କରନ୍ତି। ଆତ୍ମହତ୍ୟା ପଳାତକର କାର୍ଯ୍ୟ, ବିଦ୍ରୋହର ଭାଷା, ଏହା ହେଉଛି ଦୁର୍ବଳର ଶେଷ ନିଷ୍ପତ୍ତି, ଅବହେଳିତ ସ୍ୱର ଶୁଣିବା ପାଇଁ ଏକ ବାଟ ଏବଂ ଆତ୍ମହତ୍ୟା ସମସ୍ତ ସମାଧାନର ଏକ ରୂପ ଇତ୍ୟାଦି ହେଉଛି କିଛି ସାମାଜିକ ବ୍ୟାଖ୍ୟା। ଅନ୍ୟପଟେ ଦୁର୍ବଳ ମାନସିକତା ଓ ଦୁର୍ବଳ ସାମାଜିକ ବନ୍ଧନ ଥିବା ବ୍ୟକ୍ତିବିଶେଷ ପାଇଁ ଏହା ହୋଇଯାଏ ଏକ ସାଙ୍କେତିକ ଅର୍ଥ। ଦୁର୍ଭାଗ୍ୟବଶତଃ ପରବର୍ତ୍ତୀ ସମୟରେ ଏହି ଭୁଲ ବ୍ୟାଖ୍ୟାର ସାମାଜିକ ଅନୁକରଣ ହୋଇଥାଏ। ଉଦାହରଣ ସ୍ୱରୂପ, ଦିଲ୍ଲୀ ମେଟ୍ରୋ ଷ୍ଟେସନରେ ଆତ୍ମହତ୍ୟାର ସମାନ ସ୍ଥାନ ଓ ସମାନ ପଦ୍ଧତି ବାରମ୍ବାର ବ୍ୟବହୃତ ହେଉଛି। ଏହାର ଦୁଇଟି କାରଣ ହେଉଛି ମିଡିଆରେ ଦୃଶ୍ୟମାନତା ଓ ପ୍ରତୀକାତ୍ମକ ଚିହ୍ନଟକରଣ।

ରାଜସ୍ଥାନର କୋଟାରେ ପ୍ରତିବର୍ଷ ଘଟୁଥିବା ଅନୁକରଣୀୟ ଆତ୍ମହତ୍ୟା ଦେଶ ପାଇଁ ଏକ ଚିନ୍ତାର ବିଷୟ। ସୂଚନା ଅନୁଯାୟୀ ଘଟିଥିବା ସମସ୍ତ ଆତ୍ମହତ୍ୟାର ସୁଇସାଇଡ ନୋଟ ଏବଂ ଆତ୍ମହତ୍ୟାର ଧାରା (ପ୍ୟାଟର୍ନ) ରେ ପ୍ରାୟତଃ ସାମଞ୍ଜସ୍ୟତା ଅଛି। 'ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍'ର ଏକ ସାମାଜିକ-ମନସ୍ତାତ୍ତ୍ୱିକ ଗବେଷଣାରେ ଉଲ୍ଲେଖ କରାଯାଇଛି ଯେ 'ଗୋଟିଏ ଆତ୍ମହତ୍ୟା ଅନ୍ୟ ଏକ ଆତ୍ମହତ୍ୟାକୁ ପ୍ରେରିତ କରିଥାଏ।' କୋଟା ଆତ୍ମହତ୍ୟା ମାମଲା ହେଉଛି ଶିକ୍ଷାଗତ ଚାପ ଏବଂ ପୂର୍ବ ମାମଲାଗୁଡ଼ିକର ଅନୁକରଣ। ସମାଜଶାସ୍ତ୍ରୀଙ୍କ ମତରେ ଏହା ଆଚରଣ ମଡେଲିଂ ବା ଏକପ୍ରକାରର ସାମାଜିକ ଶିକ୍ଷଣ। ସେହିପରି ୨୦୧୭ ମସିହାରେ ତାମିଲନାଡୁର ୧୭ ବର୍ଷୀୟା ଅନିତାଙ୍କ ନିଟ୍ ବିରୋଧରେ ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିବା ପରେ ସେ ଆତ୍ମହତ୍ୟା କରିଥିଲେ ଏବଂ ତାଙ୍କର ମୃତ୍ୟୁ ପରେ ଅନେକ ଅନୁକରଣୀୟ ଆତ୍ମହତ୍ୟା ରାଜ୍ୟରେ ଘଟିଥିଲା। ଏହାର ସମାଜତାତ୍ତ୍ୱିକ ଅନ୍ତର୍ଦୃଷ୍ଟି କୁହେ ଯେ ପାଠ ଓ ପରିବାରର ଚାପରେ ଥିବା ନିଟ୍ ଆଶାୟୀଙ୍କ ପାଇଁ ସଂଘର୍ଷର ଏକ ପ୍ରତୀକାତ୍ମକ ମଡେଲ ହୋଇଗଲେ ଅନିତା ଏବଂ ତାଙ୍କ ଆତ୍ମହତ୍ୟା ପାଲଟିଗଲା ବୀର ସହିଦଙ୍କ ଭଳି ସାମାଜିକ କାହାଣୀ। ପ୍ରଚାରିତ କାହାଣୀ, ପୀଡ଼ିତଙ୍କ ସହ ପରିଚୟ ସହିତ ସମାନ ପରିସ୍ଥିତିରେ ଥିବା ଛାତ୍ରମାନଙ୍କ ପାଇଁ ଆତ୍ମହତ୍ୟା ଥିଲା ଏକ ପ୍ରରୋଚନାକାରୀ ଉପାଦାନ। ତେଣୁ ସାମାଜିକ ବିଭ୍ରାଟ ଏବଂ ନିୟନ୍ତ୍ରଣର ଅଭାବ ସମାନ ଗୋଷ୍ଠୀରେ ଆତ୍ମହତ୍ୟାର ପୁନରାବୃତ୍ତି ସୃଷ୍ଟି କରେ।

ସମାଜବିଜ୍ଞାନୀ ଷ୍ଟିଭେନ୍ ଷ୍ଟାକ୍‌ଙ୍କ ଏକ ଉଲ୍ଲେଖନୀୟ ଅଧ୍ୟୟନ ହେଉଛି 'ୱେର୍ଥର୍ ପ୍ରଭାବ'। କୌଣସି ସେଲିବ୍ରିଟି ଆତ୍ମହତ୍ୟାର ଗଣମାଧ୍ୟମ ପ୍ରସାରଣ ହେଉ କିମ୍ବା କୌଣସି ଆତ୍ମହତ୍ୟାର ନିରନ୍ତର ଏବଂ ଅତିରଞ୍ଜିତ ପ୍ରଚାର ପରେ ଆତ୍ମହତ୍ୟା କାର୍ଯ୍ୟକଳାପର ସାଂଖ୍ୟିକ ଭାବରେ ବୃଦ୍ଧି ପାଏ ବୋଲି ଷ୍ଟାକ୍‌ଙ୍କ ଏହି ଅଧ୍ୟୟନରେ ପ୍ରକାଶିତ ହୋଇଛି। ଚିନ୍ତାର ବିଷୟ ଯେ ଏହାଦ୍ୱାରା କିଶୋର ଓ ଯୁବବର୍ଗ ଅତ୍ୟନ୍ତ ପ୍ରଭାବିତ। ଅଧ୍ୟୟନରେ ଗୁରୁତ୍ୱାରୋପ କରାଯାଇଥିଲା ଯେ ବିସ୍ତୃତ ଓ ଭାବପ୍ରବଣ ମିଡିଆ ପ୍ରଚାରରେ ଆତ୍ମହତ୍ୟାର ପଦ୍ଧତି (ଆତ୍ମାହୁତି) ନାଟକୀୟ ଶିରୋନାମା (ନ୍ୟାୟର ଲଢ଼େଇରେ ହାରିଗଲେ, କେବେ ମିଳିବ ନ୍ୟାୟ, ଅବହେଳିତର କରୁଣ ବାର୍ତ୍ତା) ଏବଂ ବ୍ୟକ୍ତିଗତ ପୃଷ୍ଠଭୂମି(ବିଦ୍ୟାର୍ଥୀ, ବେରୋଜଗାର) ସମେତ ଆତ୍ମ-ଧ୍ୱଂସାତ୍ମକ ଆଚରଣର ରୋମାନିକରଣ (ରୋମାନିଟିସାଜ୍‌ଡ) କିମ୍ବା ସାଧାରଣ କରିବାର ଚେଷ୍ଟା ହିଁ ଅନୁକରଣୀୟ ଆତ୍ମହତ୍ୟା ପାଇଁ ଦାୟୀ। ତେଣୁ ଭାବପ୍ରବଣ, କଷ୍ଟ କିମ୍ବା ପରିଚୟ ସଙ୍କଟରେ ଥିବା ବ୍ୟକ୍ତିମାନେ ଗଣମାଧ୍ୟମର ଚକିତ ଓ ରୋମାଞ୍ଚକର ବିଷୟବସ୍ତୁକୁ ଆତ୍ମହତ୍ୟାର ବୈଧ ପ୍ରତିକ୍ରିୟା ଭାବରେ ଦେଖିପାରନ୍ତି। ସଂକ୍ଷେପରେ, ଷ୍ଟାକ୍‌ଙ୍କ ଅଧ୍ୟୟନରେ ଉଲ୍ଲେଖ ଅଛି ଯେ ଗଣମାଧ୍ୟମ ସାମାଜିକ ଆଚରଣକୁ ପ୍ରଭାବିତ କରିବା ସହିତ ଏକ ବ୍ୟକ୍ତିଗତ ଦୁଃଖଦ ଘଟଣାବଳୀକୁ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦରେ ପରିଣତ କରିପାରେ।

ଗଣମାଧ୍ୟମ ଓ ଆତ୍ମହତ୍ୟା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ ଏସିଆ ଓ ୟୁରୋପରେ ଚାଞ୍ଚଲ୍ୟକର 'ମିଡିଆ ରିପୋର୍ଟିଂ' ଏବଂ ଆତ୍ମହତ୍ୟା ବୃଦ୍ଧି ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ଅଛି। ବ୍ୟକ୍ତିର ଆଚରଣ ହେଉଛି ପାରିପାର୍ଶ୍ୱିକ ପର୍ଯ୍ୟବେକ୍ଷଣର ଫଳାଫଳ। ଆତ୍ମହତ୍ୟା ପରେ ଗଣମାଧ୍ୟମରେ ମିଳୁଥିବା ଅତ୍ୟଧିକ ସହାନୁଭୂତି ଏବଂ ଗଣମାଧ୍ୟମର ଅତ୍ୟଧିକ ଧ୍ୟାନ କିଛି ଦୁର୍ବଳ/ ଅବସାଦ ମନରେ ଏପରି କାର୍ଯ୍ୟ କରିବା ପାଇଁ ପ୍ରରୋଚିତ କରିପାରେ। 'ଯଦି ଅନ୍ୟମାନେ ଏହା କରିପାରୁଛନ୍ତି ଏବଂ ସେମାନଙ୍କ ଅଭିଯୋଗ ଶୁଣାଯାଇପାରୁଛି, ତେବେ ହୁଏତ ମୁଁ ମଧ୍ୟ ଏମିତି କରିପାରିବି'ର ମାନସିକତା ଏବେ ବୃଦ୍ଧି ପାଉଛି। ଏହାକୁ ଆତ୍ମହତ୍ୟାର ସାଂକେତିକ ବୈଧତା କୁହାଯାଏ। ସମାଜବିଜ୍ଞାନୀଙ୍କ ମତରେ ଏହି ମାନସିକତାର ଧାରା ନିକଟ ଭବିଷ୍ୟତରେ ଜାରି ରହିବ।

କ୍ରମବର୍ଦ୍ଧିଷ୍ଣୁ କିଶୋର ଆତ୍ମହତ୍ୟାକୁ ନେଇ କେରଳର ମାନସିକ ସ୍ୱାସ୍ଥ୍ୟ ପ୍ରାଧିକରଣର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ସମ୍ବାଦପତ୍ର ରିପୋର୍ଟ ଏବଂ ସମକକ୍ଷ ଆତ୍ମହତ୍ୟା ସହିତ ସାମାଜିକ ଗଣମାଧ୍ୟମରେ ମିଳୁଥିବା ପ୍ରବଳ ଶ୍ରଦ୍ଧାଞ୍ଜଳି ହେଉଛି ଅନିଚ୍ଛାକୃତ ଅନୁକରଣୀୟ ଆତ୍ମହତ୍ୟା ପାଇଁ ଦାୟୀ। ସମାଜବିଜ୍ଞାନୀ ଷ୍ଟାନଲି କୋହେନଙ୍କ 'ନୈତିକ ଆତଙ୍କ' ତତ୍ତ୍ୱ ବ୍ୟାଖ୍ୟା କରେ ଯେ ଅତିରଞ୍ଜିତ ମିଡିଆ ରିପୋର୍ଟିଂ ଏକ ଗୋଷ୍ଠୀ ମଧ୍ୟରେ ଉଭୟ ଆତଙ୍କ ଓ ଅନୁକରଣ ସୃଷ୍ଟି କରିପାରେ। ଅଷ୍ଟ୍ରିଆ ଓ ଜର୍ମାନୀ ଭଳି ଦେଶରେ, ଆତ୍ମହତ୍ୟା ରିପୋର୍ଟିଂ ଉପରେ କଠୋର ନିର୍ଦ୍ଦେଶାବଳୀ ଲାଗୁ ହେବା ପରେ ଯୁବ ଓ କିଶୋର ଆତ୍ମହତ୍ୟା ହାର ହ୍ରାସ ପାଇଛି। ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀ କହିଥିଲେ 'ଆତ୍ମହତ୍ୟା ଓ ଆତ୍ମଦାହ କୌଣସି ପ୍ରକାରର ଯଥାର୍ଥ ନୈତିକ କାର୍ଯ୍ୟ ନୁହେଁ। ଯେତେ ବି ଅନ୍ୟାୟ ହେଉ ମନୁଷ୍ୟ ଜୀବନ ପବିତ୍ର। ଜୀବନ୍ତ ବ୍ୟକ୍ତି ପରିବର୍ତ୍ତନ ଆଣିପାରିବ, ମୃତ୍ୟୁ ନୁହେଁ। ବ୍ୟକ୍ତିଗତ ଯନ୍ତ୍ରଣା ଓ ଦୁଃଖକୁ ଆତ୍ମହତ୍ୟାରେ ନୁହେଁ, ସେବାରେ ପରିଣତ କରିବା ଉଚିତ।' ଗାନ୍ଧୀଙ୍କ ମତରେ, 'ଆତ୍ମଦାହ ନିଜ ଶରୀର ବିରୁଦ୍ଧରେ ଏକପ୍ରକାର ହିଂସା। ଏହା ନୈତିକ ଓ ଆଧ୍ୟାତ୍ମିକ ଭାବରେ ଅଗ୍ରାହ୍ୟ। ଶରୀରର ବିନାଶ ସତ୍ୟର ପଥ ନୁହେଁ।'

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ପରିବେଶ ଓ ଜୀବନରେ ବିପର୍ଯ୍ୟୟର ଛାୟା

**ହୃଷୀକେଶ ପାଣଗ୍ରାହୀ**

ଜଳବାୟୁ ପରିବର୍ତ୍ତନ ଏବଂ ମାନବୀୟ ଅବହେଳା ଆଜି ଆମ ପରିବେଶ ଓ ଜୀବନ ପାଇଁ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ନିକଟରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାରେ ବାଦଲଫଟା ବର୍ଷା ଯୋଗୁଁ କ୍ଷୀର ଗଙ୍ଗାରେ ଆକସ୍ମିକ ପାହାଡ଼ୀ ବନ୍ୟା ଘଟିଛି, ଯାହା ଧରାଲିର ହରସିଲ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏହି ବନ୍ୟାରେ ଅନେକ ଘରଦ୍ୱାର, ହୋଟେଲ ଓ ଅନ୍ୟାନ୍ୟ କୋଠା ମଧ୍ୟ ଧୋଇ ହୋଇଯାଇଛି। ଏହି ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଲୋକ ନିଖୋଜ ହୋଇଛନ୍ତି। ଏହି ଘଟଣା କେବଳ ଏକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ମାନବୀୟ ଅବହେଳା ଏବଂ ଜଳବାୟୁ ପରିବର୍ତ୍ତନର ମିଳିତ ପରିଣାମ।

ଜଳବାୟୁ ପରିବର୍ତ୍ତନ ହିମାଳୟ ଭଳି ସମ୍ବେଦନଶୀଳ ଅଞ୍ଚଳରେ ଅତିବୃଷ୍ଟି, ବାଦଲଫଟା ଓ ଆକସ୍ମିକ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ତୀବ୍ର କରୁଛି। ବୈଜ୍ଞାନିକ ଅନୁସନ୍ଧାନ ଅନୁଯାୟୀ, ପ୍ରତି ୧ ଡିଗ୍ରୀ ସେଲସିୟସ ତାପମାତ୍ରା ବୃଦ୍ଧି ସହିତ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ୭% ବୃଦ୍ଧି ପାଉଛି, ଯାହା ବାଦଲଫଟା ବର୍ଷା ଭଳି ଘଟଣାକୁ ଅଧିକ ଘନ ଓ ତୀବ୍ର କରୁଛି। ଉତ୍ତରାଖଣ୍ଡରେ ୨୦୧୩ ମସିହାରେ ଘଟିଥିବା ବିନାଶକାରୀ ବନ୍ୟା, ଯାହା ୬,୦୦୦ରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା ଏବଂ ୨୦୨୧ ଓ ୨୦୨୫ରେ ଘଟିଥିବା ବାଦଲଫଟା ବର୍ଷା ଓ ବନ୍ୟା ଘଟଣାଗୁଡ଼ିକ ଏହାର ଜ୍ୱଳନ୍ତ ଉଦାହରଣ।

ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ କାରଣ ହେଲେ ମଧ୍ୟ ମାନବୀୟ କାର୍ଯ୍ୟକଳାପ ଏହି ବିପର୍ଯ୍ୟୟକୁ ଆହୁରି ଜଟିଳ କରୁଛି। ଉତ୍ତରାଖଣ୍ଡରେ ଅନିୟନ୍ତ୍ରିତ ନିର୍ମାଣ, ଜଳବିଦ୍ୟୁତ ପ୍ରକଳ୍ପ, ଅତ୍ୟଧିକ ପର୍ଯ୍ୟଟନ ଓ ବନାଞ୍ଚଳ ନଷ୍ଟ ହେବା ପରିବେଶର ସମ୍ବେଦନଶୀଳତାକୁ ବୃଦ୍ଧି କରୁଛି। ୨୦୧୩ ବନ୍ୟା ପରେ ସୁପ୍ରିମକୋର୍ଟ ଅନୁଯାୟୀ ୨୩ଟି ଜଳବିଦ୍ୟୁତ ପ୍ରକଳ୍ପ ବନ୍ଦ କରିବାକୁ ପରାମର୍ଶ ଦିଆଯାଇଥିଲା, କିନ୍ତୁ ଏବେ ମଧ୍ୟ ନୂତନ ପ୍ରକଳ୍ପ ପାଇଁ ଆବେଦନ ଜାରି ରହିଛି। ଅନିୟନ୍ତ୍ରିତ ରାସ୍ତା ନିର୍ମାଣ, ବନ ଉଜାଡ଼ିକରଣ ଓ ନଦୀକୂଳରେ ଅବୈଧ ନିର୍ମାଣ ପାହାଡ଼ୀ ଅଞ୍ଚଳରେ ମାଟିଧସିବା ସହ ବନ୍ୟା ପରିସ୍ଥିତି ବୃଦ୍ଧି କରୁଛି। ଏହାସହିତ ପୂର୍ବ ସୂଚନା ବ୍ୟବସ୍ଥା ଓ ବିପର୍ଯ୍ୟୟ ପରିଚାଳନାରେ ଅସମର୍ଥତା ମଧ୍ୟ କ୍ଷୟକ୍ଷତିକୁ ବୃଦ୍ଧି କରୁଛି। ୨୦୧୩ରେ ଭାରତୀୟ ପାଣିପାଗ ବିଭାଗ ପୂର୍ବ ସୂଚନା ଦେଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପ୍ରତିକ୍ରିୟା ଅପର୍ଯ୍ୟାପ୍ତ ଥିଲା, ଯାହା ବିପର୍ଯ୍ୟୟର ପରିମାଣକୁ ବୃଦ୍ଧି କରିଥିଲା। ଏହି ବିପର୍ଯ୍ୟୟ କେବଳ ପରିବେଶକୁ ନଷ୍ଟ କରୁନାହିଁ, ବରଂ ମାନବ ଜୀବନ ଓ ଅର୍ଥନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି। ଉତ୍ତରକାଶୀରେ ଘଟିଥିବା ସାମ୍ପ୍ରତିକ ବନ୍ୟା ଯୋଗୁଁ ଅନେକ ପରିବାର ନିଃସ୍ୱ ହୋଇଯାଇଛନ୍ତି, ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ ହୋଇଛି ଏବଂ କୃଷି ଓ କୋଠାମାନ ନଷ୍ଟ ହୋଇଛି। ଏହା ସହିତ, ପରିବେଶରେ ଅତ୍ୟଧିକ ମାଟିଧସିବା ଓ ଜଙ୍ଗଲ ନଷ୍ଟ ହେବା ଜୈବବିବିଧତା ଓ ପରିବେଶ ସନ୍ତୁଳନକୁ ଆହୁରି ଦୁର୍ବଳ କରୁଛି। ଏହା ଦୀର୍ଘକାଳୀନ ଭାବେ ଜଳ ସଙ୍କଟ, ଖାଦ୍ୟ ଅଭାବ ଓ ଜୀବନଧାରଣରେ ଅସୁବିଧା ସୃଷ୍ଟି କରୁଛି।

ଏହି ସମସ୍ୟାର ସ୍ଥାୟୀ ସମାଧାନ ଓ ନକାରାତ୍ମକ ପ୍ରଭାବ ହ୍ରାସ ପାଇଁ ବନ ଓ ଜଳାଶୟ ସଂରକ୍ଷଣ ମାଧ୍ୟମରେ ପାହାଡ଼ୀ ଅଞ୍ଚଳରେ ମାଟିଧସିବା ଓ ବନ୍ୟା ପରିସ୍ଥିତିକୁ ହ୍ରାସ କରାଯାଇ ପାରିବ। ବୃକ୍ଷରୋପଣ ଓ ବନାଞ୍ଚଳ ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଭଳି ପଦକ୍ଷେପ ଗ୍ରହଣ କରାଯାଇପାରେ। ଅନିୟନ୍ତ୍ରିତ ଜଳବିଦ୍ୟୁତ ପ୍ରକଳ୍ପ ଓ କୋଠା ନିର୍ମାଣ ଉପରେ କଡ଼ା ନିୟମ ଲାଗୁ କରିବା, ପର୍ଯ୍ୟଟନକୁ ପରିବେଶ ସହ ସମନ୍ୱୟ ରଖି ପରିଚାଳନା, ହିମାଳୟ ଅଞ୍ଚଳରେ ଅଧିକ ସଂଖ୍ୟକ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଏବଂ ଉପଗ୍ରହ ଆଧାରିତ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା ସ୍ଥାପନ କରାଯିବା ଆବଶ୍ୟକ। ଏହା ସଠିକ ସମୟରେ ପୂର୍ବ ସୂଚନା ପ୍ରଦାନ କରି ଜୀବନ ଓ ସମ୍ପତ୍ତିର କ୍ଷୟକ୍ଷତି ହ୍ରାସ କରିବ। ସ୍ଥାନୀୟ ଜନସାଧାରଣଙ୍କୁ ବିପର୍ଯ୍ୟୟ ପରିଚାଳନା ତାଲିମ ପ୍ରଦାନ କରିବା ଏବଂ ସେମାନଙ୍କର ପାରମ୍ପରିକ ଜ୍ଞାନକୁ ପୂର୍ବ ସୂଚନା ବ୍ୟବସ୍ଥା ସହ ସଂଯୋଜନ କହିବା ଭଳି ପଦକ୍ଷେପ ନେବାକୁ ପଡ଼ିବ। ଏହାଦ୍ୱାରା ସ୍ଥାନୀୟ ସ୍ତରରେ ତୁରନ୍ତ ପ୍ରତିକ୍ରିୟା ସମ୍ଭବ ହେବ। ଜଳବାୟୁ ପରିବର୍ତ୍ତନ ଅନୁକୂଳନକୁ ଶିକ୍ଷା, ଶୁଷ୍କ ନିର୍ମାଣ ଓ ବିପର୍ଯ୍ୟୟ ପ୍ରଶମନ ନୀତିରେ ସାମିଲ କରାଯାଇ ପ୍ରାକୃତିକ ଜଳ ସଂରକ୍ଷଣ କ୍ଷେତ୍ର ଯଥା ଜଳାଶୟ ଓ ମାଙ୍ଗ୍ରୋଭ ପୁନରୁଦ୍ଧାର କରାଯାଇପାରିବ।

ଉତ୍ତରାଖଣ୍ଡରେ ଘଟୁଥିବା ବାଦଲଫଟା ଓ ବନ୍ୟା ଭଳି ଘଟଣା ଆମକୁ ଜଳବାୟୁ ପରିବର୍ତ୍ତନ ଓ ମାନବୀୟ ଅବହେଳାର ଗମ୍ଭୀର ପରିଣାମ ସମ୍ପର୍କରେ ସତର୍କ କରୁଛି। ଏହା କେବଳ ଉତ୍ତରାଖଣ୍ଡ କିମ୍ବା ହିମାଳୟରେ ସୀମିତ ନୁହେଁ, ବରଂ ସାରା ବିଶ୍ୱରେ ପରିବେଶ ସଂରକ୍ଷଣ ଓ ସ୍ଥାୟୀ ବିକାଶର ଆବଶ୍ୟକତାକୁ ଆଲୋକପାତ କରୁଛି। ସଠିକ ନୀତି, ସାମୁଦାୟିକ ସହଯୋଗ ଓ ବୈଜ୍ଞାନିକ ପଦକ୍ଷେପ ମାଧ୍ୟମରେ ଆମେ ଏହି ନକାରାତ୍ମକ ପ୍ରଭାବକୁ ହ୍ରାସ କରି ଆମ ପରିବେଶ ଓ ଜୀବନକୁ ସୁରକ୍ଷିତ କରିପାରିବା। ଏହା ଆମ ସମସ୍ତଙ୍କର ଦାୟିତ୍ୱ, ଯାହା ଆଜିର କାର୍ଯ୍ୟ ଦ୍ୱାରା ଆମ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏକ ସୁସ୍ଥ ପୃଥିବୀ ସୁନିଶ୍ଚିତ କରିବ।

(ସହକାରୀ ପ୍ରାଧ୍ୟାପକ, ଧରଣୀଧର ବିଶ୍ୱବିଦ୍ୟାଳୟ)
କେନ୍ଦୁଝର, ମୋ: ୮୨୪୯୫୮୬୨୦୭

## ପଦ୍ମସମ୍ଭବ, ମନ୍ଦରଭା ଓ ୟେଶେ

### ଦ୍ୱିତୀୟ-ବୁଦ୍ଧ କଥା

**ପ୍ରବୀର କୁମାର ପଟ୍ଟନାୟକ**

ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଓ ତାଙ୍କ ଧର୍ମ ପ୍ରଚାର କାର୍ଯ୍ୟ ଉଭୟ କ୍ଷେତ୍ରରେ ଦୁଇଜଣ ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ତଥା ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ଜଣେ ହେଲେ ତାଙ୍କର ଦ୍ୱିତୀୟ ଧର୍ମପତ୍ନୀ ତଥା ତାଙ୍କର ମୁଖ୍ୟ ସହଯୋଗୀ, ସହକର୍ମୀ, ବନ୍ଧୁ ତଥା ପରମ ଶୁଭାକାଂକ୍ଷୀ ଆଚାର୍ଯ୍ୟ ଶାନ୍ତରକ୍ଷିତଙ୍କ ଭଗିନୀ ମନ୍ଦରଭା। ତାଙ୍କର ପ୍ରଥମ ପତ୍ନୀ ଭାସଧାରାଙ୍କୁ ସେ ସମ୍ବଲରେ ରାଜପ୍ରାସାଦରେ ରଖି ରାଜ୍ୟ ତ୍ୟାଗ କରି ପଳାଇ ଆସିଥିଲେ। ଅନ୍ୟ ସହଚରୀ ଜଣକ ହେଲେ ୟେଶେ ସୋଗ୍ୟାଲ୍। ତିବ୍ବତରେ ପହଞ୍ଚିବା ପରଠାରୁ ଓ ତିବ୍ବତ ପରିତ୍ୟାଗ କରିବା ପର୍ଯ୍ୟନ୍ତ ୟେଶେ ପଦ୍ମସମ୍ଭବଙ୍କ ଜୀବନରେ ଓ କର୍ମକ୍ଷେତ୍ରରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସହଯୋଗୀ ଭାବେ ତାଙ୍କ ସହ ସବୁବେଳେ ସବୁକାର୍ଯ୍ୟରେ ଲାଗି ରହିଥିଲେ।

ମନ୍ଦରଭା: ସହୋର ନାମକ ଦେଶର ରାଜା ଥିଲେ ଆର୍ଷଧର। ତାଙ୍କ ରାଣୀ ଥିଲେ ହାଉକୀ। ତାଙ୍କର କନ୍ୟାଟି ଦେବଦେବୀଙ୍କ କୃପାରୁ ଜନ୍ମ ଲାଭ କରିଥିଲା। ପିଲାଦିନେ କନ୍ୟାଟିକୁ ଦେଖି ଜଣେ ଯୋଗୀ ତାଙ୍କ ନିକଟରେ ଭଗବାନ ବୁଦ୍ଧଙ୍କର ବତ୍ରିଶ ଗୋଟି ଶୁଭ-ଲକ୍ଷଣମାନ ଥିବାରୁ ଭବିଷ୍ୟବାଣୀ କରିଥିଲେ ଯେ 'କନ୍ୟାଟି ଦେବକନ୍ୟା। ଏଣୁ ତାଙ୍କୁ ବିବାହ ବନ୍ଧନରେ ରଖାଯାଇ ପାରିବ ନାହିଁ। କନ୍ୟାଟି ନିଶ୍ଚିତ ଭାବେ ଯୋଗିନୀଟିଏ ହେବେ।' କନ୍ୟାର ନାମ ମଧ୍ୟ 'ଯୋଗୀ ମନ୍ଦରଭା' ରଖାଗଲେ। ସେ ତେର ବର୍ଷ ବୟସର ହେଲା ବେଳକୁ ବାସ୍ତବରେ ଜଣେ ଦେବକନ୍ୟା ଭଳି ଦେଖାଗଲେ। ଚୀନର ରାଜକୁମାର, ହିନ୍ଦୁ, ମୁସଲମାନ ଓ ପାରସ୍ୟର ରାଜା ଆଦି ଚାଳିଶ ଜଣ ରାଜବଂଶୀୟ ମନ୍ଦରଭାଙ୍କୁ ବିବାହ ପାଇଁ ପ୍ରସ୍ତବ ଦେଇଥିଲେ। କିନ୍ତୁ ମନ୍ଦରଭା ସମସ୍ତଙ୍କୁ ଅଗ୍ରାହ୍ୟ କରି ସେ ଧର୍ମ (ବୌଦ୍ଧ ଧର୍ମ) ର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲି କହିଲେ। ରାଜା ଯେତେ ବାଧ କଲେ ମଧ୍ୟ ମନ୍ଦରଭା ନିଜ ନିଷ୍ପତ୍ତିରେ ଦୃଢ଼ ରହିଲେ। ଫଳରେ ରାଜା ରାଗି ଯାଇ ପାଞ୍ଚଶହ ସେବକ ନିୟୋଜିତ କରି ସ୍ୱତନ୍ତ୍ର ପ୍ରାସାଦରେ ମନ୍ଦରଭାଙ୍କୁ ଏକପ୍ରକାର ବନ୍ଦୀ ଭଳି ରଖାଇଲେ।

ପଦ୍ମସମ୍ଭବ ରତ୍ନଗିରି ବିଶ୍ୱବିଦ୍ୟାଳୟରେ ଯୋଗ-ତନ୍ତ୍ର ଶିକ୍ଷା ସାରି ବିଭିନ୍ନ ପ୍ରକାର ଜ୍ଞାନ ଆହରଣ ପାଇଁ ସମଗ୍ରଦେଶ ଭ୍ରମଣ କରୁଥିବା ବେଳେ ମନ୍ଦରଭାଙ୍କ ସ୍ଥାନରେ ପହଞ୍ଚିଲେ। ସେଠାରେ ତାଙ୍କ ଗୁଣାବଳୀ ଜାଣିପାରି ମନ୍ଦରଭା ଓ ତାଙ୍କ ସେବକ ସମସ୍ତେ ତାଙ୍କୁ ପ୍ରାସାଦ ମଧ୍ୟକୁ ଡକାଇ ତାଙ୍କଠାରୁ ବୌଦ୍ଧଧର୍ମ ଗ୍ରହଣ ପୂର୍ବକ ଦୀକ୍ଷିତ ହେଲେ। ପ୍ରାସାଦ ମଧ୍ୟକୁ ପଦ୍ମସମ୍ଭବ ପ୍ରବେଶ କରିଥିବା ଖବର ଜଣେ ଗାଈ ଜଗୁଆଳୀ ରାଜାଙ୍କୁ ଜଣାଇ ଦେଇଥିଲା। ରାଜା ଏଥିରେ କ୍ରୋଧ ଜର୍ଜରିତ ହୋଇ ସେମାନଙ୍କ ନିକଟକୁ ଆସି ପଦ୍ମସମ୍ଭବଙ୍କୁ ମନ୍ଦରଭା ନିକଟରେ ଦେଖିବା ପରେ ରାଜକର୍ମଚାରୀଙ୍କୁ ଆଦେଶ ଦେଲେ ପଦ୍ମସମ୍ଭବଙ୍କୁ କାଠ ଓ ତିଳ ତେଲରେ ଅଗ୍ନି ନିକ୍ଷେପ କରି ଜାଳି ଭସ୍ମ କରିଦେବାକୁ। ଏହାସହ ମନ୍ଦରଭାଙ୍କୁ ବିବସ୍ତ୍ର କରି ଗାତ ଖୋଳି ସେଥିରେ କଣ୍ଟା ପୂରାଇ ପକାଇ ଦେବାକୁ ଆଦେଶ ଦେଲେ। ପଦ୍ମସମ୍ଭବଙ୍କୁ ହତ୍ୟା ନିମିତ୍ତ ଯେଉଁ ଅଗ୍ନି ପ୍ରସ୍ତୁତ ହୋଇଥିଲା ତାହା ଜୋରରେ ଜଳି ଚାରିଆଡ଼େ ଧୂଆଁମୟ ହୋଇଗଲା ଏବଂ ସେଥିମଧ୍ୟରୁ ପ୍ରଚଣ୍ଡ ଶବ୍ଦ ଶୁଣାଗଲା। ସାତ ଦିନ ପର୍ଯ୍ୟନ୍ତ ନିଆଁ ନ ଲିଭି ଅଧିକରୁ ଅଧିକ ଜଳି ଉଠୁଥିବାର ଦେଖି ରାଜା ତନଖି ପାଇଁ ମନ୍ତ୍ରୀଙ୍କୁ ପଠାଇଲେ। ମନ୍ତ୍ରୀ ଦେଖିଲେ ଯେ ସେଠାରେ ଗୋଟିଏ ଇନ୍ଦ୍ରଧନୁକୁ ଘେରିଥିବା ହ୍ରଦଟିଏ ରହିଛି ଏବଂ ତା' ମଧ୍ୟରେ ପଦ୍ମଫୁଲ ଉପରେ ବାଳକଟିଏ ବସିରହିଛି। ଏହା ଶୁଣି ରାଜା ନିଜେ ସେହି ହ୍ରଦ ନିକଟକୁ ଯିବାରୁ ବାଳକଟି ପାଟିକରି ଅନ୍ୟାୟରେ ବିନା କାରଣରେ ଜଣେ ବିଖ୍ୟାତ ବୌଦ୍ଧଗୁରୁଙ୍କୁ ଦଣ୍ଡ ଦେଇଥିବା ରାଜାଙ୍କୁ କହିଲେ। ରାଜା ସେହି ବାଳକ ମଧ୍ୟରେ ବୁଦ୍ଧ ବିରାଜମାନ କରିଥିବା ବୋଧ କରି ନିଜ ଭୁଲ ବୁଝିପାରି ପ୍ରାୟଶ୍ଚିତ ସ୍ୱରୂପ ପଦ୍ମସମ୍ଭବ ଓ ତାଙ୍କ କନ୍ୟାଙ୍କୁ ଉଦ୍ଧାର କରି ରାଜପ୍ରାସାଦକୁ ନେଇଗଲେ। ପଦ୍ମସମ୍ଭବଙ୍କୁ ନିଜ ରାଜ୍ୟ ସହ ମନ୍ଦରଭାଙ୍କୁ ଅର୍ପଣ କଲେ। ଏହିଭଳି ଦୈବୀଯୋଗ କ୍ରମେ ମନ୍ଦରଭାଙ୍କୁ ପଦ୍ମସମ୍ଭବ ବିବାହ କଲେ। ସାରା ଜୀବନ ଛାଇ ପରି ମନ୍ଦରଭା ପଦ୍ମସମ୍ଭବଙ୍କ ସାଙ୍ଗରେ ପତ୍ନୀ, ସହକର୍ମୀ, ସହଚରୀ, ସର୍ବୋପରି ସାଧନା ସଙ୍ଗିନୀ ରୂପେ ରହିଥିଲେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ନର୍ସିଂହୋମ୍ ଅବହେଳାରୁ ମା' ଓ ନବଜାତକ ମୃତ୍ୟୁ ଘଟଣା**

## ସାହାରା ନର୍ସିଂହୋମ୍ ସିଲ୍

ସାନଖେମୁଣ୍ଡି,୮ା୮(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଡେଙ୍ଗାଉସ୍ତାରେ ଥିବା ଘରୋଇ ନର୍ସିଂହୋମକୁ ସିଲ୍ କରିଛି ସ୍ୱାସ୍ଥ୍ୟ ବିଭାଗ। ସୂଚନା ମୁତାବକ ଶୁକ୍ରବାର ଅପରାହ୍ଣରେ ସାନଖେମୁଣ୍ଡି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ରାମଚନ୍ଦ୍ର ପଟ୍ଟନାୟକ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ, ଡ୍ରଗସ ଇନ୍ସପେକ୍ଟର ଓ ଦିଗପହଣ୍ଡି ପୁଲିସ ସାହାରା ନର୍ସିଂହୋମ୍‌ରେ ପହଞ୍ଚି ତଦନ୍ତ କରିଥିଲେ। ପରେ ଉକ୍ତ ଘରୋଇ ନର୍ସିଂହୋମକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଗତ ମେ' ୧୩ରେ କରାଖଣ୍ଡି ଗ୍ରାମର ଜଣେ ପ୍ରସୂତି ମହିଳା ରୋଜି ନାୟକ ପ୍ରସବ ପାଇଁ ସାହାରା ନର୍ସିଂ ହୋମ୍‌ରେ ଭର୍ତ୍ତି ହୋଇଥିଲେ। ପ୍ରସବ ସମୟରେ ଉଭୟ ମା' ଓ ନବଜାତ ଶିଶୁର ମୃତ୍ୟୁ ଘଟିଥିଲା। ପରେ ନର୍ସିଂ ହୋମ୍‌ର ଅବହେଳା, ଅଣସ୍ୱୀକୃତିପ୍ରାପ୍ତ କର୍ମଚାରୀଙ୍କ ହାତରେ ପ୍ରସବ ଯୋଗୁ ତାଙ୍କ ପତ୍ନୀଙ୍କର ମୃତ୍ୟୁ ଘଟିଥିବା ମହିଳାଙ୍କ ସ୍ୱାମୀ ବାବୁ ନାୟକ ଦିଗପହଣ୍ଡି ଥାନା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରିବା ସହ ଏକ ମାମଲା ରୁଜୁ କରି ଏଥିରେ ସମ୍ପୃକ୍ତ ସରକାରୀ ଏଏନ୍‌ଏମ ମଧୁସ୍ମିତା ପଟ୍ଟନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅନ୍ୟପଟେ ନର୍ସିଂ ହୋମ୍ ମାଲିକ ଫେରାର୍ ଥିବାରୁ ନର୍ସିଂହୋମ୍ ବନ୍ଦ ରହିଥିଲା। ତେବେ ଆଗୁଆ ଜାମିନ ଆଣି ପୁଣିଥରେ ସେ ନର୍ସିଂହୋମ୍ ଚଳାଇଥିଲେ। ଶୁକ୍ରବାର ଅପରାହ୍ଣରେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ କାଗଜ ପତ୍ର ଯାଞ୍ଚ କରିବା ପରେ ନର୍ସିଂହୋମ୍‌କୁ ସିଲ୍ କରିଛି। କିଭଳି ବିନା କାଗଜପତ୍ରରେ ନର୍ସିଂହୋମ୍ ଏତେଦିନ ଧରି ଚାଲିଥିଲା ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବାଟ ମଝିରେ ଶୋଇପଡ଼ିଲେ ମଦ୍ୟପ ଆମ୍ବୁଲାନ୍ସ ଚାଳକ

ମୋହନା,୮ା୮(ସମିସ): ଅଧ ରାତିରେ ବାଟ ମଝିରେ ଶୋଇପଡ଼ିଲା ଆମ୍ବୁଲାନ୍ସ ଚାଳକ। ଯେତେ ଡାକିଲେ ବି ଆଉ ଉଠିଲାନି। ତେଣୁ ବାଧ ହୋଇ ପରିବାରଲୋକ ଅନ୍ୟ ଏକ ଗାଡ଼ିରେ ଗର୍ଭବତୀଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲ ନେଲେ। ଗଜପତି ଜିଲ୍ଲାରେ ଘଟିଥିବା ଏଭଳି ଏକ ଅଭାବନୀୟ ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଆମ୍ବୁଲାନ୍ସ ଚାଳକଜଣଙ୍କ ମଦ ପିଇବା ପରେ ଏପରି କାଣ୍ଡ ଘଟାଇଥିବା କୁହାଯାଉଛି।

ସୂଚନାନୁସାରେ, ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଆମ୍ବୁଲାନ୍ସ କାନିକିପଦର ଗ୍ରାମର ଗର୍ଭବତୀ ମହିଳା ବିଜୟ ରଇତଙ୍କ ପତ୍ନୀ ନନ୍ଦିନୀ ରଇତଙ୍କୁ ନେଇ ଗୁରୁବାର ରାତିରେ ବ୍ରହ୍ମପୁର ଯାଉଥିଲା। ହେଲେ ଅଧା ରାସ୍ତାରେ ଚାଳକ କୌଣସି କାମ ଲାଗି କିଛି ସମୟ ଓହ୍ଲାଇଥିଲେ। ସେଠାରୁ କିଛି କିଲୋମିଟର ଯିବା ପରେ ଡ୍ରାଇଭରଙ୍କ ହାବଭାବ ବଦଳି ଯାଇଥିଲା। ସେ ଆଉ



ଠିକ୍‌ରେ ଗାଡ଼ି ଚଳାଇ ନପାରି ଗାଡ଼ିକୁ ରାସ୍ତାକଡ଼ରେ ସାଇଡ୍ କରି ଶୋଇପଡ଼ିଥିଲେ। ଗାଡ଼ିରେ ଥିବା ଗର୍ଭବତୀଙ୍କ ପରିବାରଲୋକେ ଯେତେ ଉଠାଇଥିଲେ ମଧ୍ୟ ଚାଳକ ଆଉ ଉଠିନଥିଲେ। ସେପଟେ ମହିଳାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସମ୍ପର୍କୀୟମାନେ ଅନ୍ୟ ଏକ ଗାଡ଼ି ଡାକି ବ୍ରହ୍ମପୁର ନେଇଥିଲେ। ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ଲୋକଙ୍କ ସେବାରେ ୧୦୨/୧୦୮

**ଘରୋଇ ଗାଡ଼ି ଡାକି ଗର୍ଭବତୀଙ୍କୁ ନେଲେ ପରିବାରଲୋକ**

ଆମ୍ବୁଲାନ୍ସ ଯୋଗାଉଛନ୍ତି। କିନ୍ତୁ କିଛି ଅସାଧୁ ମଦ୍ୟପ ଚାଳକଙ୍କ ଲାଗି ଏହି ସେବାରୁ ବଞ୍ଚିତ ହେଉଛନ୍ତି ରୋଗୀ। ଏହି ମଦ୍ୟପ ଚାଳକଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଆଜି ମିଳିବ 'ସୁଭଦ୍ରା'ର ତୃତୀୟ କିସ୍ତି ଟଙ୍କା

ଭୁବନେଶ୍ୱର,୮ା୮(ସମିସ): ଆସନ୍ତାକାଲି ରାକ୍ଷୀ ପୂର୍ଣ୍ଣିମାରେ ରାଜ୍ୟ ସରକାର 'ସୁଭଦ୍ରା' ଯୋଜନାର ୩ୟ କିସ୍ତି ଅର୍ଥ ପ୍ରଦାନ କରିବେ। କୋଟିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ କୋଟିଆ ବାସିନ୍ଦାଙ୍କୁ ସୁଭଦ୍ରା କିସ୍ତି ଟଙ୍କା ବଣ୍ଟାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଯାହା ପାଖରେ ଯେଉଁ ଆଧାର କାର୍ଡ ରହିଥିଲେ ବି ସେମାନଙ୍କ ଆର୍ଥିକ ସ୍ଥିତିକୁ ଦେଖି ହିତାଧିକାରୀ ପାଇଁ ଯେଉଁମାନେ ଯୋଗ୍ୟ, ସେମାନଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କୋଟିଆ ପଞ୍ଚାୟତରେ ୨୦୭୮ ଜଣ ମହିଳା ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଥିବା ବେଳେ ୧୭୯୫ ଜଣ ଯୋଜନାରେ ସାମିଲ ହୋଇଛନ୍ତି। ସେହିପରି ୧୭୪ ଜଣଙ୍କ ଆବେଦନ ପ୍ରୋସେସିଂରେ ରହିଥିବା ବେଳେ ୧୦୯ ଜଣ ହିତାଧିକାରୀଙ୍କ ଆବେଦନ ଖାରଜ ହୋଇଥିବା ଜଣାପଡ଼ିଛି। ଏଠାକାର ୨୧ ଖଣ୍ଡ ବିବାଦୀୟ ଗ୍ରାମର ସମସ୍ତ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ କୋରାପୁଟର ପୂର୍ବତନ ସାଂସଦ ଜୟରାମ ପାଙ୍ଗୀ ସରକାରଙ୍କୁ ନିବେଦନ କରିଛନ୍ତି। ସୂଚନା ଅନୁସାରେ, ଅଗଷ୍ଟ ୯ ତାରିଖ ଅର୍ଥାତ୍ ଆସନ୍ତାକାଲି ଖୋଲିବ ସୁଭଦ୍ରା ପୋର୍ଟାଲ। ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଯୋଡ଼ିବାକୁ ସର୍ଭେ କରାଯିବା ସହ ୨୧ ବର୍ଷ ହୋଇଥିବା ଯୁବତୀ ଓ ମହିଳା ଆବେଦନ କରିବେ।

**ରାକ୍ଷୀ ପୂର୍ଣ୍ଣିମାରେ କୋଟିଆରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ**

## ଶାନ୍ତନୁ ସ୍ୱାଇଁ ସିକ୍କିମ୍ ବିଶ୍ୱବିଦ୍ୟାଳୟର ନୂତନ କୁଳପତି

ଭୁବନେଶ୍ୱର, ୮ା୮(ସମିସ): ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁ ସିକ୍କିମ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି। ପୁରୀ ଜିଲା ଋଷିପଡ଼ା ଗ୍ରାମ ନିବାସୀ ପ୍ରଫେସର ସ୍ୱାଇଁ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ସେ କୁଳପତି ଦାୟିତ୍ୱ ତୁଲାଇବେ। ରାଷ୍ଟ୍ରପତି ତାଙ୍କୁ ନିଯୁକ୍ତି ଦେଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି।



ଶିକ୍ଷା କ୍ଷେତ୍ରରେ ପ୍ରଫେସର ସ୍ୱାଇଁଙ୍କର ୪୩ ବର୍ଷର ଅଭିଜ୍ଞତା ରହିଛି। ପୂର୍ବରୁ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ) ଶିକ୍ଷା ବିଭାଗର ଡିନ୍ ଭାବରେ କାର୍ଯ୍ୟ କରିଛନ୍ତି। ଏହାସହ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ଓଡ଼ିଶା କୋରାପୁଟ୍‌ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ପରିଷଦର ସଦସ୍ୟ ଭାବେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି। ତାଙ୍କ ଅଧୀନରେ ୬୭ରୁ ଅଧିକ ଗବେଷକ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି।

## ୧୨ରୁ ରାଜ୍ୟବ୍ୟାପୀ ଭିଟାମିନ୍-ଏ ସପ୍ଲିମେଣ୍ଟେସନ୍

ଭୁବନେଶ୍ୱର,୮ା୮(ସମିସ): ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି, ରକ୍ତହୀନତା ନିରାକରଣ ଏବଂ ପରଜୀବୀ କୃମି ସଂକ୍ରମଣରୁ ମୁକ୍ତି ପାଇଁ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫ୍ ସହଭାଗିତାରେ ଆସନ୍ତା ୧୨ ତାରିଖରେ ରାଜ୍ୟରେ ଜାତୀୟ କୃମିନାଶକ ଦିବସ (ଏନ୍‌ଡିଡି) ଏବଂ

- **ଉପକୃତ ହେବେ ୧.୭ କୋଟିରୁ ଅଧିକ ହିତାଧିକାରୀ**
- **୧୨ ଜିଲ୍ଲାରେ ପ୍ରଦାନ କରାଯିବ କୃମି ନାଶକ ଔଷଧ**

ଭିଟାମିନ୍-ଏ ସପ୍ଲିମେଣ୍ଟେସନ୍ (ଭିଏଏସ୍) କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମ ସହ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଚୟନ ଜିଲ୍ଲାଗୁଡ଼ିକରେ ଲିମ୍ଫାଟିକ୍ ଫାଇଲେରିଆସିସ୍–ମାସ୍ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେସନ୍ (ଏଲ୍‌ଏଫ୍-ଏମ୍‌ଡିଏ) କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ସହ ଏକ ବ୍ୟାପକ ଜନସ୍ୱାସ୍ଥ୍ୟ ଆଭିମୁଖ୍ୟ ସୁନିଶ୍ଚିତ କରିବ। ଏନ୍‌ଡିଡି କାର୍ଯ୍ୟକ୍ରମ ଅଧୀନରେ ୩୦ଟି ଜିଲ୍ଲାରେ ୧ରୁ ୧୯ ବର୍ଷ ବୟସର ୧.୨୬ କୋଟିରୁ ଅଧିକ ଶିଶୁ ଏବଂ ୨୦ରୁ ୨୪ ବର୍ଷ ବୟସର ୧୫ ଲକ୍ଷରୁ ଅଧିକ ପ୍ରଜନନ ବୟସର ମହିଳାଙ୍କୁ ଆଲ୍‌ବେଣ୍ଡାଜୋଲ୍ ଔଷଧ ପ୍ରଦାନ କରାଯିବ। ସେହିପରି ୧୨ଟି ଜିଲ୍ଲାରେ ଏଲ୍‌ଏଫ୍-ଏମ୍‌ଡିଏ ୧ରୁ୨ ବର୍ଷ ବୟସର ୪ଲକ୍ଷ ୧୦୮୧ ଶିଶୁ, ଏନ୍‌ଡିଡି ଜିଲ୍ଲାଗୁଡ଼ିକର ୧ରୁ୫ ବର୍ଷ ବୟସର ୨୩ଲକ୍ଷ ୩୯ହଜାର ୧୦୨ ଶିଶୁ, ଏବଂ ୬ରୁ୧୯ ବର୍ଷ ବୟସର ୯୯ଲକ୍ଷ ୬୪୩୩ ଶିଶୁ ଏନ୍‌ଡିଡି କାର୍ଯ୍ୟକ୍ରମ ଅଧୀନରେ କୃମିନାଶକ ଔଷଧ ପାଇବେ। ତେବେ ବାର୍ଷିକ ଦୁଇଥର ଅନୁଷ୍ଠିତ ହେଉଥିବା ଏହି ଭିଏଏସ୍ କାର୍ଯ୍ୟକ୍ରମ ୯ ମାସରୁ ୬୦ ମାସ ବୟସର ଆନୁମାନିକ ୩୨ ଲକ୍ଷ ଶିଶୁଙ୍କ ପାଖରେ ପହଞ୍ଚିବ। ଯାହା ରୋଗ ପ୍ରତିରୋଧ କ୍ଷମତା ବୃଦ୍ଧି ସହ ଶିଶୁ ମୃତ୍ୟୁହାର ଏବଂ ଅସୁସ୍ଥତା ହ୍ରାସ କରିବ ବୋଲି ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର ନିର୍ଦ୍ଦେଶାଳୟ କନଫରେନ୍ସ ହଲ୍‌ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡ. ରାଜ୍ୟଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ୟୁନିସେଫ୍‌ର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟଙ୍କ ଭିଟାମିନ୍-ଏ ସପ୍ଲିମେଣ୍ଟେସନ୍ ସହିତ କୃମିନାଶକକୁ ମିଶ୍ରଣ କରିବା ସରକାରଙ୍କ ଦ୍ୱାରା ଅପପୁଷ୍ଟି ବିରୁଦ୍ଧରେ ଲଢ଼ିବା ଏବଂ ପିଲାମାନଙ୍କ ମଧ୍ୟରେ ଉତ୍ତମ ମସ୍ତିଷ୍କ ବିକାଶକୁ ସମର୍ଥନ କରିବା ପାଇଁ ଏକ ଦୃଢ଼ପଦକ୍ଷେପ ବୋଲି କହିଥିଲେ। କାର୍ଯ୍ୟକ୍ରମ ସମ୍ବନ୍ଧୀୟ କୌଣସି ପ୍ରଶ୍ନ ପାଇଁ ସାରା ରାଜ୍ୟରେ ହେଲ୍ପଲାଇନ୍ ନମ୍ବର ୦୬୭୪-୨୩୯୧୯୪୪ ଜାରି କରାଯାଇଥିବା ସେ ସୂଚନା ଦେଇଥିଲେ। ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ ଏବଂ ଆଶା କର୍ମୀମାନେ ଔଷଧ ବଣ୍ଟନରେ ସକ୍ରିୟ ଅଂଶଗ୍ରହଣ କରିବେ ବୋଲି ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡ. ସ୍ମୃତିଜିତ୍ ପଟ୍ଟନାୟକ କହିଥିଲେ। ୟୁନିସେଫ୍‌ର ପୋଷଣ ଅଧିକାରୀ ଡ. ସଂଜୟ କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଲେ ୫ ଅଧିକାରୀ

ଭୁବନେଶ୍ୱର,୮ା୮(ସମିସ): ରାଜ୍ୟ ପୁଲିସ ବିଭାଗରେ କାର୍ଯ୍ୟରତ ୫ ଜଣ ଅତିରିକ୍ତ ଏସ୍‌ପି ପାହ୍ୟାର ଅଧିକାରୀଙ୍କର ପଦୋନ୍ନତି ହୋଇଛି। ସେମାନଙ୍କର ଏସପି ପାହ୍ୟାକୁ ପଦୋନ୍ନତି ହୋଇଥିବା ନେଇ ଆଜି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ସତ୍ୟବାନ ମହାନନ୍ଦ, କେନ୍ଦ୍ରାପଡ଼ା ଆଇୟୁସିଏଡବ୍ଲୁର ଦେବାଶିଷ ଧଳ, ରାଜ୍ୟ ପୁଲିସ ମୁଖ୍ୟାଳୟର ପ୍ରଭାଶଙ୍କର ନାୟକ, କମିସନରେଟ୍ ପୁଲିସର ଅତିରିକ୍ତ ଡିସିପି ଦେବଦତ୍ତ କର ଓ ରେଳବାଇ ଓ ଉପକୂଳ ସୁରକ୍ଷାର ସତ୍ୟଜିତ ମିଶ୍ରଙ୍କୁ ଏସପି ପାହ୍ୟାକୁ ପଦୋନ୍ନତି ହୋଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହିଠାରେ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।


**AFFIDAVIT**

By virtue of an affidavit sworn before Notary Public Titilagarh, dated 29.07.2025 I, Bhikari Rana , Address At/Po-Badbahal, Ps- Tusura, Dist-Balangir, Odisha, Pin- 767067 declare that I have changed my name from Rikari Rana to Bhikari Rana. Henceforth, I shall be known as Bhikari Rana for all purposes.

**Bhikari Rana**

**AFFIDAVIT**

I, Jyotika Ramachandra Behera, D/o-Ramachandra Behera, resident of Flat no-E/1102, Jalvayu Tower, Niladri Vihar, Po-Sailashree Vihar , Dist-Khurda PIN-751021, Odisha declared by this affidavit No-638, dtd-08/08/2025 that now onwards I shall be known as **JYOTIKA BEHERA** for all future purposes.

**AFFIDAVIT**

By virtue of an affidavit before the Executive Magistrate, Umerkote, Dist.- Nabarangpur, I, Amit Das Kurey, S/o- Babulal Kuray resident of Vill./Po.-Adhikariguda, Ps.- Umerkote, Dist.- Nabarangpur state that, my son's actual name is **Tanish Kuray** but in his Birth certificate his name has been wrongly mentioned as Tanish Kureay. Both the names **Tanish Kureay** and **Tanish Kuray** are of single and same person. Hence he will be known as **Tanish Kuray** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-06/08/2025. I, **Shashibhusan Bhoe** (Applicant name), S/O-Gokula Bhoe, Permanent resident of At- Dharapgarh, P.O. Goelbhadi, P.S. Saintala, Dist- Balangir, (Odisha), PIN- 767033, now residing at the same place affirm that I have changed my minor son's name from **Sahil Bhue** (old name) to **Sahil Bhoe** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Sahil Bhoe** (new name).

**Shashibhusan Bhoe**

**AFFIDAVIT**

I, Ramachandra Sanyasi Behera, S/o- Sanyasi Behera, resident of Flat No- E/1102, Jalvayu Tower, Niladri Vihar, Po-Sailashree Vihar, Dist-Khurda, PIN-751021, Odisha declared by this affidavit No-637, dtd- 08/08/2025 that now onwards I shall be known as **RAMA CHANDRA BEHERA** for all future purposes.

**AFFIDAVIT**

By virtue of an affidavit (CF No. 21, date- 07/08/2025) sworn before The Notary Public, Padampur. I, **Himanshu Agrawal,** S/o Anil Kumar Agrawal, resident of Vill- Padampur W.No.8, PO- Rajborasambar, Ps-Padampur, Dist- Bargarh, Odisha declare that I have changed my name from **Himanshu Agarwal** (old name) to **Himanshu Agrawal** (new name) in Bank Pass book vide A/C No. 367805001996 of ICICI Bank, Bheunria Branch. Henceforth, I shall be known as **Himanshu Agrawal** for all future purposes.

**Himanshu Agrawal**

**AFFIDAVIT**

By virtue of an affidavit sworn before Notary Public Titilagarh, dated 06.08.2025 I, Debraj Harpal, Adress At- Samiapada, Diatan Po- Parasara, Ps-Sindhekela, Dist- Balangir, Odisha, Pin-767035 declare that I have changed my daughter's name from Suneli Harpal to Santoshini Harpal. Henceforth, she shall be known as Santoshini Harpal for all purposes.

**Debraj Harpal**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated: 04.08.2025, I, Tanmayee Sahoo, resident of At/Po-Kusupur, Ps-Mahanga, Cuttack, Odisha-754205 declare that I have changed my minor Son's name from Aayansh Mohapatra to Aayansh Sahoo. Henceforth he shall be known as **Aayansh Sahoo** for all purposes.

**AFFIDAVIT**

By the virtue of an affidavit sworn before the Court of the Executive Magistrate, Aska, I Nivedita Panda, aged about 57 Years, D/O - Radhagobind Panda ( Farther ) and Smt Binodini Choudhury ( Mother ) permanent resident of Sunam Sahi , Aska , PO /PS - Aska , Dist - Ganjam , Odisha, PIN - 761110, do hereby declare that, I have changed my name from Nivedita Nayak to Nivedita Panda ! Hence I shall be known as **Nivedita Panda** for all purposes !

**AFFIDAVIT**

I, Aditya Shivraj Subarno, aged about 25 years, S/o- Rajesh Subarno, resident of Quarter No.01, Type-VI, SIB Colony, Bidyut Marg, Unit-V, Capital PS, Bhubaneswar, District Khordha, Odisha, PIN-751001 do hereby declare by this affidavit No.280, dated 08.08.2025 that, now onwards I shall be known as ADITYA SUBARNO for all future purposes.

**Sd/- Aditya Subarno**

**AFFIDAVIT**

I, Namrata Nivedita Behera, D/o-Chandan Behera, resident of Flat No-E/302, Phase-3, Metro Satelity City, Hanspal, Po-Balianta, Dist- Khurda PIN-752101, Odisha declared by this affidavit No-636, dtd- 08/08/2025 that now onwards I shall be known as **NAMRATA NIBEDITA BEHERA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Jajpur no 7627 dated 06/08/2025 declare that Myself Sk Jabir , S/o- Sk Bakabul of Sayedpur, Binjharpur, Jajpur have changed my old name from sk Jahid to Sk Jabir (new name). So I will be known as Sk. Jabir for all purposes.

**Sd/-Sk Jabir**

**LOST**

**I, Mrs. Nirupama Jena,** aged about 50 years, W/o: Mr. Sunil Kumar Jena, R/o: Plot No.: 172/1041, Sikharpur, Near BPCL Depot, Nadikula, Cuttack Sadar, Cuttack, Odisha - 753003 do hereby solemnly affirm that I am the absolute owner in respect of the land and building thereon situated at Dist.: Cuttack, DSRO: Cuttack, Thana: Chauliaganj No.: 2, Tahasil: Cuttack, Mouza: Unit No. 26, Sikharpur, Khata No.: 660/251, Plot No.: 172/1041, Area: Ac. 0.0520 Dec., Classified as Homestead having right title interest in and possession thereon. I hereby declare that the following original link deed are lost somewhere in transit and inspite of my best efforts I could not trace it out. The following deeds are not in my possession: **(A)** Registered Sale Deed No.: 1389 dated 21.03.2001 is not in my possession, **(B)** Original mutation ROR in respect of Khata No.: 660/251 of Mouza: Cuttack Sahar Unit No.: 26 Sikharpur**(C)** Registered Sale Deed No.: 2306 dated 10.05.2004. I have not deposited the said deed as security by way of equitable mortgage or otherwise with anybody nor I have given it to anybody for any purpose. If somebody found and misuse the said deed, I shall not be held responsible for that.

If any one found the above deed, is in possession or have any claim on the same please contact Advocate **Mr. A Pattnaik, Mob No.: 9338451066** within **7 days** of this publication. If no claim received during this period the validity of above mentioned original deeds is null and void.

**AFFIDAVIT**

By virtue of an affidavit CF No.2381, dtd. 06.08.2025 sworn before the Executive Magistrate, Sambalpur, I, Simran Binet, residing at Hospital Campus, PO-Modipada, PS-Sadar, Dist-Sambalpur, Odisha-768002 changed my name from Sriman Binet to Simran Binet. Henceforth I shall be known as **Simran Binet** for all purposes.

**Sd/- Simran Binet**

**TO WHOM IT MAY CONCERN**

Kind Attn:
Mr. Lokesh Dash of Cuttack
(Address not known)

We are hereby informed you that the undersigned has no power to register the flats (flat no.407,408 & 409) as per the certificate Case no.23/2025 issued on Dt.21.03.2025. We had informed you through the other Director, who has booked the flat during his tenure of Managing the company. We are unable to deposit the required amount of approx. Rupees Forty Lakhs penalties levied on the company of the promoter by Hon'ble Adjudicating Officer vide case no. AOCC No.22 of 2023 and execution case no.06 of 2024 in the matter of Saroj Kumar Sahu Vs. Mahodadhi Devlopers Pvt Ltd. So we informed through this notice by odia daily for information and refund of of your deposits of Rs.18,00,000/- for flat no 407, 408 and 409 of Tulasi Vihar, Phase-II, Puri. If any other claim, other Director will settle the issue at his end.

Managing Director,
Mahodadhi Devlopers Pvt. Ltd.
Bhubaneswar.

**AFFIDAVIT**

I, Ranjeeta Ramachandra Behera, W/o-Ramachandra Behera, resident of D/202, Sector-7,CDA,Markat Nagar, Cuttack Sadar, Dist-Cuttack PIN-753014, Odisha declared by this affidavit No-635, dtd-08/08/2025 that now onwards I shall be known as **RANJEETA BEHERA** for all future purposes.


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚାଷୀଙ୍କୁ ଅଡୁଆ...

ସେହିପରି ବାପା, ଜେଜେବାପାଙ୍କ ନାମ ଥିବା ପଟ୍ଟା ଜମିରେ ଚାଷ କରି ସେମାନେ ନିଜ ପରିବାର ଚଳାଇ ଆସୁଛନ୍ତି। ମାତ୍ର ଏବେ ଚାଷୀ ପଞ୍ଜିକରଣ ବେଳେ ପଟ୍ଟା ସଂଶୋଧନ ଜରୁରୀ ହୋଇ ପଡୁଛି। ଗୋଟିଏପଟେ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ରିହାତି ଦେଉଛନ୍ତି। ଚାଷୀଙ୍କୁ ଅଧିକ ଚାଷ କରିବାକୁ ସରକାର କହୁଛନ୍ତି। ମାତ୍ର ଧାନ ଚାଷ କରିବା ପରେ ଏହା କିପରି ସହଜରେ ବିକ୍ରିହେବ ସେଥିପାଇଁ ବ୍ୟବସ୍ଥା କରୁନାହାନ୍ତି। ଧାନ ବିକ୍ରି ନିମନ୍ତେ ଚାଷୀ ପଞ୍ଜିକରଣ ନିମନ୍ତେ କଠୋର ବ୍ୟବସ୍ଥା ଚାଷୀଙ୍କୁ ଚାଷ ଛାଡ଼ିବାକୁ ବାଧ କରୁଥିବା ଅଭିଯୋଗ ହୋଇଛି।

ଭୁବନେଶ୍ୱର ଉପକଣ୍ଠ ନଁପୁଟ ସମବାୟ ସମିତିର ଚାଷୀ ବିଶ୍ୱରଞ୍ଜନ ଦଳେଇ କହିଛନ୍ତି ଯେ ତାଙ୍କର ସବୁ ଜମି ଜେଜେବାପାଙ୍କ ନାମରେ ରହିଛି। ବଡ଼ବାପା ଓ ଦାଦାମାନେ ସବୁ ଚାକିରି ଓ କାମ ଧନ୍ଦା ପାଇଁ ଦୀର୍ଘଦିନ ଧରି ରାଜ୍ୟ ବାହାରେ ରହୁଛନ୍ତି। ତାଙ୍କ ଭାଗ ଜମି ପଡ଼ିଆ ପଡ଼ିଛି; ମୋ ବାପା ବୁଢ଼ା ହୋଇ ଯାଇଥିବାରୁ ଏବେ ଚାଷ କାମ ମୁଁ ନିଜେ ବୁଝୁଛି। ବାପାଙ୍କ ବାର୍ଦ୍ଧକ୍ୟ ଯୋଗୁଁ ମୁଁ ମୋ ନାମରେ ପଞ୍ଜିକରଣ କରିବାକୁ ଚାହୁଁଥିଲେ ବି ତାହା ସମ୍ଭବ ହୋଇ ପାରିଲା ନାହିଁ। ସରକାରଙ୍କ ନିୟମ ଯୋଗୁଁ ଅତି କଷ୍ଟରେ ବୁଢ଼ା ବାପାଙ୍କୁ ଟେକି ଟେକି ସମବାୟ ସମିତିକୁ ନେବାକୁ ପଡ଼ିଲା। ପୁଣି ବୃଦ୍ଧ ଲୋକ ତାଙ୍କ ହାତ ଥରୁଛି, ଆଖିରୁ ଭଲ ଭାବେ ଦେଖାଯାଉନି। ତେଣୁ ଇ-କେୱାଇସି କରିବାରେ ସମସ୍ୟା ହେଲା ବୋଲି ବିଶ୍ୱରଞ୍ଜନ କହିଛନ୍ତି। କେବଳ ବିଶ୍ୱରଞ୍ଜନ ଜଣେ ନୁହନ୍ତି, ନଁପୁଟ ସମବାୟ ସମିତି ଅଧୀନରେ ପଞ୍ଜିକରଣ କରୁଥିବା ପାଖାପାଖି ଦେଢ଼ ଶହରୁ ଦୁଇ ଶହ ଲୋକ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି। ପଞ୍ଜିକରଣ ଅବଧି ଶେଷ ହେବାକୁ ଆଉ ମାତ୍ର ୧୪ ଦିନ ଥିବାବେଳେ ଏପର୍ଯ୍ୟନ୍ତ ଅଧା ଚାଷୀ ବି ପଞ୍ଜିକରଣ କରିପାରିନାହାନ୍ତି। ତେଣୁ ଗତବର୍ଷ ଯେତିକି ଚାଷୀ ସରକାରଙ୍କ ଧାନ ବିକ୍ରି କରିଥିଲେ, ଏ ବର୍ଷ ସେତିକି ଚାଷୀ ଧାନ ବିକ୍ରି କରିପାରିବେ ନାହିଁ ବୋଲି କୃଷକ ନେତା ନିରାକାର ସାହୁ କହିଛନ୍ତି।

### ଏମ୍‌ସ ନିଯୁକ୍ତି ଜାଲିଆତି...

ଜଣାଇଥିଲେ। ତଦନ୍ତରୁ ଘଟଣାର ସତ୍ୟାସତ ଥିବା ଜାଣିବା ପରେ ସିବିଆଇ କୋଳଥିଆ ହାଉସିଂବୋର୍ଡ କଲୋନୀ ଏମ୍‌ଆଇଜି-୩ରେ ରହୁଥିବା ରାଜଶ୍ରୀ ପଣ୍ଡା, ରାହାମା, ପଙ୍କପାଳରେ ରହୁଥିବା ସଂଗ୍ରାମ ମିଶ୍ର, କୋଳଥିଆର ସାଇ ସାଗର କର, ପଙ୍କପାଳରେ ରହୁଥିବା ସମ୍ବିତ ମିଶ୍ର, ହାଉସିଂବୋର୍ଡ କଲୋନୀର ଶ୍ରୁତି ସାଗର କର ଏବଂ ଏମ୍ସର ରିକ୍ରୁଟ୍‌ମେଣ୍ଟ ସେଲ୍ ତଥା ସହକାରୀ ପ୍ରଶାସନିକ ଅଧିକାରୀ ସୁଧିର କୁମାର ପ୍ରଧାନଙ୍କ ନାମରେ ମାମଲା ରୁଜୁ କରିଛି। ଜାଲ୍ ସାର୍ଟିଫିକେଟ ଦେଇ ଗୋଟିଏ ପରିବାରର ୪ ଜଣ ଚାକିରି କରିଥିବା ପିଟିସନ୍ ପଡ଼ିବା ପରେ ତଦନ୍ତ ଆରମ୍ଭ କରିଥିଲା ସିବିଆଇ। ଏହାର ସତ୍ୟାସତ ମିଳିବା ପରେ ସିବିଆଇ ନିଜ ଆଡୁ ମାମଲା ରୁଜୁ କରିଛି। ଏମ୍‌ସକୁ କର୍ମଚାରୀ ଯୋଗାଉଥିବା ଠିକା ସଂସ୍ଥା ବମ୍ବେ ଇଣ୍ଟେଲିଜେନ୍ସ ସିକ୍ୟୁରିଟି (ବିଆଇଏସ୍)ର ମ୍ୟାନେଜର ସ୍ମୃତି ସାଗର କର ହିଁ ଘୋଟାଲାର ମାଷ୍ଟରମାଇଣ୍ଡ ବୋଲି ପ୍ରାଥମିକ ଅନୁସନ୍ଧାନରୁ ସିବିଆଇ ଜାଣିବାକୁ ପାଇଛି। ଏହି ଠିକା ସଂସ୍ଥା ବିଆଇଏସ୍ ଏମ୍‌ସ ଭୁବନେଶ୍ୱରକୁ କର୍ମଚାରୀ ଯୋଗାଉଥିବା ବେଳେ ସ୍ମୃତି ସାଗର କର ସଂସ୍ଥାର ମ୍ୟାନେଜର ଭାବେ କାମ କରୁଛନ୍ତି। ସ୍ମୃତିଙ୍କ ୪ ଜଣ ସମ୍ପର୍କୀୟ ମଧ୍ୟ ଏହି ସଂସ୍ଥା ଅଧୀନରେ ଏମ୍‌ସରେ ଚାକିରି କରୁଥିଲେ। ୨୦୨୩ ମସିହା ଜୁଲାଇ ୧ ତାରିଖ ଦିନ ସାନିଟାରୀ ଇନ୍ସପେକ୍ଟର, ମେଡିକାଲ ରେକର୍ଡ ଆସିଷ୍ଟାଣ୍ଟ ଭଳି ସର୍ବଭାରତୀୟ ସ୍ତରରେ ମୋଟ ୭୭୫ ପଦବୀ ପୂରଣ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଡ଼ିଶାର ଅନେକ ଆଶାୟୀ ଏଥିପାଇଁ ଆବେଦନ କରିଥିଲେ। ବିଆଇଏସ୍ ଅଧୀନରେ ଏମ୍‌ସରେ ଚାକିରି କରିଥିବା ସ୍ମୃତିଙ୍କ ୪ ଜଣ ସମ୍ପର୍କୀୟଙ୍କୁ ସ୍ଥାୟୀ ନିଯୁକ୍ତି ମିଳିଥିଲା। ସ୍ମୃତିଙ୍କ ଭାଇ ସାଇ ସାଗର କର, ସମ୍ପର୍କୀୟ ଭାଇ ସମ୍ବିତ ମିଶ୍ର, ସଂଗ୍ରାମ ମିଶ୍ର ଓ ରାଜଶ୍ରୀ ପଣ୍ଡାଙ୍କୁ ସାନିଟାରୀ ଇନ୍ସପେକ୍ଟର ଓ ମେଡିକାଲ ରେକର୍ଡ ଆସିଷ୍ଟାଣ୍ଟ ପଦବୀରେ ନିଯୁକ୍ତି ମିଳିଥିଲା। ସ୍ମୃତିଙ୍କ ସମ୍ପର୍କୀୟମାନେ ଚାକିରି କରିବା ସମୟରେ ଗୋରଖପୁରର ଏକ ଶିକ୍ଷାନୁଷ୍ଠାନର ସାର୍ଟିଫିକେଟ ଦାଖଲ କରିଥିଲେ। ସିବିଆଇ ଯାଞ୍ଚ କରିବା ପରେ ସେଠାରେ କେହି ପାଠ ପଢ଼ି ନ ଥିବା ସ୍ପଷ୍ଟ ହୋଇଥିଲା। ପୂର୍ବରୁ ଠିକା ସଂସ୍ଥା ଅଧୀନରେ ଥିବା କର୍ମଚାରୀ ହଠାତ୍ କିପରି ସ୍ଥାୟୀ ନିଯୁକ୍ତି ପାଇଲେ ତା'କୁ ନେଇ ପ୍ରଶ୍ନ ଉଠିଥିଲା। ପିଟିସନ ଆଧାରରେ ତଦନ୍ତ ଆରମ୍ଭ କରିଥିଲା ସିବିଆଇ। ଶ୍ରୁତି ସାଗର ସହ ମିଶି ଏମ୍‌ସ ସହାୟକ ପ୍ରଶାସନିକ ଅଧିକାରୀ ସୁଧିର କୁମାର ପ୍ରଧାନ ଏହି ଚାକିରି ଜାଲିଆତି କରିଥିଲେ। କେବଳ ଏହି ୪ଜଣ ନୁହଁନ୍ତି; ମୋଟା ରକମର ଟଙ୍କା ନେଇ ସେମାନେ ଏକାଧିକ ବ୍ୟକ୍ତିଙ୍କୁ ଚାକିରି ଦେଇଥିବା ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି।

### ସ୍କିମାଟିକ୍ ଶିକ୍ଷକଙ୍କୁ...

ରହି ନଥିଲା। ଗଣଶିକ୍ଷା ବିଭାଗର ୱେବସାଇଟ୍‌ରେ ଅପଲୋଡ୍ ହୋଇଥିବା ଏହି ପ୍ରସ୍ତାବକୁ ମାତ୍ର ୨ଦିନ ପରେ ଡିଲିଟ୍ କରିଦିଆଗଲା। ଫଳରେ ସରକାରଙ୍କ ଆଭିମୁଖ୍ୟ ନେଇ ଆଶଙ୍କା ବଢ଼ିଥିଲା। ଗୁରୁବାର ଏହି ପ୍ରସ୍ତାବକୁ ଆନୁଷ୍ଠାନିକ ଭାବେ ପ୍ରତ୍ୟାହାର କରାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରସ୍ତାବଟି ଏପର୍ଯ୍ୟନ୍ତ ଉପଯୁକ୍ତ ସ୍ତରରେ ଅନୁମୋଦିତ ହୋଇ ନ ଥିବା ଦର୍ଶାଯାଇଛି।

ପ୍ରସ୍ତାବ ପ୍ରତ୍ୟାହୃତ ହେବା ପରେ ସ୍କିମାଟିକ୍ ଶିକ୍ଷକ ପଦ ଉଚ୍ଛେଦ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ଭାଗ୍ୟ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯାଇଛି। ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କାହିଁକି ପ୍ରସ୍ତାବକୁ ସାର୍ବଜନୀନ କରାଗଲା ଏବଂ ପୁଣି ପ୍ରତ୍ୟାହାର କରାଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ, ଶିକ୍ଷକଙ୍କୁ ଠକିବାରେ ସରକାର ଧୂରନ୍ଧର। ବିଭିନ୍ନ ଶିକ୍ଷକ ସଂଘ ସହ ଆଲୋଚନା କରି ପ୍ରସ୍ତାବ ନେଲେ, ତାକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦେଲେ। ହେଲେ ପ୍ରସ୍ତାବ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ତାକୁ ପ୍ରତ୍ୟାହାର କରିନେବା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ। ବିଧାନସଭା ଅଧିବେଶନ ପୂର୍ବରୁ ସମସ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରା ନ ଗଲେ ବିରାଟ ଶିକ୍ଷକ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

ଅପରପକ୍ଷରେ ମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ପ୍ରସ୍ତାବ ସାର୍ବଜନୀନ କରିବାର ଏହା ପାର୍ଶ୍ୱପ୍ରତିକ୍ରିୟା ବୋଲି କ୍ଷମତା କରିଡରରେ ଆଲୋଚନା ଜୋର ଧରିଛି। ଶିକ୍ଷକଙ୍କ ଅସନ୍ତୋଷ ବିଧାନସଭା ସମୟରେ ସରକାରଙ୍କୁ ଅକଳରେ ପକାଇପାରେ ବୋଲି ମଧ୍ୟ ଶିକ୍ଷାବିତ୍‌ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତି ଦୋମୁହାଁ ନୀତିର ପ୍ରତିଫଳନ ବୋଲି ଅଭିଯୋଗ କରିଛି ଓଡ଼ିଶା ସରକାରୀ କର୍ମଚାରୀ ମହାସଂଘ। ସରକାରଙ୍କ ଏପରି କାର୍ଯ୍ୟକୁ ସମାଲୋଚନା କରିବା ସହ ତୁରନ୍ତ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ଦାବି ସଂଘର ସଭାପତି ବିଜୟ ମଲ୍ଲ ଦାବି କରିଛନ୍ତି।

### ନିଅଣ୍ଟିଆ ବର୍ଷା...

ସମୟରେ ଲଘୁଚାପ ହେବ ଓ ଏହା ପ୍ରଭାବରେ ରାଜ୍ୟରେ ବର୍ଷା ବଢ଼ିବ। ଗତ କିଛି ଦିନ ମଧ୍ୟରେ ବର୍ଷାର ସୁଷମ ବଣ୍ଟନ ହୋଇ ନ ଥିବାରୁ ଅନେକ ସ୍ଥାନରେ ରୁଆ ହୋଇପାରି ନାହିଁ। ଏଥିପାଇଁ ଅତି କମ୍‌ରେ ୨୦୦ ମିମି ବର୍ଷା ଆବଶ୍ୟକ ହେଉଛି। ତେବେ ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଅବିଭକ୍ତ କୋରାପୁଟ, କଳାହାଣ୍ଡି ଓ ନୂଆପଡ଼ାରେ ରଆ ବେଉଷା ପାଇଁ ଆବଶ୍ୟକ ବର୍ଷାର ସମ୍ଭାବନା ଅଧିକ। ଦକ୍ଷିଣ ଉପକୂଳରେ ମଧ୍ୟ ୮୦-୧୦୦ ମିମି ବର୍ଷା ହେଲେ ଧାନ ଚାଷ ଆଗେଇବ। ମାତ୍ର ଏହି ଲଘୁଚାପ ଯୋଗୁଁ କୌଣସି ସ୍ଥାନରେ ଭାରି ବର୍ଷା ସମ୍ଭାବନା ନ ଥିଲେ ମଧ୍ୟ ୫-୬ ଦିନ ସ୍ୱଳ୍ପରୁ ମଧ୍ୟମ ବର୍ଷା ହେତୁ ପାଣି ଉଠିପାରେ। ଅଗଷ୍ଟ ମାସରେ ରାଜ୍ୟରେ ଦିନକୁ ହାରାହାରି ବର୍ଷା ୧୧ ମିମି ଆବଶ୍ୟକ। ଏଣୁ ଅଗଷ୍ଟ ୨୦ ପର୍ଯ୍ୟନ୍ତ ୧୪୫-୧୫୦ ମିମି ବର୍ଷା ହେବା କଥା। ମଡେଲ୍ କହୁଛି ଏହି ଲଘୁଚାପ ଯୋଗୁଁ ଏତେ ବର୍ଷା ହୋଇ ନ ପାରେ। ଫଳତଃ ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ବର୍ଷା ସ୍ୱାଭାବିକ ବା ଅଧିକ ରହିଥିଲେ ମଧ୍ୟ ୨୦ ବେଳକୁ କେତେକ ଜିଲ୍ଲାରେ ନିଅଣ୍ଟିଆ ପରିସ୍ଥିତି ଉପୁଜିପାରେ। ରୁଆ ବେଉଷା ପାଇଁ ସମୟ ଅଛି ସତ, ଧାନ ତଳି ମରି ନାହିଁ। ଏଣୁ ଲଘୁଚାପ ବର୍ଷା ଯୋଗୁଁ ରୁଆ ବେଳେ ସାରାର ପର୍ଯ୍ୟାପ୍ତ ଉପଲବ୍ଧି ହେବା ଦରକାର। ଯଦି ବର୍ତ୍ତମାନର ନିଅଣ୍ଟିଆ କମିବ ନାହିଁ କିମ୍ବା ଅନ୍ୟ ଜିଲ୍ଲାରେ (ବିଶେଷକରି ଉତ୍ତର ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶା) ନିଅଣ୍ଟିଆ ବର୍ଷା ସୃଷ୍ଟି ହୁଏ, ତା'ର ଜରୁରୀକାଳୀନ ପଦକ୍ଷେପ ବର୍ତ୍ତମାନଠାରୁ ଠିକ୍ କରିବା ଆବଶ୍ୟକ ବୋଲି ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

ସୂଚାନା ଥାଉ କି, ବର୍ତ୍ତମାନ ସାମଗ୍ରିକ ଭାବେ ରାଜ୍ୟରେ ୨ ପ୍ରତିଶତ୍ ନିଅଣ୍ଟିଆ ବର୍ଷା ରହିଛି। ଜିଲ୍ଲାୱାରୀ ଦେଖିଲେ ଏବେ ୯ଟି ଜିଲ୍ଲାରେ ସ୍ୱାଭାବିକ ତୁଳନାରେ କମ୍ ବର୍ଷା ହୋଇଛି। ଖୋର୍ଦ୍ଧା, ପୁରୀ ସମେତ ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗିର ଓ ନୂଆପଡ଼ାରେ ନିଅଣ୍ଟିଆ ପରିମାଣ ୨୧ ପ୍ରତିଶତରୁ ଆରମ୍ଭ କରି ୪୦ ପ୍ରତିଶତ ପର୍ଯ୍ୟନ୍ତ ରହିଛି। ୧୩ ତାରିଖ ସୁଦ୍ଧା ବର୍ଷା ହେବା ପର୍ଯ୍ୟନ୍ତ ନିଅଣ୍ଟିଆର ପରିମାଣ ଆହୁରି ବଢ଼ିବାର ଆଶଙ୍କା କରାଯାଉଛି।

### ବିସ୍ଫୋରଣରେ ଥରିଲା...

ରମେଶ ଗତକାଲି ଅପରାହ୍ଣରେ ନିଜ ଘରେ ବୋମା ଭିଡୁଥିଲେ। ଏହି ସମୟରେ ଗୋଟିଏ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ତାଙ୍କ ଶରୀର ଜଳି ପୋଡ଼ି ଯିବା ସହ ସେ ଗୁରୁତର ଆହତ ହୋଇଥିଲେ। ସୌଭାଗ୍ୟବସତଃ ଏହି ସମୟରେ ରମେଶଙ୍କ ଦୁଇ ସନ୍ତାନ ସ୍କୁଲକୁ ଯାଇଥିବା ବେଳେ ପତ୍ନୀ କୌଣସି କାମରେ ବାଡ଼ି ପଟକୁ ଯାଇଥିବାରୁ ସେମାନେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଗୁରୁତର ରମେଶଙ୍କୁ ଗ୍ରାମବାସୀମାନେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ନିରାକାରପୁର ପୁଲିସ ପହଞ୍ଚି ତଦନ୍ତ କରିଛି।

### ଛିନ୍‌ତାଇ ଗ୍ୟାଙ୍ଗର ପର୍ଦ୍ଦାଫାସ୍‌ କଲା କମିଶନରେଟ ପୁଲିସ

# ୩ କୁଖ୍ୟାତ ଲୁଟେରା ଗିରଫ, ମାରଣାସ୍ତ୍ର ଜବତ

ଚୌଦ୍ୱାର,୮।୮ (ସମିସ)





ରାସ୍ତାରେ ଲୋକମାନଙ୍କୁ ଆକ୍ରମଣ କରି ସୁନାଚେନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟ କରୁଥିବା ୩ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ଖାରବେଳ ନଗର ଥାନା ଅନ୍ତର୍ଗତ ୩ ନମ୍ବର ୟୁନିଟ ଶାନ୍ତି ନଗର ବସ୍ତିର ରବି ରାଓ (୩୫), ସେକ୍ ଅମିନ୍(୨୬) ଓ ରଜିଲ୍ଲା ସ୍ୱାମୀ(୩୦)। ସେମାନଙ୍କ ନିକଟରୁ ଏକ ଟିଭିଏସ୍ ଆପ୍ପାଚି ମଟର ସାଇକଲ, ଏକ ପିସ୍ତଲ, ୫ଟି ଜୀବନ୍ତ ଗୁଳି, କଟୁରୀ ଓ ଲୁହାରଡ଼, ଗୋଟିଏ ମୋବାଇଲ ଫୋନ୍ ଏବଂ ଏକ ମନିପର୍ସ ସହିତ କିଛି କାଗଜପତ୍ର ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗତ ଏକ ତାରିଖ ସକାଳେ ଚୌଦ୍ୱାର ଥାନା ଅନ୍ତର୍ଗତ ଚିତ୍ରେଶ୍ୱର ଗ୍ରାମର ନରେନ୍ଦ୍ର ବେଉରା ତାଙ୍କ ସାଙ୍ଗଙ୍କ ସହ ରାସ୍ତାରେ ମର୍ଣ୍ଣିଂ ୱାକ୍ କରୁଥିବାବେଳେ ୩ଜଣ ଦୁର୍ବୃତ୍ତ ଏକ ମଟର ସାଇକଲରେ ଆସି ନରେନ୍ଦ୍ରଙ୍କୁ ଏକ କଟୁରୀରେ ଆକ୍ରମଣ କରି ରକ୍ତାକ୍ତ କରିବା ସହିତ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କ ବେକରୁ ଏକ ସୁନାଚେନ୍ ଲୁଟି ନେଇଥିଲେ ବୋଲି ସେ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଉକ୍ତ ଦୁର୍ବୃତ୍ତମାନେ ଚୌଦ୍ୱାର ସହିତ ମର୍କତନଗର ଓ ଫେଜ୍-୨ ଥାନା ଅଞ୍ଚଳରେ ମଧ୍ୟ ଅନୁରୂପ ଭାବେ ଛିନ୍‌ତାଇ ଘଟଣା ଘଟାଇଥିବା ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପୁଲିସ ଏକ ସ୍ପେଶାଲ ସ୍କ୍ୱାଡ ଗଠନ କରି ଘଟଣାର ଛାନ୍‌ଭିନ୍ କରିଥିଲେ। ଜୋନ୍-୧ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଗଠିତ ଟିମ୍ କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଅନୁସନ୍ଧାନ ଓ ଚଢ଼ଉ ଜାରି ରଖିବା ସହିତ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରିବାରେ ସଫଳ ହୋଇଥିଲେ। ଶୁକ୍ରବାର ଦିନ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଦୁର୍ବୃତ୍ତମାନେ ସକାଳ ସମୟରେ ବିଭିନ୍ନ ନିକାଞ୍ଚନ ରାସ୍ତାରେ ଲୋକଙ୍କୁ ଟାର୍ଗେଟ କରି ସେମାନଙ୍କୁ ଆକ୍ରମଣ କରି ଲୁଟ କରୁଥିଲେ ବୋଲି ପୁଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ନାମରେ ଖଣ୍ଡଗିରି, ମଞ୍ଚେଶ୍ୱର, ଏୟାରପୋର୍ଟ, ନୟାପଲ୍ଲୀ, ବାଲିଅନ୍ତା, ଧଉଳି, ସହିଦନଗର, ବଡ଼ଗଡ଼ା, ଚନ୍ଦ୍ରଶେଖରପୁର, ନନ୍ଦନକାନନ, ଧଉଳୀ, ଖାରବେଳନଗର, ସିଡିଏ, ଚୌଦ୍ୱାର ଆଦି ଥାନାରେ ବିଭିନ୍ନ ଅପରାଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ବିଲକୁ ପଶିଲା ମଦ ବୋଝେଇ ବୋଲେରୋ

ଆଠଗଡ,୮।୮ (ସମିସ): ଗୁରୁବାର ବିଳମ୍ବିତ ରାତିରେ ଏକ ମଦ ବୋଝେଇ ବୋଲେରୋ ନଂ ଓଡି ୦୫ ଏସ ୦୯୮୮ ଭାରସାମ୍ୟ ହରାଇ ଦୋରଡ ନିକଟରେ ଥିବା ପେଟ୍ରୋଲ ପମ୍ପ ସାମ୍ନାରେ ଥିବା ଏକ ଗଛରେ ଏବଂ ପରେ ଏକ ଚା ଦୋକାନକୁ ଧକ୍କା ଦେଇ ବିଲ ଭିତରକୁ ପଶି ଯାଇଥିଲା। ଖବର ପାଇ ଆଠଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୋଲେରୋକୁ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି।

## ପାଲା ମାଧ୍ୟମରେ ଜଙ୍ଗଲ ସୁରକ୍ଷା ସଚେତନତା

ଆଠଗଡ଼,୮।୮ (ସମିସ): ସଭ୍ୟତାର ପ୍ରଥମ ସୋପାନ ହେଉଛି ଜଙ୍ଗଲ। ପରିବେଶ ସନ୍ତୁଳନ ରକ୍ଷା କରିବାରେ ଜଙ୍ଗଲ ଏବଂ ଜଙ୍ଗଲ ଜନ୍ତୁମାନଙ୍କର ଭୂମିକା ଅତୁଳନୀୟ। ତେଣୁ ଏହାର ସୁରକ୍ଷା ଏବଂ ସଂରକ୍ଷଣ ନିତାନ୍ତ ଜରୁରୀ। ଜଙ୍ଗଲ କ୍ଷୟ, ଅବାଧ ଗଛକଟା ଏବଂ ପଶୁ ଶିକାର ରୋକିବାକୁ ଲୋକ କଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଶିଷ୍ଟ ପାଲା ଗାୟକ ଧରଣୀଧର ନାୟକ ଓ ସାଥିବାୟକ ପତିତପାବନ ରାଉତ, ପାଳିଆ ବଳରାମ ଜେନା, କ୍ଷୀରୋଦ ଖଟୁଆଙ୍କୁ ନେଇ ଆଠଗଡ଼ ବନଖଣ୍ଡ ଖୁଣ୍ଟୁଣୀ ରେଞ୍ଜ ସହକାରୀ ବନ ସଂରକ୍ଷକ ନୀଳମାଧବ ସାହୁଙ୍କ ଜରିଆରେ ବିଭିନ୍ନ ବିଦ୍ୟାଳୟ ଗ୍ରାମ, ହାଟ ଆଦିରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଲୋକସ ଟ୍ରାଞ୍ଜାକ୍ସନ ମୋଡ ଶିବିର

ତିଗିରିଆ,୮।୮ (ସମିସ): ତିଗିରିଆ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଓଡିଶା ଜୀବିକା ମିଶନ (ମିଶନ ଶକ୍ତି) ବିଭାଗ ପକ୍ଷରୁ ବ୍ଲକର ସମସ୍ତ ଦକ୍ଷ ନଥିପତ୍ର ଲେଖିକା, ଗୋଷ୍ଠୀ ସହାୟିକାମାନଙ୍କର ଏକ ଦୁଇ ଦିନିଆ ଲୋକସ ଟ୍ରାଞ୍ଜାକ୍ସନ ମୋଡ଼ ଶିବିର ଉଦଘାଟିତ ହୋଇଯାଇଛି। ବ୍ଲକ ଓଡିଶା ଜୀବିକା ମିଶନ ବିଭାଗର ବିପିଏମ ପ୍ରଦୀପ କୁମାର ସିଂହଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡିଓ ମନସ୍ୱିନୀ ଦାସ ଓ ବ୍ଲକ ମିଶନ ଶକ୍ତି ସଭାପତି ସମସୁରା ବେଗମ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶିବିରରେ ମାଷ୍ଟର ଟ୍ରେନର ଭାବେ ଦକ୍ଷ ନଥିପତ୍ର ଲେଖିକା ଲିନାପ୍ରଭା ସାହୁ ଓ ମନୋରମା ପ୍ରଧାନ ଯୋଗଦେଇଥିଲେ। ଶିବିରରେ ବ୍ଲକର ସମସ୍ତ ୧୪ଟି ପଞ୍ଚାୟତରେ କାର୍ଯ୍ୟରତ ୧୪ ଜଣ ଦକ୍ଷ ନଥିପତ୍ର ଲେଖିକା ଓ ୧୦୨ ଜଣ ଗୋଷ୍ଠୀ ସହାୟିକା ଯୋଗଦେଇଥିଲେ। ଏହି ଶିବିରରେ ଉପସ୍ଥିତ ସମସ୍ତ ଦକ୍ଷ ନଥିପତ୍ର ଲେଖିକା, ଗୋଷ୍ଠୀ ସହାୟିକାଙ୍କୁ ବ୍ଲକରେ ଥିବା ସମସ୍ତ ପଞ୍ଚାୟତସ୍ତରୀୟ ମହାସଂଘ, ଆଞ୍ଚଳିକ ମଞ୍ଚ ଓ ସ୍ୱୟଂ ସହାୟକ ଗୋଷ୍ଠୀର ଦୈନନ୍ଦିନର କାର୍ଯ୍ୟାବଳୀରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ କିଭଳି ଭାବେ ଅନଲାଇନ ମାଧ୍ୟମରେ କରାଯିବ ସେ ସମ୍ପର୍କରେ ଉପସ୍ଥିତ ସଦସ୍ୟଙ୍କୁ ଏହି ଦୁଇଦିନରେ ପ୍ରଶିକ୍ଷଣ ଦିଆଯିବ ବୋଲି ବିପିଏମ ଶ୍ରୀ ସିଂହ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ବିଏଲସି ଧର୍ମରାଜ ଜେନା, ବିଶ୍ୱଜିତ ସାହୁ ଓ ମଞ୍ଜୁଳା ସାମଲ ସଂଯୋଜନା କରିଥିଲେ।

## ଭିନ୍ନକ୍ଷମଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ

ନିଶ୍ଚିନ୍ତକୋଇଲି,୮।୮ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବାଲିଆପଦା ପଞ୍ଚାୟତ ତେନ୍ତୁଲପୁର ଗ୍ରାମର ରାମଚନ୍ଦ୍ର ସାହୁଙ୍କ ମୂକବଧିର ଦିବ୍ୟାଙ୍ଗ କନ୍ୟା ଲିତା ସାହୁଙ୍କୁ ବ୍ଲକ ପକ୍ଷରୁ ଏକ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି। ଦିବ୍ୟାଙ୍ଗ କୁନି ଝିଅଟି ବଧିର ଥିବା ହେତୁ କିଛି ଶୁଣି ପାରୁ ନ ଥିବା ବେଳେ ତାଙ୍କୁ ଏକ ଶ୍ରବଣ ଯନ୍ତ୍ର ଯୋଗାଇଦେବା ପାଇଁ ବିଜେପି ଜୋନ୍ ସଭାପତି କୈଳାସଚନ୍ଦ୍ର ବେହେରା ବ୍ଲକ ପ୍ରଶାସନକୁ ଜଣାଇବା ପରେ ବିଡିଓ ଦ୍ୱିବ୍ୟେନ୍ଦୁ ଦାସ ତାଙ୍କୁ ଏହି ଯନ୍ତ୍ର ପ୍ରଦାନ କରିଛନ୍ତି।

### ଆଠଗଡ଼ ପ୍ରଶାସନ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି

## ରାତି ୧୦ ସୁଦ୍ଧା ସରିବ ଭସାଣି



**ଡିଜେ ବ୍ୟବହାର ପାଇଁ କଟକଣା**

ଆଠଗଡ,୮।୮ (ସମିସ): ପାର୍ବଣ ଋତୁର ପ୍ରାରମ୍ଭରେ ବିଭିନ୍ନ ଯୁବକ ସଂଘ, କ୍ଲବ, ସାହିରେ ପାଳିତ ଶ୍ରୀ ଗଣେଶଙ୍କ ପୂଜା ଅବସରରେ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣୀ ଶାନ୍ତିପୂର୍ଣ୍ଣ ସମ୍ପାଦନା ପାଇଁ ପ୍ରଶାସନ ତରଫରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଆଠଗଡ ଏନ୍‌ଏସି ଅଞ୍ଚଳ ସାହି, କ୍ଲବ ଓ ବିଭିନ୍ନ ପୂଜା କମିଟିର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ପୂଜାମଣ୍ଡପ ଓ ଭସାଣି ସମୟରେ ଉଚ୍ଚକ୍ଷମତା ସମ୍ପନ୍ନ ଡ଼ାକବାଜି ଯନ୍ତ୍ର ଓ ଡିଜେକୁ ବର୍ଜ୍ୟନ କରାଯିବା ସହିତ ରାତି ୧୦ସୁଦ୍ଧା ଭସାଣୀ ଶେଷ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶୃଙ୍ଖଳିତ ଭସାଣି ପାଇଁ ପୂଜା ମଣ୍ଡପକୁ ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯିବ। ବିଶୃଙ୍ଖଳିତ ଆଚରଣ ପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବ। ବୈଠକରେ ଆଠଗଡ ଆରକ୍ଷୀ ଉପାଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, ଥାନା ଅଧିକାରୀ ସୁମତୀ କୁମାରୀ ମହାନ୍ତି, ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ପଦ୍ମିନୀ କେୟାର ହସ୍ପିଟାଲର ବାର୍ଷିକ ଉତ୍ସବ



କଟକ,୮।୮ (ସମିସ): ପଦ୍ମିନୀ କେୟାର ହସ୍ପିଟାଲର ୪ର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥ ଓ ସ୍ୱର୍ଗତ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଓ ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ଆଭାସୀ ମାଧ୍ୟମରେ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ଅବସରରେ କହିଥିଲେ ଗ୍ରାମାଞ୍ଚଳରେ ସ୍ଥାପିତ ଏହି ମଲ୍‌ଟି ସ୍ପେସିଆଲିଟି ହସ୍ପିଟାଲର ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ସହିତ ଡାକ୍ତରୀ ଓ ନର୍ସିଂ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା ସମ୍ବନ୍ଧୀୟ ବାସ୍ତବ ଜ୍ଞାନ ଆହରଣର ସୁଯୋଗ ଦେଇଆସିଛି। ସରକାରଙ୍କ ସହଯୋଗ ଏବଂ ଈଶ୍ୱରଙ୍କ ଆଶୀର୍ବାଦକୁ ପାଥେୟ କରି ଆଗାମୀ ଦିନରେ ହସ୍ପିଟାଲ ଆଗକୁ ବଢିବ ବୋଲି ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡ୍ରିମ୍ସ ମେଡିକାଲ କଲେଜର 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶିକା ଗାୟତ୍ରୀ ଦାଶ, ପ୍ରଫେସର ଡା. ମନ୍ମଥ ମଣ୍ଡଳ, ଡା. ବୁଲୁ ମହାନ୍ତି, ଡା. ପଞ୍ଚାନନ ପାଣିଗ୍ରାହୀ, ଡା. ନବୀନ ମେଡି, ଡା. ଅରବିନ୍ଦ ସାମନ୍ତରାୟଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଓ କର୍ମଚାରୀ ଯୋଗଦେଇଥିଲେ। ଚିନ୍ମୟୀ ମହାନ୍ତି, ଦେବାଶିଷ ସ୍ୱାଇଁ, ଶିବରାମ ସୁର, ସାରଦା ପଣ୍ଡା, ଶୁଭେନ୍ଦୁ ସିଂ, ଦୀପକ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷକଙ୍କ ବଦଳି ସୁପାରିସ ପ୍ରସଙ୍ଗକୁ ଅଦାଲତି ଝଟ୍‌କା

**ଶିକ୍ଷୟିତ୍ରୀଙ୍କ ବଦଳି ଆଦେଶ ଉପରେ ହାଇକୋର୍ଟଙ୍କ ରୋକ**

କଟକ,୮।୮ (ସମିସ): ବିଧାୟକ ଓ ସାଂସଦ ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ଯୋଗ୍ୟ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିବା ନେଇ ସରକାର ଗ୍ରହଣ କରିଥିବା ନୀତିଗତ ନିଷ୍ପତ୍ତିକୁ ଶକ୍ତ ଧକ୍କା ଲାଗିଛି। ଗଞ୍ଜାମ ଜିଲ୍ଲାର ଜଣେ ବିଧାୟକଙ୍କ ସୁପାରିସ ଆଧାରରେ ଜାରି ବଦଳି ନିର୍ଦ୍ଦେଶକୁ ଚାଲେଞ୍ଜ କରି ସଂପୃକ୍ତ ଶିକ୍ଷୟିତ୍ରୀ ଦାୟର କରିଥିବା ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରି ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଶିକ୍ଷୟିତ୍ରୀଙ୍କ ବଦଳି ଆଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ସମାନ ପଦରେ ଶିକ୍ଷୟିତ୍ରୀ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିବେ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ମାମଲାରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଗଞ୍ଜାମ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ସୋରଡ଼ା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରି ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ନମିତା ମିଶ୍ରଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡ. ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ପ୍ରିୟମ୍ବଦା ନାଥ ଓ ପ୍ରୀତି ପୁଣ୍ୟତୋୟା ସହାୟତା କରୁଛନ୍ତି।

## ଡିପିଏସ୍ କଳିଙ୍ଗ କ୍ୟାବିନେଟ୍‌ର ଶପଥ ଗ୍ରହଣ




ଫୁଲନଖରା,୮।୮ (ସମିସ): ଅଢ଼ାଳିଆସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ କଳିଙ୍ଗର ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗ ସ୍କୁଲ କ୍ୟାବିନେଟର ଶପଥ ଗ୍ରହଣ ଉତ୍ସବ ବିଦ୍ୟାଳୟ ପରିସରରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। କନିଷ୍ଠ ବିଭାଗ ଛାତ୍ରଛାତ୍ରୀମାନଙ୍କ ଶପଥ ଗ୍ରହଣ ଉତ୍ସବରେ ମନମ୍ ଫାଉଣ୍ଡେସନ୍‌ର ମୁଖ୍ୟ ମନୋବୈଜ୍ଞାନିକ ପରାମର୍ଶଦାତା ସୌମ୍ୟା ସୁଚରିତା ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ବରିଷ୍ଠ ବିଭାଗର ଶପଥ ଗ୍ରହଣ ଉତ୍ସବରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ବଳ (ଏନ୍‌ଡିଆର୍‌ଏଫ୍)ର ବାଟାଲିୟନ କମାଣ୍ଡାଣ୍ଟ ନଗେନ୍ଦ୍ର ଶର୍ମା ମୁଖ୍ୟଅତିଥି ଭାବରେ ଯୋଗଦେଇ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସଙ୍ଗେ ସଙ୍ଗେ ସମାଜସେବାର ମୁଖ୍ୟସ୍ରୋତରେ ସାମିଲ ହେବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଉତ୍ସବରେ ବିଦ୍ୟାଳୟର ପ୍ରୋ-ଭାଇସ୍ ଚେୟାରପର୍ସନ ମାଲା ମିଶ୍ର, କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରୋ ନବନିର୍ବାଚିତ ଛାତ୍ର ପ୍ରତିନିଧିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ ଆନୁଷ୍ଠାନିକ ଭାବରେ ଶପଥପାଠ କରାଇଥିଲେ।

## ୧୧ରୁ ସମୂହ ଛୁଟିରେ ଯିବ ରାଜସ୍ୱ ଅମଲା ସଂଘ

**ତହସିଲଦାରଙ୍କୁ ସ୍ମାରକପତ୍ର**



ତିଗିରିଆ,୮।୮ (ସମିସ): ରାଜ୍ୟ ରାଜସ୍ୱ ଅମଲା ସଂଘର ନିଷ୍ପତ୍ତି ଅନୁଯାୟୀ ପଦ ପୁନଃଗଠନ ଆଦି ୧୦ ଦଫା ଦାବି ନେଇ ଚଳିତମାସ ୧୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାମୂହିକ ଛୁଟିରେ ଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଏ ନେଇ ତିଗିରିଆ ତହସିଲରେ କାର୍ଯ୍ୟରତ ଅମଲାମାନଙ୍କ ପକ୍ଷରୁ ମୁଖ୍ୟକିରାଣି ଶ୍ରୀନିବାସ ଧଳସାମନ୍ତଙ୍କ ନେତୃତ୍ୱରେ କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକ ପ୍ରଭାତ କୁମାର ସ୍ୱାଇଁ, ଶୈଳେନ୍ଦ୍ର ଶେଖର ନାୟକ, କିଶୋର ଦଳେଇ, କନିଷ୍ଠ ରାଜସ୍ୱ ସହାୟକ ଅଶୋକ ସ୍ୱାଇଁ, ଅରୁଣ ସାହୁ, ମଧୁସ୍ମିତା ପ୍ରଧାନ, ଲୁସ୍ନା ପ୍ରଧାନ୍, ପଦ୍ମିନୀ ଗୁରୁ, ରଶ୍ମିତା ଦେହୁରୀ ପ୍ରମୁଖ ତିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡାଙ୍କୁ ସାକ୍ଷାତ କରି ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରି ସାମୁହିକ ଛୁଟିରେ ଯିବାକୁ ଦରଖାସ୍ତ ପ୍ରଦାନ କରିଛନ୍ତି। ସଂଘର ଅଭିଯୋଗ ମୁତାବକ ପତ୍ର ସଂଖ୍ୟା ୫୪/୨୩/୦୬/୨୫ରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କୁ ୧୦ ଦଫା ଦାବି ନେଇ ପତ୍ର ପ୍ରଦାନ କରାଯାଇଥିଲା। ଏହାର ନକଲ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଅର୍ଥମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ମାତ୍ର ସରକାର ଏଥିପ୍ରତି ବୈମାତୃକ ମନୋଭାବ ପୋଷଣ କରିଥିବାରୁ ସଂଘ ଚରମ ନିଷ୍ପତ୍ତି ନେଇଛି। ସଂଘ ପକ୍ଷରୁ ଆଗାମୀ ଦିନରେ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ଚେତାବନୀ ପ୍ରଦାନ କରାଯାଇଛି।

## ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ବିଧାୟକ

ନିଶ୍ଚିନ୍ତକୋଇଲି,୮।୮ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଅସୁରେଶ୍ୱର, କେରିଲୋ ଓ ନରେନ୍ଦ୍ରପୁର ପଞ୍ଚାୟତରେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ ଓ ଉଦଘାଟନ କରାଯିବା ସହ ବିଭିନ୍ନ ଚାରାରୋପଣ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ବିଧାୟକଙ୍କୁ ଶୋଭାଯାତ୍ରାରେ ନିଆଯାଇ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଥମେ ବିଧାୟକ ଶ୍ରୀ ପ୍ରଧାନ ଅସୁରେଶ୍ୱର ପଞ୍ଚାୟତର ଆରାଧ୍ୟ ଶ୍ରୀ ଦଧିବାମନଜୀଉଙ୍କୁ ଦର୍ଶନ କରି ରଥଦାଣ୍ଡ ପାଶ୍ୱର୍ରେ ୧୦ଲକ୍ଷ ଟଙ୍କା ଅନୁଦାନରେ ଏକ କଲ୍ୟାଣମଣ୍ଡପର ଶୁଭ ଶିଳାନ୍ୟାସ କରିଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୧୦ଲକ୍ଷ ଟଙ୍କା ଅନୁଦାନରେ ଏକ ସୁବିଧା କେନ୍ଦ୍ରର ଶୁଭ ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତହସିଲଦାର ଦମୟନ୍ତୀ ସାହୁ, ପରିଚ୍ଛା ସେବାୟତ ସୁବାଷଚନ୍ଦ୍ର ମିଶ୍ର, ପ୍ରଫେସର ଦେବେନ୍ଦ୍ର ଖୁଣ୍ଟିଆ, ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ର, ସରପଞ୍ଚ ଗୌତମୀ ଦାସ, ଯୁବନେତା ଅନନ୍ତ ଦାସ, ତ୍ରିଲୋଚନ ନାୟକ, ସଞ୍ଜୀବ ସାହୁ, ଚନ୍ଦ୍ରଶେଖର ନାୟକ, ପ୍ରଦୀପ୍ତ ସିଂ, ବିଷ୍ଣୁପ୍ରସାଦ ସିଂ, ଆଶିଷ କୁମାର ସୋମ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କେରିଲୋ ପଞ୍ଚାୟତ ଛପଡିକଣା ଠାରେ ଥିବା ମା ହରଚଣ୍ଡୀଙ୍କ ପୀଠସ୍ଥଳୀରେ ୧୦ଲକ୍ଷ ଟଙ୍କା ଅନୁଦାନରେ ଏକ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶୁଭ ଶିଳାନ୍ୟାସ କରିଛନ୍ତି। ଯୁବନେତା ଅଜିତ୍ ନାୟକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଶୁଭ୍ରା ମହାନ୍ତି, ନାଏବ ସରପଞ୍ଚ ପ୍ରଭାବତୀ ପଣ୍ଡା, ବୈକୁଣ୍ଠନାଥ ସିଂ, ହରମୋହନ ପଣ୍ଡା, ଅନନ୍ତ ଦାସ, ଅଜୟ କୁମାର ବେହେରା, ବିକାଶ ମହାପାତ୍ର, କପିଳଚରଣ ଦାଶ, ଦେବଦତ୍ତ କର ପ୍ରମୁଖ ଯୋଗଦେଇଥିଲେ। ସେହିପରି ନରେନ୍ଦ୍ରପୁର ପଞ୍ଚାୟତରେ ୪୮ ଲକ୍ଷ ଟଙ୍କା ବ୍ୟୟରେ କାକୁଡ଼ିଆପଡ଼ା ଠାରେ ନୂତନ ଭାବେ ନିର୍ମାଣ ହୋଇଥିବା ଶ୍ରୀ ଶ୍ରୀ ମା ସିଦ୍ଧଦେବୀ ଠାକୁରାଣୀ କଲ୍ୟାଣୀ ମଣ୍ଡପକୁ ବିଧାୟକ ଶ୍ରୀ ପ୍ରଧାନ ଶୁଭ ଉଦଘାଟନ କରିଥିଲେ। ଏଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଅକ୍ଷୟ କୁମାର ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଧାୟକ ଶାରଦା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ନୃସିଂହ ମିଶ୍ର, ସରପଞ୍ଚ ନମିତା ରାୟ, ସନ୍ତୋଷ ସିଂ, ଦେବଦତ୍ତ କର, ଅଶୋକ ସାହୁ, ରବୀନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ମନୋଜ କୁମାର ସିଂ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସମିତିସଭ୍ୟ ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡମ୍ବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସମୀକ୍ଷା ବୈଠକ




ବଡମ୍ବା,୮।୮ (ସମିସ): ବଡମ୍ବା ଗୋଷ୍ଠୀ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ବଡମ୍ବା ନିଜିଗଡ଼ସ୍ଥ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହ ୧୬ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ସଂଯୋଜିକାଙ୍କ ସହ ଚଳିତ ଶିକ୍ଷାବର୍ଷର ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଭାରପ୍ରାପ୍ତ ବଡମ୍ବା ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ବ୍ରହ୍ମା ସ୍ୱାଗତ ଭାଷଣ ସହିତ ଆଲୋଚନା ହେବାକୁ ଥିବା କାର୍ଯ୍ୟସୂଚୀ ସମ୍ବନ୍ଧେ ସୂଚନା ପ୍ରଦାନ କରିଥିଲେ। ପରେ ପ୍ରାଥମିକ ୮ ଫେଡେରେସନର ବଡମ୍ବା ଶାଖା ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ ବିଜୟ କୁମାର ମଲିକ, ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ, ବଡମ୍ବା ବ୍ଲକ ସଭାପତି ସୁରସୁନ୍ଦର ଶତପଥୀ, ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ, କଟକ ଜିଲ୍ଲାର ଉପସଭାପତି ରମେଶ ଚନ୍ଦ୍ର ବେହେରା, ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ, ବଡମ୍ବା ବ୍ଲକର ଉପଦେଷ୍ଟା ରଘୁନାଥ ସେଠୀ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଭାରପ୍ରାପ୍ତ ଗୋଷ୍ଠୀ ସହକାରୀ ଶିକ୍ଷାଧିକାରିଣୀ ସୁଷମା ମଞ୍ଜରୀ ମହାଲିକ ୟୁଡାଇସ ପ୍ଲସ ଉପରେ ଆଲୋଚନା ରଖିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱଜିତା ଚୌଧୁରୀ ମଧ୍ୟ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ନିଶା ସେବନ କରି ବିଦ୍ୟାଳକୁ ଆସୁଥିବା ଶିକ୍ଷକଙ୍କୁ କଡା ଚେତାବନୀ ସଦୃଶ କାରଣ ଦର୍ଶାଅ ନୋଟିସ ସହିତ ଆବଶ୍ୟକ ପଡିଲେ ନିଲମ୍ବନ କରାଯିବ ବୋଲି କଡା ଭାଷାରେ ଚେତାବନୀ ଦେଇଥିଲେ। ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ସମ୍ପାଦକ ରାଜେଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ପଟ୍ଟାମୁଣ୍ଡାଇ କେନାଲରେ ଘାଇ ଆଶଙ୍କା

**ଶୋଇଛି ପୂର୍ତ୍ତ ଓ ଜଳସମ୍ପଦ ବିଭାଗ**



ଭଦ୍ରେଶ୍ୱର,୮।୮ (ସମିସ): ମାହାଙ୍ଗା ବ୍ଲକ ଭେଡା ନିକଟରେ ପଟ୍ଟାମୁଣ୍ଡାଇ କେନାଲରେ ଘାଇ ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏପରିସ୍ଥଳେ ସ୍ଥାନୀୟ ଜଳ ସମ୍ପଦ ଓ ପୂର୍ତ୍ତ ବିଭାଗ ଅଧିକାରୀମାନେ ନିଘୋଡ ନିଦରେ ଶୋଇ ରହିବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ମାହାଙ୍ଗା ବ୍ଲକ ଅଞ୍ଚଳ ଦେଇ ପଟ୍ଟାମୁଣ୍ଡାଇ କେନାଲ ବହିଯାଇଛି। ଏହି କେନାଲ ବନ୍ଧଟି ସ୍ଥାନୀୟ ପୂର୍ତ୍ତ ବିଭାଗ ଓ ଜଳସମ୍ପଦ ବିଭାଗର ଲେଉଟିଆ କିଆରିରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରତିବର୍ଷ ଏହି କେନାଲ ବନ୍ଧ ମରାମତି ଓ ପୁନଃନିର୍ମାଣ ଆଳରେ ଉଭୟ ଜଳସମ୍ପଦ ଏବଂ ପୂର୍ତ୍ତ ବିଭାଗ ତରଫରୁ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟ ହେଉଛି। ମନ୍ତ୍ରୀ ଯନ୍ତ୍ରୀ ଠିକାଦାରଙ୍କ ଭାଗ୍ୟର ପରିବର୍ତନ ଘଟୁଥିଲା ବେଳେ ଏହି କେନାଲ ବନ୍ଧର ଭାଗ୍ୟ ପରିବର୍ତ୍ତନ ଘଟୁ ନ ଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। ପ୍ରତିବର୍ଷ ଏହି କେନାଲରେ ଘାଇ ସୃଷ୍ଟି ହେବା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ନାହିଁ ନ ଥିବା କ୍ଷୟକ୍ଷତି ଘଟୁଛି। ଏଠାରେ ସୂଚନାଥାଉ କି, ନିକଟ ଅତୀତରେ ଏହି କେନାଲର ତ୍ରିବେଣୀଶ୍ୱର ଠାରେ ମଧ୍ୟ ଅନୁରୂପ ଭାବେ ଏକ ବିରାଟ ଘାଇ ସୃଷ୍ଟି ହେବା ଯୋଗୁ ସ୍ଥାନୀୟ ଚାଷୀଙ୍କର ନାହିଁ ନ ଥିବା କ୍ଷୟକ୍ଷତି ଘଟିଥିଲା। ତେବେ ଭେଡା ନିକଟରେ ଏହି କେନାଲ ବନ୍ଧ ଧସି ଯାଇଥିଲେ ମଧ୍ୟ ଏହାର ପ୍ରତିକାର ଦିଗରେ ପ୍ରଶାସନିକସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଇପାରି ନାହିଁ। ଏଠାରେ ଘାଇ ସୃଷ୍ଟି ହେଲେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ନାହିଁ ନ ଥିବା କ୍ଷୟକ୍ଷତି ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଚାଷୀ ମହଲରେ ମତ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବା ନିମନ୍ତେ ଚାଷୀମହଲରେ ଦାବି ହୋଇଛି।

# ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ବାଟବଣା

ଚୌଦ୍ୱାର,୮।୮ (ସମିସ):

ପୂର୍ବ ସରକାରଙ୍କ ମୁକ୍ତା ଓ ଉନ୍ନତି ଯୋଜନାକୁ ମିଶାଇ ରାଜ୍ୟରେ ସହରର ବିକାଶ ପାଇଁ ବର୍ତ୍ତମାନର ସରକାର ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଆରମ୍ଭ କରିଛନ୍ତି। ଫଳରେ ସହରର ସୌନ୍ଦର୍ଯ୍ୟକରଣ ହେବା ସହିତ ଏକ ସୁନ୍ଦର ଓଡିଶା ଗଠନ

**ଚୌଦ୍ୱାର ପୌରପାଳିକାରେ ପିସି ପ୍ରକଳ୍ପକୁ ଗୁରୁତ୍ୱ**

ହେବାରେ ଏହା ସହାୟକ ହୋଇପାରିବ। ଏଣୁ ସରକାର ବିଭିନ୍ନ ପୌରପାଳିକାକୁ ସହର ସୌନ୍ଦର୍ଯ୍ୟକରଣ ପାଇଁ ଅର୍ଥର ବ୍ୟବସ୍ଥା ମଧ୍ୟ କରିଛନ୍ତି। ହେଲେ ଚୌଦ୍ୱାର ପୌରପାଳିକାରେ ଏହାର ବ୍ୟତିକ୍ରମ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଚୌଦ୍ୱାର ପୌରପାଳିକାକୁ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅସିଥିବା ବେଳେ ୱାର୍ଡଗୁଡିକରେ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ




ପାରିଷଦଙ୍କଠାରୁ ପ୍ରସ୍ତାବ ମଗାଯାଇଥିଲା। ହେଲେ ପାରିଷଦଙ୍କ ପ୍ରସ୍ତାବ ଉପରେ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀ ଗୁରୁତ୍ୱ ପ୍ରଦାନ କରୁ ନ ଥିବା ଶୁଣିବାକୁ ମିଳିଛି। ରାଜ୍ୟ ସରକାର ସୌନ୍ଦର୍ଯ୍ୟକରଣ ପାଇଁ ୭୦ ଶତକଡା ଅର୍ଥ ଖର୍ଚ୍ଚ କରିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ୩୦ ଶତକଡା ଅର୍ଥ ରାସ୍ତା, ଡ୍ରେନ ମରାମତିରେ ଖର୍ଚ୍ଚ ହେବ। ହେଲେ ପୌରପାଳିକାର ୭, ୮, ୧୧ ଓ ୧୨ନଂ ୱାର୍ଡରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରୁନାହିଁ ପୌରପାଳିକା କେବଳ ଇଡକୋ ଜାଗାର ବହାନା କରୁଛି। ଅନ୍ୟପଟେ ପାରିଷଦମାନେ ଯେକୌଣସି ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତାବ ଦେଲେ ପୌରାଧ୍ୟକ୍ଷା ସିଧାସଳଖ ଏହାକୁ କାଉଣ୍ଟର କରି ଗୋଟିଏ ୱାର୍ଡରେ ହେଲେ ଅନ୍ୟ ପାରିଷଦମାନେ ଦାବି କରିବେ ଏବଂ ଦରକାର ପଡିଲେ ସ୍ଥାନୀୟ ବିଧାୟକ ଏଭଳି ପ୍ରକଳ୍ପ ନ କରିବା ପାଇଁ ମନା କରୁଛନ୍ତି ବୋଲି ସିଧାସଳଖ ଉତ୍ତର ରଖୁଛନ୍ତି। ଯାହାକୁ ନେଇ ପାରିଷଦମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପୌରପାଳିକା ନିଜ ମନମାନିରେ ପ୍ରକଳ୍ପ କରୁଥିବା ସାଧାରଣରେ ଅଭିଯୋଗ ହେଉଛି।

ଏଠାରେ ସୂଚନାଯୋଗ୍ୟ, ଗତ ଜୁଲାଇ ମାସର ସାଧାରଣ ପୌର ପରିଷଦ ବୈଠକରେ ବିଜେଡି ଦଳ ତରଫରୁ ମଧ୍ୟ କିଛି ଉନ୍ନୟନ ପ୍ରକଳ୍ପର ପ୍ରସ୍ତାବ ଦିଆଯାଇଥିବା ବେଳେ ଗୁରୁବାର ବିଜେପି ପକ୍ଷରୁ ଅନେକ ପ୍ରସ୍ତାବ ଦିଆଯାଇ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯାଇଛି। ତେବେ କେଉଁ କେଉଁ ପ୍ରସ୍ତାବକୁ ନିର୍ବାହୀ ଅଧିକାରୀ ସରକାରଙ୍କ ଅନୁମୋଦନ ପାଇଁ ପଠାଇଲେ ତାହା ଏଯାବତ ସାର୍ବଜନୀନ ହୋଇପାରି ନାହିଁ। ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ, ନିର୍ବାହୀ ଅଧିକାରୀ କିଛି ହାତଗଣତି ପାରିଷଦଙ୍କୁ ହାତରେ ରଖି ଗୁପ୍ତ ବୈଠକ କରି ଯେଉଁ ପ୍ରକଳ୍ପରେ ଅଧିକ ପିସି ମିଳିବ ସେହିଭଳି ପ୍ରକଳ୍ପକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଜନହିତକର ପ୍ରକଳ୍ପଗୁଡିକୁ ଅଣଦେଖା କାରଯାଉଥିବା ଅଭିଯୋଗ ହେଉଛି। ବିଶେଷକରି ମହିଳା ପାରିଷଦଙ୍କୁ ଅଣଦେଖା କରାଯାଉଥିବା କିଛି ମହିଳା ପାରିଷଦ ପ୍ରକାଶ କରିଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ



ନିଶ୍ଚିନ୍ତକୋଇଲି, ୮।୮ (ସମିସ): ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ପ୍ରଥମ ଥର ପରିଦର୍ଶନରେ ଆସି ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ପଚାରି ବୁଝିଛନ୍ତି। ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବହିର୍ବିଭାଗ, ରୋଗୀଙ୍କ ଶଯ୍ୟା, ବିଶ୍ରାମସ୍ଥଳ ଦେଖିବା ପରେ ଏହାର ପରିବେଶ, ପରିଚ୍ଛନ୍ନତା ବୁଲି ଦେଖିଥିଲେ। ବର୍ତ୍ତମାନ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ଆମ ହସ୍ପିଟାଲ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାର ପାରିପାର୍ଶ୍ୱିକ ଭିତ୍ତିଭୂମି କିଭଳି ଉନ୍ନତିକରଣ କରାଯିବ ସେନେଇ ଆଲୋଚନା କରିଥିଲେ। ବିଶେଷ କରି ଏହି ହସ୍ପିଟାଲରେ ଗୃହର ଆବଶ୍ୟକତା ରହିଥିବାବେଳେ ଚିକିତ୍ସାସେବାକୁ

**ଆମ ହସ୍ପିଟାଲ ମାଷ୍ଟର ପ୍ଲାନ୍ ପାଇଁ ନିର୍ଦ୍ଦେଶ**

କିଭଳି ଆହୁରି ଉନ୍ନତମାନର କରାଯିବ ସେଥିପ୍ରତି ଗୁରୁତ୍ୱ ଦେଇ ତୁରନ୍ତ ଏହାର ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ କଟକ ପୂର୍ତ୍ତ ବିଭାଗ ଡ଼ିଭିଜନ-୨ର ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ପତି, ସାଲେପୁର ପୂର୍ତ୍ତବିଭାଗର ସହକାରୀ ଯନ୍ତ୍ରୀ ଦେବାଶିଷ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୁବ୍ ଶୀଘ୍ର ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମିର ଉନ୍ନତିକରଣ ପ୍ରକ୍ରିୟା ଆରମ୍ଭ କରାଯାଇ ଆବଶ୍ୟକୀୟ ଗୃହ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସରଞ୍ଜାମ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳକ ଟି ନାରାୟଣ ରାଓ, ଡା. ରୀତା ଦାସ, ଡା. ଜାପାନୀ ମହାପାତ୍ର, ଡାକ୍ତର ସରିତ୍ ସାଗର, ଡ଼ାକ୍ତର ଗଜେନ୍ଦ୍ର ଦାସ, ବିପିଓ ସୌମ୍ୟରଂଜନ ପାତ୍ର, ଫାର୍ମାସିଷ୍ଟ ଉମାକାନ୍ତ ସାହୁ ଓ ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜେଇ ଚାଲାଣ ଅଭିଯୁକ୍ତ ଗିରଫ

କନ୍ଦରପୁର,୮।୮ (ସମିସ): ୨ କିଲୋ ୧୫୦ ଗ୍ରାମ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟରେ ପୁଲିସ ଅଭିଯୁକ୍ତକୁ ମାଡି ବସିଛି।



ଗଞ୍ଜେଇ ଚାଲାଣ କରିବା ଅଭିଯୋଗରେ ବୟାଳିଶମୌଜା ଥାନା ପୁଲିସ ଶୁକ୍ରବାର ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ଦଧିବାମନପୁର ସାମଲ ସାହିର ତ୍ରୈଲୋକ୍ୟ ସାମଲ (୪୫)। ଏକ ବାଇକ୍ ନଂ ଓଆର୦୪ ଜେ ୭୩୮୪ରେ ଗଞ୍ଜେଇ ବାହାରକୁ ଚାଲାଣ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଧରିଥିଲା।

# ଓଡ଼ିଶା କଟନ୍ ମିଲ୍‌ର ପୁନରୁଦ୍ଧାର ପାଇଁ ସାଂସଦଙ୍କ ଦାବିପତ୍ର

ମଙ୍ଗୁଳି,୮।୮ (ସମିସ): ଭଗତ୍‌ପୁରସ୍ଥିତ ଓଡ଼ିଶା କଟନ ମିଲ (ଓସିଏମ୍)ର ପୁନରୁଦ୍ଧାର ପାଇଁ ଦାବି ହୋଇ ଆସୁଥିବା ବେଳେ କଟକ ସାଂସଦ ଭର୍ତ୍ତୃହରି ମହତାବ ଦିଲ୍ଲୀ ଗସ୍ତରେ ଯାଇ କେନ୍ଦ୍ର ବୟନ ଶିଳ୍ପମନ୍ତ୍ରୀଙ୍କୁ ଭେଟିବା ସହ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ଜୁନ୍ ୧୮ରେ ଲୋକସଭା ଭବନରେ ଓସିଏମ୍‌ର ସ୍ଥିତି ଯାଞ୍ଚ ସହ ଏହାର ପୁନରୁଦ୍ଧାର ପାଇଁ ବିସ୍ତୃତ ରିପୋର୍ଟ ପ୍ରଦାନ ଲାଗି ମୁଖ୍ୟମନ୍ତ୍ରୀ ଶିଳ୍ପବିଭାଗ ସଚିବଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସୂଚନାଥାଉକି, ୧୯୪୬ ମସିହାରେ ଓସିଏମ୍‌ର ଶୁଭାରମ୍ଭ କରାଯାଇଥିବା ବେଳେ ଏଥିରେ ୯୦୦ରୁ ଉର୍ଦ୍ଧ୍ୱ ଶ୍ରମିକ କାମ



କରୁଥିଲେ। ଏଥିରୁ ଉତ୍ପାଦିତ ଉନ୍ନତମାନର ସୂତା ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ବୁଣାକାରମାନଙ୍କ ପାଖକୁ ପଠାଯାଉଥିଲା। ମାତ୍ର ପରିଚାଳନାଗତ ତ୍ରୁଟି ପାଇଁ କାରଖାନା କ୍ଷତି ସହିବା ସହ ୧୯୯୪ମସିହାରୁ ସ୍ୱେଚ୍ଛାକୃତ ଅବସର ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ଫଳସ୍ୱରୂପ ୨୦୦୯ ମସିହାରେ କମ୍ପାନୀ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟାଙ୍ଗୀସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନର ସମାବର୍ତ୍ତନ ଉତ୍ସବରେ ଯୋଗଦେବାକୁ ଆସିଥିବାବେଳେ ଚୌଦ୍ୱାର ଅଞ୍ଚଳର ଶ୍ରମିକନେତା ଦୀପକ ବାରିକଙ୍କ ନେତୃତ୍ୱରେ ଚୌଦ୍ୱାର ଅଞ୍ଚଳର ବହୁ ଶ୍ରମିକ କମ୍ପାନୀର ପୁନରୁଦ୍ଧାର ପାଇଁ ଏକ ଦାବିପତ୍ର ପ୍ରଦାନ କରିବା ସହ କଟକ ସାଂସଦଙ୍କୁ ଭେଟି କମ୍ପାନୀ ଖୋଲିବା ଦାବି ସମ୍ବନ୍ଧୀୟ ସବିଶେଷ ତଥ୍ୟ ମଧ୍ୟ ପ୍ରଦାନ କରିଥିଲେ। ଯାହାକୁ ଆଧାର କରି ସାଂସଦ ଶ୍ରୀ ମହତାବ୍ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

## ମହାବିଦ୍ୟାଳୟରେ ଯୌନ ଉତ୍ପୀଡ଼ନ ଓ ନିରାକରଣ କର୍ମଶାଳା

ମାହାଙ୍ଗା,୮।୮ (ସମିସ): ପଲ୍ଲୀସାହି ସ୍ଥିତ ମାହାଙ୍ଗା ମହିଳା ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ଛାତ୍ରୀ ଓ କର୍ମଜୀବୀ ମହିଳାଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନ ବିରୋଧରେ ଏକ ସଚେତନତା କର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରତାପ ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଭଦ୍ରେଶ୍ୱର ଥାନା ଭାରପ୍ରାପ୍ତ ଅଧିକାରିଣୀ ସନ୍ଧ୍ୟାରାଣୀ ସିଂ ଯୋଗ ଦେଇଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟା ଅଧ୍ୟାପିକା ପ୍ରମିଳା ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

# ସହରାଞ୍ଚଳ ବିକାଶ ପାଇଁ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

ଚୌଦ୍ୱାର,୮।୮ (ସମିସ): ଚୌଦ୍ୱାର ସହରରେ ବିଭିନ୍ନ ବିକାଶ କାର୍ଯ୍ୟ ଦାବିରେ ବିଜେପି ଓବିସି ମୋର୍ଚ୍ଚା ପକ୍ଷରୁ ଏକ ୩୫ ଦଫା ସମ୍ବଳିତ ଦାବିପତ୍ର ପୌରନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ



ସହରୀ ବିକାଶ ଯୋଜନାରେ ମୁଖ୍ୟତଃ ଏକ ଅତିଥି ଭବନ ନିର୍ମାଣ, ଟାଉନହଲ ନିର୍ମାଣ, ୱାର୍ଡଗୁଡିକରେ ଥିବା ଶ୍ମଶାନକୁ ଆଦର୍ଶ ଶ୍ମଶାନରେ ପରିଣତ କରିବା, ୱାର୍ଡ ଗୁଡିକରେ ବକ୍ସ ଟାଇପ ଡ୍ରେନ ନିର୍ମାଣ, ଭେଣ୍ଡିଂଜୋନ, ଅର୍ବାନ ହାଟ, ମାର୍କେଟ କମ୍ପ୍ଲେକ୍ସ, ଗାନ୍ଧୀଛକରେ ଶୀତଳଭଣ୍ଡାର, ଚୌଦ୍ୱାର ଅଞ୍ଚଳରେ ଥିବା ଅଷ୍ଟଶମ୍ଭୁ ମନ୍ଦିରର ଉନ୍ନତିକରଣ, ଶୌଚାଳୟ ନିର୍ମାଣ, ପୌରପାଳିକାର ୨ନଂ ୱାର୍ଡ ଚାଟେଶ୍ୱର ମନ୍ଦିର ଠାରୁ ମଙ୍ଗୁଳି-ଚୌଦ୍ୱାର ରେଳଷ୍ଟେସନକୁ ନୂତନ ବ୍ରିଜ ନିର୍ମାଣ, ଭାଗବତ ଟୁଙ୍ଗୀର ଉନ୍ନତି କରଣ, କାଞ୍ଜିଆହୁଦା ଓ ଗୋଶାଳା ନିର୍ମାଣ, ସରକାରୀ ଜାଗାରେ ଥିବା ପୋଖରୀ ଗୁଡିକର ପୁନଉଦ୍ଧାର, ନୂତନ ସରକାରୀ ସିନେମାହଲ ନିର୍ମାଣ ଆଦି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଇଂ. ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଅକ୍ଷୟ ଭୂୟାଁ, ଧୀରଞ୍ଜନ ସିଂ, ତନ୍ମୟ ସାହୁ, କୀର୍ତ୍ତନ କୁଅଁର, ପ୍ରଶାନ୍ତ ସାହୁ, ସଞ୍ଜୟ ମହାରଣା, ବିମଳ ନାୟକ ପ୍ରମୁଖ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ।

## ଯୁବ-ଛାତ୍ର ବିଜେଡି ପକ୍ଷରୁ ସ୍ମାରକପତ୍ର

ଭଦ୍ରେଶ୍ୱର,୮।୮ (ସମିସ): ରାଜ୍ୟରେ ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବାରୁ ମହିଳା ଓ ଛାତ୍ରୀମାନେ ସୁରକ୍ଷିତ ନୁହନ୍ତି। ଏହାର ପ୍ରତିବାଦରେ ଆଜି ମାହାଙ୍ଗା ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଏକ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଜବାହାରଲାଲ ନେହେରୁ ମହାବିଦ୍ୟାଳୟ କୁଆଁପାଳ ଓ



ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏକ ବିରାଟ ଶୋଭାଯାତ୍ରାରେ ଆସିଥିଲେ। ଏହି ଛାତ୍ରଛାତ୍ରୀ ଓ ଯୁବକମାନେ ସରକାରୀ ବିରୋଧି ନାରାବାଜି କରିଥିଲେ। ଏହି ଅବସରରେ ମାହାଙ୍ଗା ଥାନା ପୁଲିସ ମାଧ୍ୟମରେ ରାଜ୍ୟର ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରେରଣ କରାଯାଇଥିଲା।

# ଅଧ୍ୟାପକ ଓ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଚେତାବନୀ

ମାହାଙ୍ଗା,୮।୮ (ସମିସ): ରାଜ୍ୟରେ ଥିବା ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଗୁଡିକରେ ୧.୬.୨୦୦୮ରୁ ୧.୬.୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି କରାଯାଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପରିସର ଭୁକ୍ତ କରାଯାଉନାହିଁ। ଏଥିପାଇଁ




ସଂଘ ପକ୍ଷରୁ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ଶିବରରେ ଗୁହାରି କରାଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କେବଳ ପ୍ରତିଶ୍ରୁତି ହିଁ ମିଳିଛି। ତେଣୁ ଏହାର ପ୍ରତିବାଦରେ ଦାବି ପୂରଣ ପାଇଁ ଆସନ୍ତା ଅଗଷ୍ଟ ୧୬ ୨୦୨୫ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଆନ୍ଦୋଳନରେ କୌଣସି ଅପ୍ରୀତିକର ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ ବୋଲି କଟକ ଜିଲ୍ଲା ସଂଯୋଜକ କେଶବ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

## ବାଲି ବୋଝେଇ ହାଇୱା ଜବତ

କଣ୍ଟାପଡା,୮।୮ (ସମିସ): କଣ୍ଟାପଡା ତହସିଲ ଅନ୍ତର୍ଗତ ଗୋବିନ୍ଦପୁର ଥାନା ପୁଲିସ ଆଜି ସନ୍ଧ୍ୟାରେ ବେଆଇନ ଓଭରଲୋଡ ବାଲି ବୋଝଇ କରି ଯାଉଥିବା ଏକ ହାଇୱାକୁ ଜବତ କରିଛି। ଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନାଧିକାରିଣୀ ସୂଚନା ଦେଇଛନ୍ତି।

# ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ

ନିଶ୍ଚିନ୍ତକୋଇଲି,୮।୮ (ସମିସ): ବର୍ତ୍ତମାନ ଚାଲିଥିବା ଡ଼ବଲ ଇଞ୍ଜିନ ସରକାରରେ ଓଡ଼ିଶା ରାଜ୍ୟରେ ମହିଳା ଓ ଛାତ୍ରୀ ସୁରକ୍ଷିତ ନାହାନ୍ତି। ପୁଲିସ ପକ୍ଷରୁ କିଭଳି ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରାଯିବା ସହିତ ନିର୍ଯାତନାରେ ଶିକାର ହେଉଥିବା ଛାତ୍ରୀ ଓ ମହିଳାଙ୍କୁ କିଭଳି ସୁରକ୍ଷା ଦିଆଯିବ ସେ ନେଇ ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ନିଶ୍ଚିନ୍ତକୋଇଲି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ତଥା ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ନିର୍ଦ୍ଦେଶ ଓ ବ୍ଲକ ବିଜେଡ଼ି ନେତା ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସଂଯୋଜନାରେ ବ୍ଲକ ଯୁବ ବିଜେଡ଼ି ସଭାପତି ରୁଦ୍ରନାରାୟଣ ମହାନ୍ତି ଓ ଛାତ୍ର ବିଜେଡି ସଭାପତି ପ୍ରିୟବ୍ରତ ସାହୁଙ୍କ ନେତୃତ୍ୱରେ ପଞ୍ଚାୟତ ପ୍ରହଲ୍ଲାଦ




କଲେଜ ଓ ସୁଭଦ୍ରା ମହତାବ୍ କଲେଜର ଶତାଧିକ ଛାତ୍ରଛାତ୍ରୀ ଏହି ବିକ୍ଷୋଭରେ ଯୋଗଦେଇଥିଲେ। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଏସଆଇ ସ୍ମୃତିରଞ୍ଜନ ସ୍ୱାଇଁଙ୍କୁ ପ୍ରଦାନ କରିଥିଲେ। ଯୁବ ଓ ଛାତ୍ର ବିଜେଡିର ଜୋନ୍ ସଭାପତି ସତ୍ୟରଂଜନ ଦାସ, ବିକ୍ରମ ସାହୁ, ଜୟପ୍ରକାଶ ନାୟକ, ପ୍ରମୋଦ ପଣ୍ଡା, ନିତ୍ୟାନନ୍ଦ ସ୍ୱାଇଁ, ହୃଷିକେଶ ସାହୁ, ସୌମ୍ୟରଞ୍ଜନ ସାହୁ, ପ୍ରିୟାଂଶୁ ପ୍ରିୟଦର୍ଶିନୀ, ସତ୍ୟଜିତ୍ ମହାପାତ୍ର, ଆନନ୍ଦ ଦାସ, ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇଥିଲେ।

## କିଡ୍‌ନୀ ରୋଗାକ୍ରାନ୍ତ ଯୁବକଙ୍କ ମୃତ୍ୟୁ

ସାଲେପୁର,୮।୮ (ସମିସ): ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବାବେଳେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଯୁବକର ଚିକିତ୍ସାଧୀନ ଅବସ୍ଥାରେ ଆଜି ମୃତ୍ୟୁ ଘଟିଥିବା ଜଣାଯାଇଛି। ସାଲେପୁର ବ୍ଲକ୍ ଅନ୍ତର୍ଗତ ଛାଣିପୁର ଗ୍ରାମର ସୂର୍ଯ୍ୟସାରଥୀ ଦାସ (୪୨) ଘରେ ରହି ଚିକିତ୍ସିତ ହେଉଥିବାବେଳେ ଆଜି ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି। ତାଙ୍କ ପୁତୁରା ଉଦିତ୍ ଦାସ ମୁଖାଗ୍ନି ଦେଇଥିଲେ। ତାଙ୍କର ଏକମାତ୍ର ୧୨ ବର୍ଷର ଝିଅ ଥିବା ଜଣାଯାଇଛି।

# ସମସ୍ୟାରେ ଭିକାରୀ ଚରଣ ପ୍ରାଥମିକ ବିଦ୍ୟାଳୟ

କିଶନନଗର,୮।୮ (ସମିସ): କଟକ ସଦର ବ୍ଲକ ଅନ୍ତର୍ଗତ ଯଶପଡା କୋଶିଦା ସ୍ଥିତ ଥିବା ଭିକାରୀ ଚରଣ ସରକାରୀ



ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁରକ୍ଷାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ବିଦ୍ୟାଳୟଟି ପ୍ରଥମ ଶ୍ରେଣୀଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୪୫ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ବିଦ୍ୟାଳୟର କୌଣସି ସୁରକ୍ଷା ନ ଥିବା ଜଣାପଡ଼ିଛି। ବିଦ୍ୟାଳୟର ପାଚେରୀ ନ ଥିବା ବେଳେ କେବଳ ଗୋଟିଏ ସ୍କୁଲ ଗୃହ ଅଛି। ଚାରି ପାଖରେ ପାଚେରୀ ଓ ଗେଟ ନ ଥିବାରୁ ବିଦ୍ୟାଳୟ ପରିସରରେ ଗୋରୁ ଗାଈଙ୍କ ଉପଦ୍ରବ ଓ ସନ୍ଧ୍ୟାରେ ସ୍କୁଲ ହାତରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ସ୍କୁଲ ପରିସରକୁ କିଛି ଜବରଦଖଲକାରୀ ଜବରଦଖଲ କରିବା ଏବଂ ସ୍କୁଲ ପଛ ପଟେ ଜଙ୍ଗଲ ଥିବାରୁ ଝରକା ବାଟେ ସରୀସୃପ ପ୍ରବେଶ କରି ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ଉପୁଜିପାରେ। ଏଥିସହିତ ପୁରୁଣା ସ୍କୁଲ ଗୃହ ଭାଙ୍ଗି ଯାଇ ବିଭିନ୍ନ ଜାଗାରେ ପଡିଥିବା କାନ୍ଥର ଭଗ୍ନାବଶେଷ ସେଥିରେ ଥିବା କାଠ ଆଜବେଷ୍ଟ ଖଣ୍ଡ ଖଣ୍ଡ ହୋଇ ରହିଥିବାରୁ ସେଥିରେ ଜଙ୍ଗଲ ସୃଷ୍ଟି ହୋଇଯାଇଛି। ଖେଳ ଛୁଟିରେ ଛାତ୍ରଛାତ୍ରୀ ଭିତରେ ପଶି ଖେଳୁଥିବା ବେଳେ ଅଘଟଣ ଘଟିବାର ସମ୍ଭାବନା ରହିଛି। ଏହାର ତୁରନ୍ତ ପ୍ରତିକାର କରି ଉକ୍ତ ସମସ୍ୟାର ସମାଧାନ ପାଇଁ ସୁବୋଧ ରାୟ, ଭୋଗିଲା ପଟ୍ଟନାୟକ, କ୍ଷୀରୋଦ ବେହେରା, ପ୍ରମୋଦ ବେହେରା, ସୁରେନ୍ଦ୍ର ରାୟ, ବିଚିତ୍ରାନନ୍ଦ ରାୟ, ପ୍ରଦୀପ୍ତ ମିଶ୍ର, ବିଭୂତି ପରିଡ଼ା, ସୁଶାନ୍ତ ଦାସଙ୍କ ସମେତ ପ୍ରମୁଖ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଛକାପଞ୍ଝା ମଧ୍ୟରେ ସରିଲା 'ଆତ୍ମା' ସଭାପତି ନିର୍ବାଚନ

ସାଲେପୁର,୮।୮ (ସମିସ):

କିଛିଦିନ ହେବ ସାଲେପୁର ବ୍ଲକ୍ ଆତ୍ମା କମିଟି ସଭାପତି ପଦ ନେଇ ଚାଲିଥିବା ଛକାପଞ୍ଝାର ଆଜି ପୂର୍ଣ୍ଣଚ୍ଛେଦ ପଡିଛି। ନିୟମ ଅନୁଯାୟୀ ଆଜି ସାଲେପୁର ବ୍ଲକ୍‌ର ଆତ୍ମା କମିଟି ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ସଭାପତି ଭାବେ ମୋଟ୍ ୨୫ ସଦସ୍ୟଙ୍କ ମଧ୍ୟରୁ ୧୭ ଜଣ ସଦସ୍ୟ ସଭାପତି ଭାବେ ରମେଶଚନ୍ଦ୍ର ନାୟକଙ୍କୁ ନିର୍ବାଚିତ କରିଛନ୍ତି। ଅପର ପକ୍ଷରେ ଆତ୍ମା କମିଟି ସଦସ୍ୟ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ବିଜେଡି ସମର୍ଥିତ ସଦସ୍ୟମାନେ ଏହି ନିର୍ବାଚନରେ ଅଂଶଗ୍ରହଣ କରି ନ ଥିବା ସମସ୍ତ ପ୍ରତିନିଧି ପ୍ରକାଶ କରିଛନ୍ତି। ଶେଷରେ ଦୀର୍ଘ ଦିନ ଧରି ସାଲେପୁର ବ୍ଲକ୍ ଆତ୍ମା କମିଟି ସଭାପତିଙ୍କୁ ନେଇ ଯେଉଁ ବିବାଦ



ଲାଗିରହିଥିଲା, ତାହା ଆଜି ପୂର୍ଣ୍ଣଚ୍ଛେଦ ପଡିଛି। ପ୍ରକାଶ ଯେ ସାଲେପୁର ଆତ୍ମା କମିଟି ସଭାପତି ଚୟନ ପାଇଁ ସାଲେପୁର କୃଷି ବିଭାଗ ପକ୍ଷରୁ ପ୍ରଥମେ ୪ତାରିଖ ଦିନ ସମୟ ଧାର୍ଯ୍ୟ କରାଯାଇଥିବାବେଳେ ଏହା ପୂର୍ବରୁ ୨ତାରିଖ ଦିନ ଏହି କମିଟିର ସଦସ୍ୟ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ବିଜେଡିର ବହୁ ନେତା ଓ କେତେକ ଚାଷୀ କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଫଳରେ ୪ତାରିଖ ଦିନ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇପାରି ନ ଥିଲା। ଏନେଇ ବିଜେପି ସମର୍ଥିତ ୧୭ଜଣ ସଦସ୍ୟ କ'ଣ ପାଇଁ ଆତ୍ମା ସଭାପତି ନିର୍ବାଚନ ଅନୁଷ୍ଠିତ ହେଲା ନାହିଁ, ସେ ନେଇ କୃଷି ଅଧିକାରୀଙ୍କୁ ଘେରିବା ସହ ହୋହଲ୍ଲା କରିଥିଲେ। କୃଷି ଅଧିକାରୀ ଖୁବ୍ ଶୀଘ୍ର ଆତ୍ମା କମିଟିର ସଭାପତି

**ସଭାପତି ଭାବେ ରମେଶ ନାୟକ ନିର୍ବାଚିତ**

ନିର୍ବାଚନ ଅନୁଷ୍ଠିତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଅନୁଯାୟୀ ଆଜି ଆତ୍ମା କମିଟି ସଭାପତି ନିର୍ବାଚନ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିବାବେଳେ ପୁନର୍ବାର ଗତକାଲି ସଦସ୍ୟ ଚୟନରେ ଅନିୟମିତତା କରାଯାଇଛି ଓ ଏହି ସଦସ୍ୟ ପଦକୁ ବାତିଲ କରିବା ପାଇଁ ଦ୍ୱିତୀୟ ବାର ଗତକାଲି ଓ ଆଜି ବିଜେଡିର ବହୁ ନେତା ଓ ଜନପ୍ରତିନିଧିମାନେ କୃଷି ବିଭାଗ କାର୍ଯ୍ୟାଳୟସମ୍ମୁଖରେ ଧାରଣା ଦେଇଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆଜି ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭ଜଣ ସଦସ୍ୟ ରମେଶ ଚନ୍ଦ୍ର ନାୟକଙ୍କୁ ଆତ୍ମା ସଭାପତି ଭାବେ ନିର୍ବାଚିତ କରିଥିବାବେଳେ ବିଜେଡି ସମର୍ଥିତ ୮ଜଣ ସଦସ୍ୟ ଏହି ନିର୍ବାଚନ ପ୍ରକ୍ରିୟାରେ ଭାଗ ନେଇ ନ ଥିଲେ। ପ୍ରଶାସନ ପକ୍ଷରୁ ନିୟମ ଅନୁଯାୟୀ ଏହା ଅନୁଷ୍ଠିତ ହୋଇଥିବାବେଳେ ୧୭ଖଣ୍ଡ ଭୋଟ ପାଇ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ରମେଶ ନାୟକଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ଅପରପକ୍ଷରେ ଏ ସଂପର୍କରେ ଆମ ପ୍ରତିନିଧି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ପଚାରିବାରୁ ପ୍ରଶାସନ ଚଞ୍ଚକତା କରି ବେଆଇନ୍ ଭାବେ ରାଜନୈତିକ ହାତବାରିସୀ ସାଜି ଏହି ନିର୍ବାଚନ କରାଇଥିବାରୁ ଏହାକୁ ମୁ ନିନ୍ଦା କରୁଛି ବୋଲି ସେ ପ୍ରକାଶ କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୭.୬୬ ● ପାଉଣ୍ଡ ୧୧୭.୦୨
- ୟୁରୋ ୧୦୨.୩୫ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୪,୭୦୦ (ନୂଆଦିଲ୍ଲୀ)
- ରୁପା : ୧,୨୦,୨୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ 79,857.00 (୭୯,୮୫୭.୦୦)
- ନିଫ୍ଟି ୨୪,୩୬୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ଶୁଳ୍କ ବଢ଼ାଇବା ପରେ ପୁଣି ରାଗିଲେ ଟ୍ରମ୍ପ୍**

# ଆଉ କୌଣସି ଆଲୋଚନା ହେବନି

ୱାଶିଂଟନ,୮।୮ (ଏଜେନ୍ସି)

ବାଣିଜ୍ୟ ଶୁଳ୍କ କ୍ଷେତ୍ରରେ ଟ୍ରମ୍ପ୍ ପ୍ରଶାସନର ହିଟ୍ ଲିଷ୍ଟରେ ଥିବା ଭାରତ ଉପରେ ପୁଣି ରାଗିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଭାରତ ଉପରେ ସର୍ବାଧିକ ୫୦% ଶୁଳ୍କ ଲାଗୁ କରିବା ପରେ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି ଆମେରିକା ରାଷ୍ଟ୍ରପତି। ଭାରତ ସହିତ ଆଉ କୌଣସି ପ୍ରକାର ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା କରାଯିବନାହିଁ ବୋଲି ଆଜି ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି ଟ୍ରମ୍ପ୍। ଟ୍ରମ୍ପ୍‌ଙ୍କ ଏହି ଘୋଷଣା ପରେ ବାଣିଜ୍ୟ ଚୁକ୍ତି ପାଇଁ ଚଳିତମାସ ୨୫ରେ ଭାରତ ଆସିବାକୁ ଥିବା ଆମେରିକୀୟ ପ୍ରତିନିଧି ଦଳର ଗସ୍ତ ମଧ ବନ୍ଦ ହୋଇଯାଇଛି। ଓଭାଲ୍ କାର୍ଯ୍ୟାଳୟଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବାବେଳେ ଟ୍ରମ୍ପ ଭାରତ ବିରୁଦ୍ଧରେ ଏପରି ମନ୍ତବ୍ୟ ଦେଇଥିଲେ।





ଜୋରିମାନା ବାବଦ ଅତିରିକ୍ତ ଶୁଳ୍କ ଲାଗୁ କରିବା ପରେ ଭାରତ ସହିତ ଆଉ ଆଲୋଚନା କରିବାର ସମ୍ଭାବନା ରହିଛି କି ବୋଲି ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ କହିଲେ ଯେ ପର୍ଯ୍ୟନ୍ତ ଆମେ ଏହାର ସମାଧାନ କରିନାହୁଁ ସେ ପର୍ଯ୍ୟନ୍ତ ନୁହେଁ। ରୁଷ ସହ ବାଣିଜ୍ୟ କରିବା ନେଇ ଟ୍ରମ୍ପ୍ ଭାରତକୁ ଏକପାଖିଆ ଟାର୍ଗେଟ୍ କରିବା ଜାରି ରଖିଛନ୍ତି। ନିଜେ ଆମେରିକା, ୟୁରୋପୀୟ ସଂଘ (ଇୟୁ) ଓ ଅନ୍ୟମାନେ ଋଷ ସହ ବାଣିଜ୍ୟ କରୁଥିବାବେଳେ କେବଳ ଭାରତକୁ ଟାର୍ଗେଟ୍ କରାଯାଉଛି। ଅନ୍ୟମାନଙ୍କ ଅପେକ୍ଷା ଭାରତ ବିରୁଦ୍ଧରେ ଆମେରିକା ସର୍ବାଧିକ ଶୁଳ୍କ ଲାଗୁ କରିଛି। ଭାରତର ପଡ଼ୋଶୀ ପାକିସ୍ତାନ ଉପରେ ୧୯ ପ୍ରତିଶତ, ବାଂଲାଦେଶ ଉପରେ ୧୯ ପ୍ରତିଶତ ଏମିତିକ ଚୀନ ବିରୁଦ୍ଧରେ ୩୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ, ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି ଟ୍ରମ୍ପ। ଦୁଇଟି ପର୍ଯ୍ୟାୟରେ ସେ ୨୫-୨୫ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ୨୫ ଶୁଳ୍କ ଗତକାଲିଠାରୁ ଲାଗୁ ହୋଇଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଶୁଳ୍କ ଅଗଷ୍ଟ ୨୭ରେ ଲାଗୁ ହେବ।

**୨୫ରେ ଭାରତ ଆସିବେନି ଆମେରିକୀୟ ପ୍ରତିନିଧି ଦଳ**

ସେପଟେ ଭାରତ ଉପରେ ଶୁଳ୍କ ଲାଗ କରିବାକୁ ବିରୋଧ କରିଛନ୍ତି ଋଷ, ଚୀନ, ବ୍ରାଜିଲ ଭଳି ଦେଶ। ଅନ୍ୟପଟେ ଭାରତ ଆମେରିକାର ଦୋମୁହାଁ ନୀତିକୁ ସମାଲୋଚନା କରିଥିବାବେଳେ ସାମ୍ନାରେ ମୁଣ୍ଡ ନଇଁବ ନାହିଁ ବୋଲି ରୋକଠୋକ୍ ଶୁଣାଇ ଦେଇଛି। ହେଲେ ଟ୍ରମ୍ପଙ୍କର ଏହି ଘୋଷଣା ପରେ ଆମେରିକାର କୌଣସି ଟିମ୍ ଆଲୋଚନା ପାଇଁ ଭାରତ ଆସି ନ ପାରନ୍ତି। ଟ୍ରମ୍ପଙ୍କର ଏହି ନିଷ୍ପତ୍ତି ପରେ ଦୁଇ ଦଶନ୍ଧୀରେ ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ଅତି ନିମ୍ନ ସ୍ତରକୁ ଚାଲିଯାଇଛି।

**କମିଲା ପନିପରିବା ଦର**

## ଜୁନ୍‌ରେ କମିଲା ଶାକାହାରୀ ଥାଳି ମୂଲ୍ୟ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଜୁଲାଇ ମାସରେ ପନିପରିବା ମୂଲ୍ୟରେ କିଛି ହ୍ରାସ ଯୋଗୁଁ ଘରେ ରନ୍ଧା ନିରାମିଷ ଏବଂ ନିରାମିଷ ଖାଦ୍ୟର ହାରାହାରି ମୂଲ୍ୟ ହ୍ରାସ ଘଟିଛି। ଗୁରୁବାର ପ୍ରକାଶିତ ଏକ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। କ୍ରିସିଲ୍ ଇଣ୍ଟେଲିଜେନ୍ସର ରୋଟି-ଚାୱଲ୍ ରେଟ୍ ରିପୋର୍ଟ ଅନୁଯାୟୀ, ନିରାମିଷ ଥାଳିର ମୂଲ୍ୟ ବର୍ଷସାରା ୧୪ ପ୍ରତିଶତ ହ୍ରାସ ପାଇ ୨୮.୧ ଟଙ୍କା ହୋଇଛି ଯାହା ପୂର୍ବରୁ ୩୨.୬ ଟଙ୍କା ଥିଲା। ତଥାପି, ଏହା ମାସିକ ଆଧାରରେ ଚାରି ପ୍ରତିଶତ ବୃଦ୍ଧି ପାଇଛି, ଯେତେବେଳେ ଜୁନ୍ ମାସରେ ଏହା ୨୭.୧ ଟଙ୍କା ଥିଲା। ନିରାମିଷ ଖାଦ୍ୟର ମୂଲ୍ୟ ବର୍ଷସାରା ୧୩ ପ୍ରତିଶତ ଏବଂ ମାସିକ ଆଧାରରେ ଦୁଇ ପ୍ରତିଶତ ହ୍ରାସ ପାଇ ପ୍ରତି ଥାଳି ପିଛା ୫୩.୫ ଟଙ୍କା ହୋଇଛି। ଏହାର ନିର୍ଦ୍ଦେଶକ ପୁଷଣ ଶର୍ମା କହିଛନ୍ତି ଯେ ନିକଟ ଭବିଷ୍ୟତରେ, ଟମାଟୋ ମୂଲ୍ୟର ଉଚ୍ଚ ଆଧାର ଯୋଗୁଁ ଥାଳି ମୂଲ୍ୟ ବର୍ଷସାରା କମ୍ ରହିବ ବୋଲି ଆଶା କରାଯାଉଛି। ଡାଲିର ଆନୁମାନିକ ଅଧିକ ଉତ୍ପାଦନ ମଧ ମୂଲ୍ୟକୁ କମ କରିବାର ସମ୍ଭାବନା ଅଛି। ତଥାପି, ଶର୍ମା କହିଛନ୍ତି ଯେ ଆଳୁ ଏବଂ ପିଆଜ ମୂଲ୍ୟ ଆଗକୁ ସ୍ଥିର ରହିବା ଆଶା କରାଯାଉଥିବାରୁ ଏହି ହ୍ରାସ ସୀମିତ ହୋଇପାରେ। ରିପୋର୍ଟରେ କୁହାଯାଇଛି ଯେ ଟମାଟୋ, ପିଆଜ ଏବଂ ଆଳୁର ମୂଲ୍ୟରେ ତୀବ୍ର ହ୍ରାସ ଯୋଗୁଁ ନିରାମିଷ ଥାଳିର ମୂଲ୍ୟ ହ୍ରାସ ପାଇଛି। ଏହାବ୍ୟତୀତ, ଗତ ବର୍ଷର ସମାନ ସମୟ ତୁଳନାରେ ଉତ୍ପାଦନ ଏବଂ ଷ୍ଟକ୍ ସ୍ତର ଅଧିକ ଥିବାରୁ ଡାଲିର ମୂଲ୍ୟ ବର୍ଷସାରା ୧୪ ପ୍ରତିଶତ ହ୍ରାସ ପାଇଛି ଏବଂ ଚାଉଳର ମୂଲ୍ୟ ମଧ ଚାରି ପ୍ରତିଶତ ହ୍ରାସ ପାଇଛି।

## କ୍ୟାବିନେଟ୍ ନିଷ୍ପତ୍ତି

● ଘରୋଇ ଏଲପିଜି ବାବଦ କ୍ଷତି ଭରଣା

### ତୈଳବିପଣନ କମ୍ପାନୀଙ୍କୁ ମିଳିବ ୩୦ ହଜାର କୋଟି

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଘରୋଇ ଏଲପିଜି ବିକ୍ରିରେ ହୋଇଥିବା କ୍ଷତି ପାଇଁ ଦେଶର ୩ଟି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ (ଆଇଓସିଏଲ, ବିପିସିଏଲ ଏବଂ ଏଚପିସିଏଲ)କୁ ୩୦ ହଜାର କୋଟି ଟଙ୍କା ଦେବେ କେନ୍ଦ୍ର ସରକାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଏହି କ୍ଷତିପୂରଣ ଅର୍ଥ ରାଶିକୁ ତୈଳ ବିପଣନ କମ୍ପାନୀଗୁଡ଼ିକ ମଧ୍ୟରେ ବିତରଣ କରିବ। କ୍ଷତିପୂରଣ ୧୨ଟି ପର୍ଯ୍ୟାୟରେ ପ୍ରଦାନ କରାଯିବ। ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ ଆଇଓସିଏଲ, ବିପିସିଏଲ ଏବଂ ଏଚପିସିଏଲ ନିୟନ୍ତ୍ରିତ ମୂଲ୍ୟରେ ଉପଭୋକ୍ତାମାନଙ୍କୁ ଘରୋଇ ଏଲପିଜି ସିଲିଣ୍ଡର ଯୋଗାଇ ଦିଅନ୍ତି। ୨୦୨୪-୨୫ରେ ଏଲପିଜିର ଅନ୍ତର୍ଜାତୀୟ ମୂଲ୍ୟ ଉଚ୍ଚ ସ୍ତରରେ ରହିଥିଲା ଏବଂ ବର୍ତ୍ତମାନ ମଧ ଏହା ଉଚ୍ଚ ରହିଛି। ତଥାପି, ଅନ୍ତର୍ଜାତୀୟ ଏଲପିଜି ମୂଲ୍ୟରେ ଅସ୍ଥିରତାରୁ ଉପଭୋକ୍ତାମାନଙ୍କୁ ରକ୍ଷା କରିବା ପାଇଁ ମୂଲ୍ୟ ବୃଦ୍ଧିର ପ୍ରଭାବ ଘରୋଇ ଏଲପିଜିର ଉପଭୋକ୍ତାଙ୍କ ଉପରେ ପଡ଼ିବାକୁ ଦିଆଯାଇ ନ ଥିଲା।

### ଉଜ୍ଜ୍ୱଳା ହିତାଧିକାରୀଙ୍କୁ ୩୦୦ ଟଙ୍କାର ସବ୍‌ସିଡି

**ତେଲ କମ୍ପାନୀଙ୍କୁ ସରକାର ଦେବେ ୩୦୦ କୋଟି**

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ୨୦୨୫-୨୬ ଆର୍ଥିକବର୍ଷରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କ ପାଇଁ ସବ୍‌ସିଡି ସୁବିଧା ଜାରି ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକରେ ଆଜି ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ଯୋଜନାରେ ହିତାଧିକାରୀଙ୍କୁ ୧୪.୨ କିଲୋଗ୍ରାମ ସିଲିଣ୍ଡର ପିଛା ୩୦୦ ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଥାଏ। ଜଣେ ହିତାଧିକାରୀ ବାର୍ଷିକ ୯ଟି ସିଲିଣ୍ଡର ପର୍ଯ୍ୟନ୍ତ ଏହି ସବସିଡି ପାଇପାରିବେ। ସାରା ଦେଶରେ ଗରିବ ପରିବାରର ମହିଳାମାନଙ୍କୁ ମାଗଣା ଏଲପିଜି ସଂଯୋଗ ଦେବାର ଲକ୍ଷ୍ୟ ନେଇ ୨୦୧୬ ମେ' ମାସରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ)ର ଶୁଭାରମ୍ଭ କରାଯାଇଥିଲା। ଜୁଲାଇ ପହିଲା ୨୦୨୫ ସୁଦ୍ଧା ଏହି ଯୋଜନାର ମୋଟ୍ ୧୦.୩୩ କୋଟି ହିତାଧିକାରୀ ରହିଛନ୍ତି।

**ଜାତୀୟ ହସ୍ତତନ୍ତ ଦିବସ ଓ ରକ୍ଷା ବନ୍ଧନ**

## ଅରୁନ୍ଧତୀ ଗ୍ରୁପ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର,୮।୮ (ସମିସ)

ଅରୁନ୍ଧତୀ ବାନ୍ଧକଳା ପକ୍ଷରୁ ଜାତୀୟ ହସ୍ତତନ୍ତ ଦିବସ ଓ ରକ୍ଷାବନ୍ଧନ ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏହାର ଭୁବନେଶ୍ୱର ଶାଖାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଏଫ୍‌ଟି ନିର୍ଦ୍ଦେଶକ ରାଜେଶ ଝା ମୁଖ୍ୟ ଅତିଥି,ବିଶିଷ୍ଟ ସମାଜସେବୀ ମୀରା ପରିଡା ଓ ଅନୁଶ୍ରୀ ଦାଶ ସମ୍ମାନିତ ଅତିଥ୍ୟ ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଅରୁନ୍ଧତୀ ବାନ୍ଧକଳା ଜନପଥଠାରେ ନୂଆ ହସ୍ତତନ୍ତ ମେସିନକୁ ଉନ୍ମୋଚନ କରିବା ସହ ବସ୍ତ୍ରବୁଣା ପଦ୍ଧତିକୁ ଅବଲୋକନ କରି ଉପସ୍ଥିତ ବୁଣାକାରମାନଙ୍କ ସହ ବିଚାରବିମର୍ଶ କରିଥିଲେ।



ସମାନ୍ତରାଳ ଭାବେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ପ୍ରାକୃତିକ ହୀରାଗହଣାକୁ ନେଇ ଏକ ନୂତନ ସାଧରଣୀକରଣ 'ମାଇଁ ଷ୍ଟୋରୀ ମାଇଁ ଡାଏମଣ୍ଡସ୍' କୁ ଏହି ଅବସରରେ ଉନ୍ମୋଚନ କରାଯାଇଥିଲା। ଏହା ମାଧ୍ୟମରେ ଗ୍ରାହକଙ୍କ ନିମନ୍ତେ ପ୍ରସ୍ତୁତ ସ୍ୱତନ୍ତ୍ର ୧୦୦୦ରୁ ଉର୍ଦ୍ଧ୍ୱ ହୀରାଗହଣାର ଡିଜାଇନ ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ଆକର୍ଷଣୀୟ ଅଫର ମାଧ୍ୟମରେ ଉପଲବ୍ଧ କରାଯାଇଛି ଅରୁନ୍ଧତୀର ସମସ୍ତ ଶାଖାରେ ଉପଲବ୍ଧ ଡାଏମଣ୍ଡ ଚେକିଂ ମେସିନ୍ ମାଧ୍ୟମରେ ଗ୍ରାହକମାନେ ହୀରାର ମାନକୁ ପରୀକ୍ଷଣ କରାଇପାରିବା ସହ ପ୍ରକୃତ ହୀରା ବିଷୟରେ ଜାଣି ପାରିବେ, ଯାହା ହୀରାଗହଣା କ୍ରୟ କ୍ଷେତ୍ରରେ ଏକ ଆଧୁନିକ ବିଶ୍ୱାସଭରା ସେବା ଯୋଗାଇଦେଇପାରିବ। ଏହି ଅବସରରେ ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଉପସ୍ଥିତ ଅତିଥିମାନଙ୍କୁ ସାଧୁବାଦ ଜଣାଇବା ସହ ନିଜ ଅଭିଭାଷଣରେ ଅରୁନ୍ଧତୀ ବାନ୍ଧକଳା, ଓଡିଶା ହସ୍ତତନ୍ତ ଓ ବୁଣାକାର ସମ୍ପ୍ରଦାୟର ସମନ୍ୱିତ ବିକାଶ ଦିଗରେ କାର୍ଯ୍ୟ କରିବା ସହ ଗ୍ରାହକମାନଙ୍କ ନିମନ୍ତେ ସମସ୍ତ ପ୍ରକାର ସମ୍ବଲପୁରୀ ହାଣ୍ଡଲୁମ ସୁଲଭ ମୂଲ୍ୟରେ ଯୋଗାଇଦେବା ସମ୍ବନ୍ଧରେ ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ବର୍ତ୍ତମାନର ବନ୍ଧନ ଅଫରରେ ଅରୁନ୍ଧତୀ ଦ୍ୱାରା ସମ୍ବଲପୁରୀ ବାନ୍ଧକଳାରେ ପ୍ରସ୍ତୁତ ସ୍ୱତନ୍ତ୍ର ହାଣ୍ଡଲୁମ ଉପରେ ଫ୍ଲାଟ ୧୫% + ୫% ର ପ୍ରିଭିଲେଜ୍ ଡିସ୍‌କାଉଣ୍ଟ ରହିଛି। ସେହିଭଳି ଉଲ୍ଲେଖ୍ ଅଫରରେ ବନ୍ଧନ ଲଞ୍ଚ କରାଯାଇଛି, ଯେଉଁଥିରେ ଜିରୋ ପେମେଣ୍ଟରେ କ୍ରୟ ଯୋଜନା ଖୋଲିପାରିବାର ସୁଯୋଗ ପ୍ରଦାନ କରାଯାଉଛି। ହୀରାଗହଣାର ପ୍ରତି କ୍ୟାରେଟ ହୀରାମୂଲ୍ୟରେ ୨୦,୦୦୦ ଟଙ୍କା ଫ୍ଲାଟ୍ ରିଆତି ସହ ମାଗଣା ସୁନା କଏନ୍ ପ୍ରଦାନ କରାଯାଉଛି। ଏହାସହିତ ପ୍ରିମିୟମ୍ ରେଞ୍ଜର ସୁନାଗହଣାର ଗଢ଼ାମଜୁରୀରେ ଫ୍ଲାଟ ୫୦% ରିଆତି ଭଳି ଆକର୍ଷଣୀୟ ଅଫର ସୀମିତ ଅବଧି ପାଇଁ ଉପଲବ୍ଧ।

## ମାଲାବାର ଗୋଲ୍ଡ ପକ୍ଷରୁ 'ଏକ୍ସକ୍ଲୁଶିଭ୍ ବ୍ରାଣ୍ଡେଡ୍ ଜୁଏଲାରୀ' ଶୋ'





ଭୁବନେଶ୍ୱର,୮।୮ (ସମିସ)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଏହାର ଭୁବନେଶ୍ୱର ସହିଦ ନଗରସ୍ଥିତ ଶୋ'ରୁମ୍‌ଠାରେ ଏକ' ଏକ୍ସକ୍ଲୁଶିଭ୍ ବ୍ରାଣ୍ଡେଡ୍ ଜୁଏଲାରୀ' ଶୋ' ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଭାବେ ମିସେସ୍ ଗ୍ରାଣ୍ଡ ଇଣ୍ଟର ନ୍ୟାସନାଲ ୨୦୨୩-୨୪ ଡକ୍ଟର ସାଇପ୍ରସନ୍ନ ବେହେରା ଉଦଘାଟନ କରିଛନ୍ତି। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ପରିଚାଳନାଟିମ୍, ବିଶିଷ୍ଟ ଅତିଥି ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ଉଦଘାଟନ କରିଛନ୍ତି। ଏହି ' ଏକ୍ସକ୍ଲୁଶିଭ୍ ବ୍ରାଣ୍ଡେଡ୍ ଜୁଏଲାରୀ' ଶୋ' ହେଉଛି ସୁନା, ମାଇନ୍ ଡାଏମଣ୍ଡ, ଅନ୍‌କଟ୍ ହୀରା ଏବଂ ମୂଲ୍ୟବାନ ରତ୍ନ ପଥର ଅଳଙ୍କାରର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଏବଂ ବିକ୍ରି। ଏଥିରେ ପ୍ରଦର୍ଶନ ହେବାକୁ ଥିବା କାଳଜୟୀ ସୌନ୍ଦର୍ଯ୍ୟ ଥିବା ବୈଶିଷ୍ଟ୍ୟଯୁକ୍ତ ଅଳଙ୍କାରଗୁଡ଼ିକ ହେଉଛି ମାଷ୍ଟର କାରିଗରଙ୍କର ସୃଷ୍ଟି। ଏହି ଅଳଙ୍କାରଗୁଡ଼ିକ ସେମାନଙ୍କର ବିଶେଷଜ୍ଞତା ଏବଂ ଚତୁର ଦକ୍ଷତାର ଉଜ୍ଜ୍ୱଳ ଉଦାହରଣ। ଏଥିରେ ମାଇନ୍-ଡାଇମଣ୍ଡସ୍,ଏରା- ଅନ୍‌କଟ୍ ହୀରା ଅଳଙ୍କାର, ପ୍ରିସିଆ - ମୂଲ୍ୟବାନ ରତ୍ନ ଅଳଙ୍କାରର ସ୍ୱତନ୍ତ୍ର ବ୍ରାଣ୍ଡଗୁଡ଼ିକ ପ୍ରଦର୍ଶିତ ହୋଇଛି। ଏହି ଶୋ' ଅଗଷ୍ଟ ୮ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ଗ୍ରାହକମାନେ ସମସ୍ତ ସୁନା, ଅନ୍‌କଟ୍ ଏବଂ ରତ୍ନପଥର ଉପରେ ଫ୍ଲାଟ୍ ୩୦% ଅଫର ପାଇପାରିବେ। ସେହିପରି ହୀରା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିଆତି ରହିଛି।

## ଏପିବି ଇଣ୍ଟରନ୍ୟାସନାଲ ସ୍କୁଲରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

କଟକ,୮।୮ (ସମିସ)

ବିଦ୍ୟାଳୟରେ ଅଧ୍ୟୟନ ସାଙ୍ଗକୁ ଛାତ୍ର ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ହେଉଛି ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଦାୟିତ୍ୱ। ଏହା ଦାୟିତ୍ୱକୁ ପ୍ରାଧାନ୍ୟ ଦେଇ ଆସୁଛି ସିଡିଏ ସେକ୍ଟର-୭ ସ୍ଥିତ ଏପିବି ଇଣ୍ଟରନ୍ୟାସନାଲ ସ୍କୁଲ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ନିଜସ୍ୱ ପରିସରରେ ରୋଟାରୀ କ୍ଲବ ସହଯୋଗରେ ଛାତ୍ର ଛାତ୍ରୀମାନଙ୍କର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। କଟକର ବିଶେଷଜ୍ଞ ଚିକିତ୍ସକମାନେ ଶିବିରରେ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଆବଶ୍ୟକୀୟ ଚିକିତ୍ସା ନିମନ୍ତେ ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କାନ, ନାକ, ଦାନ୍ତ ଓ ଚକ୍ଷୁ ପରୀକ୍ଷା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଚୌଧୁରୀ ପ୍ରଜ୍ଞା ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା।





ରୋଟାରୀ କ୍ଲବର ସହଯୋଗ ପାଇଁ ସଭାପତି ଏବଂ କ୍ଲବର୍ ସଦସ୍ୟଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ର କୃତଜ୍ଞତା ଜଣାଇଥିଲେ । ସ୍କୁଲର ଏଭଳି ପ୍ରୟାସକୁ ଅଭିଭାବକ ମହଲରୁ ପ୍ରଶଂସା କରାଯାଇଛି।

## ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୮।୮ (ସମିସ): ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଏବଂ ବିକାଶ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ବିଭାଗ ଓ ବାଙ୍ଗାଲୋରର ବେସିକ୍ ନିଡ୍‌ସ ଇଣ୍ଡିଆର ମିଳିତ ପ୍ରୟାସରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ମୁଖ୍ୟ ଅତିଥି ଡାକ୍ତର ମୁକେଶ ମହାଲିଙ୍ଗ କହିଥିଲେ, ମନୁଷ୍ୟ ଅଧିକ ଦିନ ଧରି ମାନସିକ ଚାପରେ ରହିଲେ, ତାହା ମାନସିକ ଅସୁସ୍ଥତା ଆଡ଼କୁ ଗତି କରିଥାଏ। ଏହାର ସଠିକ୍ ପରିଚାଳନା କରିବାକୁ ହେଲେ ଚାପରେ ରହୁଥିବା ସମୟରେ ବ୍ୟବହାରରେ ସକରାତ୍ମକ ଚିନ୍ତା ଆଣିବାକୁ ପଡ଼ିବ। ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିବା ସହ ମାନସିକ ବିକାର, ଛୋଟ ପିଲାଙ୍କ ମାନସିକ ଚାପକୁ କିପରି ନିୟନ୍ତ୍ରଣ କରିହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବଲାଙ୍ଗିର, ବରଗଡ଼, ଅନୁଗୋଳ, ସୁବର୍ଣ୍ଣପୁର ଏବଂ କନ୍ଧମାଳ ଜିଲ୍ଲାରୁ ଆସିଥିବା ମାନସିକ ରୋଗ ଏବଂ ମାନସିକ ବିଷାଦରୁ ମୁକ୍ତ ହୋଇଥିବା ବ୍ୟକ୍ତିବିଶେଷ ଏ ବାବଦରେ ବୁଝାଇବା ସହ ସେଥିରୁ ମୁକୁଳିବା ପାଇଁ ନିଜର ଚିନ୍ତାଧାରାକୁ ସକାରାତ୍ମକ କରିବା ଏବଂ ମନ ଭିତରକୁ ପ୍ରବେଶ କରୁଥିବା ନକାରାତ୍ମକ ଚିନ୍ତାଧାରାକୁ ଦୂରେଇ ମାନସିକ ଚାପରୁ ମୁକୁଳିବାର ଉପାୟମାନ ପ୍ରଦାନ କରଯାଇଥିଲା। ବୈଠକରେ ସ୍ୱତନ୍ତ୍ର ସଚିବ ଡା. ଜିତେନ୍ଦ୍ର ମୋହନ ବେବୋର୍ଥା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବ୍ରତାତି ହରିଚନ୍ଦନ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର,୮।୮ (ସମିସ)

ଓଡ଼ିଶା ବିଧାନସଭାର ନୂତନ ୱେବ୍‌ସାଇଟ୍‌କୁ ଶୁକ୍ରବାର ବାଚସ୍ପତି ସୁରମା ପାଢ଼ୀ ଉନ୍ମୋଚନ କରିଛନ୍ତି। ଓଡ଼ିଶା ସରକାରଙ୍କ ଆଇଟି ଓ ଇଟି ବିଭାଗ ଏବଂ ଭାରତ ସରକାରଙ୍କ ଏନ୍‌ଆଇସିର ବୈଷୟିକ ପରାମର୍ଶରେ ବିକଶିତ ହୋଇଥିବା ଏହି ନୂତନ ୱେବ୍‌ସାଇଟ୍ ବିଧାନସଭା କାର୍ଯ୍ୟଧାରାକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ନାଗରିକମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ, ନିଷ୍ପତ୍ତି ଏବଂ ପଦକ୍ଷେପ ବିଷୟରେ ସଠିକ୍ ଏବଂ ସବିଶେଷ ସୂଚନା ପ୍ରଦାନ କରିବ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଛନ୍ତି।

ଆସନ୍ତା ୨୯ ଓ ୩୦ ତାରିଖ ଦୁଇଦିନ ଧରି ଭୁବନେଶ୍ୱରରେ ଜାତୀୟ ସ୍ତରର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ସମ୍ମିଳନୀ ଆୟୋଜିତ ହେବ। ଉକ୍ତ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓ ରାଜ୍ୟସଭାର ଉପାଧ୍ୟକ୍ଷ ଏବଂ ସଂସଦର ଉଭୟ ଗୃହ ଓ ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିମାନଙ୍କର ଅଧ୍ୟକ୍ଷ ଓ ସଦସ୍ୟମାନେ ଯୋଗଦେବେ। ଅତିଥିମାନେ ଏହି ନୂତନ ୱେବ୍‌ସାଇଟ୍‌ରେ ପାର୍ଲାମେଣ୍ଟ ଦ୍ୱାରା ପ୍ରଦତ୍ତ ଲିଙ୍କ୍‌ରେ ରେଜିଷ୍ଟ୍ରେସନ୍ କରିବାର ସୁବିଧା ପାଇବେ ବୋଲି ବାଚସ୍ପତି କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ୍ ଦେବ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ରାଉତ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଇରଙ୍ଗପୁର ପୁଲିସ୍ ଜିଲ୍ଲା ପାଇଁ ୪୦ ପଦବୀ ସୃଷ୍ଟି

ରାଇରଙ୍ଗପୁର, ୮।୮ (ସମିସ): ନବଗଠିତ ରାଇରଙ୍ଗପୁର ପୁଲିସ୍ ଜିଲ୍ଲା ପାଇଁ ଗୃହ ବିଭାଗ ପକ୍ଷରୁ ଗତ ୬ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ମୟୂରଭଞ୍ଜରୁ ପୃଥକ କରାଯାଇ ରାଇରଙ୍ଗପୁର ପୁଲିସ ଜିଲ୍ଲା ଗଠନ ସହ ମୋଟ ୪୦ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ପୂର୍ବରୁ ରହିଥିବା ୨୦ଟି ପଦବୀର ପୁନଃବଣ୍ଟନ କରାଯିବ। ସମସ୍ତ ପଦବୀର ଦରମା ଏବଂ ଅନ୍ୟାନ୍ୟ ଭତ୍ତା ସରକାରଙ୍କ ଦ୍ୱାରା ଅନୁମୋଦିତ ହାରରେ ପ୍ରଯୁଜ୍ୟ ହେବ। ଏହି ୪୦ଟି ନୂତନ ପଦ ମଧ୍ୟରୁ ୭ଟି ଗ୍ରୁପ୍-ଡି ପଦବୀ ଯଥା ୨ଟି ରୋଷେୟା, ୨ଟି ଝାଡୁଦାର, ୧ଟି ନାପିତ ଏବଂ ୨ଟି ଧୋବା ପଦବୀ ଆଉଟସୋର୍ସିଂ ମାଧ୍ୟମରେ ପୂରଣ କରାଯିବ।

ବିଜ୍ଞପ୍ତି ଅନୁଯାୟୀ, ରାଇରଙ୍ଗପୁର ପୁଲିସ ଜିଲ୍ଲାକୁ ଦୁଇଟି ପୁଲିସ ଉପଖଣ୍ଡ ଭାବେ ରାଇରଙ୍ଗପୁର ଏବଂ କରଞ୍ଜିଆକୁ ବିଭକ୍ତ କରାଯାଇଛି। ଏହା ଅଧୀନରେ ୧୪ଟି ଥାନା ରହିବ। ରାଇରଙ୍ଗପୁର ପୁଲିସ୍ ଉପଖଣ୍ଡରେ ରାଇରଙ୍ଗପୁର, ରାଇରଙ୍ଗପୁର ଟାଉନ୍, ବାଦାମପାହାଡ଼, ଗୋରୁମାହିଷାଣୀ, ବିଶୋଇ, ତିରିଂ, ବହଳଦା ଏବଂ ଜାମଦା ଥାନା ରହିବ। ସେହିପରି କରଞ୍ଜିଆ ପୁଲିସ୍ ଉପଖଣ୍ଡରେ କରଞ୍ଜିଆ, ଠାକୁରମୁଣ୍ଡା, ମହୁଲଡିହା, ରରୁଆଁ, ଘାଘରବେଡା ଏବଂ ଯଶିପୁର ଥାନା ରହିବ।

**ଛାତ୍ରୀ ଓ ମହିଳା ସୁରକ୍ଷା ପ୍ରସଙ୍ଗ**

## ରାଜ୍ୟବ୍ୟାପୀ ଆନ୍ଦୋଳନ ସଫଳ ହୋଇଛି: ଯୁବ ଓ ଛାତ୍ର ବିଜେଡି

ଭୁବନେଶ୍ୱର,୮।୮ (ସମିସ)

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ମହିଳା ନିର୍ଯାତନା ଘଟଣା ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ପୂର୍ବଘୋଷିତ କାର୍ଯ୍ୟକ୍ରମ ଆଧାରରେ ଅଗଷ୍ଟ ୧ରୁ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଆନ୍ଦୋଳନ ସଫଳ ହୋଇଛି ବୋଲି ବିଜେଡି କହିଛି। ଏହି ଅଭିଯାନର ଶେଷ ଦିନରେ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇଥିଲେ। ଉପଯୁକ୍ତ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଦାବିରେ ପୁଲିସ୍ ଡିଜିଙ୍କ ଉଦ୍ଦେଶ୍ୟରେ ନିକଟସ୍ଥ ଥାନା ଓ ଏସପି ଅଫିସରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ବିଜେପି ସରକାରରେ ଗତ ୧୩ ମାସ ମଧ୍ୟରେ ରାଜ୍ୟରେ ଘଟିଥିବା ପ୍ରମୁଖ ଛାତ୍ରୀ ଓ ମହିଳା ନିର୍ଯାତନା ଘଟଣାମାନ କେବଳ ମହିଳାଙ୍କ ସୁରକ୍ଷା ଉପରେ ନୁହେଁ; ବରଂ ଆଇନ ଓ ଶାସନ ବ୍ୟବସ୍ଥା ଉପରେ ମଧ ପ୍ରଶ୍ନ ଉଠାଇଛି। ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ, ଗୋପାଳପୁର ବିଚ୍‌ରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ପୁରୀ ଜିଲ୍ଲା ବଳଙ୍ଗାରେ ନାବାଳିକାକୁ ଜିଅନ୍ତା ଜାଳି ଦିଆଯିବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘଟୁଥିବା ଛାତ୍ରୀ ଓ ମହିଳା ବିରୋଧୀ ଘଟଣାର ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଡକରା ଦିଆଯାଇଥିବା ଏହି ଆନ୍ଦୋଳନକୁ ବିପୁଳ ସମର୍ଥନ ମିଳିଛି। ସମସ୍ତ କ୍ୟାମ୍ପସର ଛାତ୍ରଛାତ୍ରୀଙ୍କ ସହିତ ସଂଗଠନର ରାଜ୍ୟ କର୍ମକର୍ତ୍ତା ଏବଂ ଜିଲ୍ଲା କର୍ମକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମରେ ଆନ୍ଦୋଳନ ସଫଳ ହୋଇଥିବାରୁ ସମସ୍ତଙ୍କୁ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ବ୍ୟୋମକେଶ ରାୟ ଓ ବିଧାୟକ ଦେବୀ ରଂଜନ ତ୍ରିପାଠୀ ଧନ୍ୟବାଦ ଜଣାଇଛନ୍ତି।

## ଆଜିର ରାଶିଫଳ

**ମେଷ:** ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନୂତନ ଜମି କ୍ରୟ କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରହିବ।

**କର୍କଟ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**ସିଂହ:** ଜୀବନସାଥୀଙ୍କ ସାନ୍ନିଧ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ଧନୁ:** ସୃଜନାଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ।ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ପୁରୁଣା ନିବେଶରୁ ଲାଭ ମିଳିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ପ୍ରେମିକା-ପ୍ରେମିକଙ୍କ ପାଇଁ ଦିନଟି ଭଲ।

## ଆଜିର ଇତିହାସ

- ୧୮୩୧- ଆମେରିକାରେ ପ୍ରଥମ ଥର ବାଷ୍ପଚାଳିତ ଇଞ୍ଜିନ୍ ଚାଲିଲା।
- ୧୮୯୨- ଥୋମାସ୍ ଆଲ୍ଭା ଏଡିସନ୍ ଟୁ ୱେ ଟେଲିଗ୍ରାଫକୁ ପେଟେଣ୍ଟ କରାଇଲେ।
- ୧୯୪୫- ଆମେରିକା ଜାପାନର ନାଗାସାକି ସହର ଉପରେ ଦ୍ୱିତୀୟ ପରମାଣୁ ବୋମା ପକାଇଲା।
- ୨୦୧୯ - ଉତ୍ତର ପ୍ରଦେଶରେ ଗୋଟିଏ ଦିନରେ ୨୨୦ ମିଲିଅନ୍ ଗଛ ଲଗାଗଲା।


## ଅଗଷ୍ଟ କ୍ରାନ୍ତି ଦିବସ



ଆଜି ଅଗଷ୍ଟ କ୍ରାନ୍ତି ଦିବସ। ଭାରତର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ୧୯୪୨ ଅଗଷ୍ଟ ୯ ତାରିଖରେ ପରାଧୀନ ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ପାଇଁ ଏହି ଦିନ ଭାରତଛାଡ଼ ଆନ୍ଦୋଳନର ମୂଳଦୁଆ ପକାଇ ଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ଏହାପରେ ଭାରତବାସୀ ଏକଜୁଟ୍ ହୋଇ ବ୍ରିଟିଶମାନଙ୍କ ବିରୋଧରେ ଲଢ଼େଇ କରିଥିଲେ। ଫଳରେ ବ୍ରିଟିଶ ସରକାର ଦେଶ ଛାଡ଼ିବାକୁ ବାଧ ହୋଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତର ସହାୟତା ବଦଳରେ ଇଂରେଜମାନେ ଭାରତକୁ ମୁକ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ପରବର୍ତ୍ତୀ ସମୟରେ ନିଜ କଥାରୁ ଓହରି ଯାଇଥିଲେ। ଯାହା ଫଳରେ ଇଂରେଜଙ୍କ ଠାରୁ ସ୍ୱାଧୀନତା ଛଡ଼ାଇ ଆଣିବା ଲାଗି ୧୯୪୨ ଅଗଷ୍ଟ ୮ ରେ ଭାରତୀୟ ଜାତୀୟ କଂଗ୍ରେସ ଇଂରେଜ ସରକାର ବିରୋଧରେ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲା। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ କମିଟି ତାହାର ବମ୍ବେ ଅଧିବେଶନରେ ଏହି ନିର୍ଣ୍ଣାୟକ ଆନ୍ଦୋଳନ ପାଇଁ ସଂକଳ୍ପ ପାରିତ କରିଥିଲା। ଆନ୍ଦୋଳନ ଆରମ୍ଭ ପୂର୍ବରୁ ଗାନ୍ଧୀଙ୍କ ସମେତ କଂଗ୍ରେସର ସମସ୍ତ ପ୍ରମୁଖ ନେତାଙ୍କୁ ଗିରଫ କରି ନିଆଯାଇଥିଲା। ଏହାପରେ ଇଂରେଜମାନେ ଗାନ୍ଧିଜୀଙ୍କୁ ପୁନେର ଆଗା ଖାଁ ପ୍ୟାଲେସରେ ବନ୍ଦୀ କରି ରଖିଥିଲେ। ଅବଶ୍ୟ ଗାନ୍ଧିଜୀ ଅହିଂସା ଭାବେ ଏହି ଆନ୍ଦୋଳନର ଡାକରା ଦେଇଥିଲେ। ମାତ୍ର ଆନ୍ଦୋଳନ ସମୟରେ ଅନେକ ସ୍ଥାନରେ ହିଂସା, ଦଙ୍ଗା ଆଦି ଦେଖିବାକୁ ମିଳିଥିଲା। ଦେଶରେ ଧନଜୀବନ ନଷ୍ଟ ହେଲା। ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଯାଇ ସମସ୍ତ ନେତା, କ୍ରାନ୍ତିକାରୀ ଏବଂ ସଂଗ୍ରାମୀମାନଙ୍କୁ ଗିରଫ କରାଯାଇଥିଲା। ସେହି ସମୟରେ ଇଂରେଜଙ୍କ କବଳରୁ ବର୍ତ୍ତି ଯାଇଥିବା ଜଣେ କ୍ରାନ୍ତିକାରୀ ଯୁବା ନେତ୍ରୀ ଅରୁଣା ଆସଫ୍ ଅଲ୍ଲୀ ୧୯୪୨ ଅଗଷ୍ଟ ୯ ତାରିଖରେ ମୁମ୍ବାଇର ଗୋୱାଲିଆ ଟ୍ୟାଙ୍କ ମଇଦାନରେ (ବର୍ତ୍ତମାନର କ୍ରାନ୍ତି ମଇଦାନ) ତ୍ରିରଙ୍ଗା ଉଡ଼ାଇ ଭାରତ ଛାଡ଼ ଆନ୍ଦୋଳନର ଶୁଭାରମ୍ଭ କରିଥିଲେ। ଏହି ଆନ୍ଦୋଳନ ଅହିଂସା ମାର୍ଗରେ ହେଉ ବୋଲି ଗାନ୍ଧିଜୀ ଆବାହନ କରିଥିଲେ କିନ୍ତୁ ଦେଶର ଅନେକ ସ୍ଥାନରେ ହିଂସା ଦେଖିବାକୁ ମିଳିଥିଲା। ଯାହାକୁ ଗାନ୍ଧିଜୀ ପସନ୍ଦ କରିନଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଂରେଜମାନେ ଭାଙ୍ଗି ପଡ଼ିଥିଲେ। ଠିକ୍ ଏହି ସମୟରେ ଗାନ୍ଧିଜୀଙ୍କ ଏହି ଆନ୍ଦୋଳନ ଭାରତକୁ ସ୍ୱାଧୀନତା ଦେବାରେ ଉଚିତ ମାର୍ଗ ସାଜିଥିଲା। ମହାତ୍ମା ଗାନ୍ଧୀଙ୍କ 'କର ବା ମର' ମନ୍ତ୍ରରେ ଉଦ୍‌ବୁଦ୍ଧ ଏହି ଆନ୍ଦୋଳନ ନେତୃତ୍ୱ ଅଭାବ, ଦୁର୍ବଳ ସମନ୍ୱୟ, ଅସ୍ପଷ୍ଟ ଯୋଜନା ଓ ବ୍ରିଟିଶ କର୍ତ୍ତୃପକ୍ଷଙ୍କ ଦମନ ଯୋଗୁଁ ବେଶୀ ଦିନ ତିଷ୍ଠି ନ ଥିଲା। ଅବଶ୍ୟ ଏହା ଦେଶବାସୀଙ୍କୁ ଇଂରେଜ ଶାସନ ବିରୋଧରେ ଏକଜୁଟ କରିବାରେ ସଫଳ ହୋଇଥିଲା। ଏହାର ଫଳ ସ୍ୱରୂପ ୧୯୪୭, ଅଗଷ୍ଟ ୧୫ ତାରିଖରେ ଭାରତ ଇଂରେଜ ଶାସନ କବଳରୁ ମୁକ୍ତ ହୋଇ ସ୍ୱାଧୀନତା ପ୍ରାପ୍ତି କରିଥିଲା। ଏହି ଐତିହାସିକ ବିପ୍ଳବ ଥିଲା ଭାରତର ସ୍ୱାଧୀନତା ପାଇଁ ଏକ ମୁକ୍ତିର ମଶାଲ। ଆଜିର ଦିନରେ ଦେଶ ପାଇଁ ଜୀବନ ଦେଇଥିବା ବୀର ସଂଗ୍ରାମୀମାନଙ୍କ ବଳିଦାନକୁ ମନେ ପକାଉଛନ୍ତି କୋଟି କୋଟି ଭାରତୀୟ।

### ଆଜି ଆସିଥିଲେ

## ସ୍ୱଭାବକବି ଗଙ୍ଗାଧର ମେହେର



ଓଡ଼ିଆ ସାହିତ୍ୟକୁ ରୁଦ୍ଧିମନ୍ତ କରିବାରେ ଯେଉଁ କେତେଜଣ ଆଗଧାଡ଼ିର ସାହିତ୍ୟିକଙ୍କ ନାମ ଆସିଥାଏ ତନ୍ମଧ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଅନ୍ୟତମ। ତାଙ୍କ ଲେଖନୀ ମୁନରୁ ଝରି ପଡ଼ିଥିବା ଅକ୍ଷର ସବୁ ଓଡ଼ିଆ ସାହିତ୍ୟର ଅମ୍ଳାନ କୀର୍ତ୍ତି ହୋଇରହିଛି। ସେ ଏକାଧାରରେ ପ୍ରକୃତି କବି, ସ୍ୱଭାବ କବି ଭାବେ ପରିଚିତ ଥିଲେ। ପ୍ରକୃତି ଚିତ୍ରଣରେ ତାଙ୍କର ସ୍ୱତନ୍ତ୍ର ଦୃଷ୍ଟିକୋଣ ଥିଲା। କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ପରି ତାଙ୍କର କବିତାଗୁଡ଼ିକ ଉଚ୍ଚ ଆଳଙ୍କରିକ ଶବ୍ଦ, ଅନନ୍ୟ ସଂଯୋଜନା ଶୈଳୀ, ଉପମା, ରୂପକ ଓ ଯଥାର୍ଥ ଶବ୍ଦାବଳୀର ଉପଯୁକ୍ତ ପ୍ରୟୋଗ ସହ ସମୃଦ୍ଧ। ଗଙ୍ଗାଧର ୧୮୬୨ ମସିହା ଆଜିର ଦିନରେ ଅବିଭକ୍ତ ସମ୍ବଲପୁର ବର୍ତ୍ତମାନ ବରଗଡ଼ ଜିଲ୍ଲା ବରପାଲି ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରେ ଦାରିଦ୍ର୍ୟର କଷାଘାତ ଯୋଗୁଁ ସେ ଅଧିକ ଶିକ୍ଷାଲାଭ କରିପାରି ନ ଥିଲେ। କିନ୍ତୁ ପିଲାଦିନରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ଓଡ଼ିଶାର ପୁରାତନ କବିମାନଙ୍କ ପଦାଙ୍କ ଅନୁସରଣ କରି ସେମାନଙ୍କ ଶୈଳୀରେ ସେ ନିଜର ପ୍ରଥମ ଲେଖା ସବୁ ଲେଖିଥିଲେ। ତାଙ୍କର ଆଦ୍ୟ ରଚନାବଳୀ ଭିତରେ 'ରସ ରତ୍ନାକର' ଓ 'ଅହଲ୍ୟାସ୍ତବ' ଅନ୍ୟତମ। ଏଗୁଡ଼ିକ ରୀତିଯୁଗୀୟ ଶୈଳୀରେ ରଚନା କରାଯାଇଥିଲା। ସ୍ୱଳ୍ପ ଶିକ୍ଷା ସତ୍ତ୍ୱେ ବି ତାଙ୍କର ଓଡ଼ିଆ ଓ ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ଥିଲା। ଏକ ସାଧାରଣ ଚାକିରି କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ସେଥିପାଇଁ ତାଙ୍କୁ ବହୁ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ ତାଙ୍କ ପ୍ରତିଭାଦୀପ୍ତ ଓ ପ୍ରଚଣ୍ଡ ସୃଜନଶୀଳ ସତ୍ତା ସୃଷ୍ଟି କରିଥିଲା ବହୁ କାଳଜୟୀ କାବ୍ୟ ଓ କବିତା। ଓଡ଼ିଆ ଭାଷା ମହାସଙ୍କଟ ଦେଇ ଗତି କରୁଥିଲାବେଳେ 'ଇନ୍ଦୁମତୀ', 'କୀଚକବଧ', 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'ଉତ୍କଳ ଲକ୍ଷ୍ମୀ', 'ଅଯୋଦ୍ଧା ଦୃଶ୍ୟ' ଭଳି ଉଚ୍ଚକୋଟୀର କାବ୍ୟ ଓ କବିତା ରଚନା କରି ଓଡ଼ିଆ ଭାଷା ଆନ୍ଦୋଳନକୁ ସେ ତେଜୀୟାନ କରିଥିଲେ। 'ଅର୍ଘ୍ୟଥାଳି' ହେଉଛି ତାଙ୍କର ଲୋକପ୍ରିୟ କବିତା ସଂଗ୍ରହ। ତାଙ୍କ ରଚିତ ଶେଷ କାବ୍ୟ ଥିଲା 'ପଦ୍ମିନୀ'। ଗଙ୍ଗାଧରଙ୍କ କବିତାଗୁଡ଼ିକ ଯେତିକି ସୁନ୍ଦର, ତାଙ୍କର ଜୀବନଶୈଳୀ ବି ଥିଲା ବେଶ୍ ସାବଲୀଳ। ପ୍ରକୃତିର ଅସାଧାରଣ ବର୍ଣ୍ଣନା, ଆଦର୍ଶ ଚରିତ୍ର ଚିତ୍ରଣ, ମାନବତାର ଜୟଗାନ ଆଦି ଥିଲା ତାଙ୍କ ସାହିତ୍ୟ କୃତିର ବିଶେଷତ୍ୱ। ୧୯୨୪ ମସିହା ଏପ୍ରିଲ୍ ୪ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା।

## ମୃଣାଲଙ୍କ ପ୍ରେମରେ ଧନୁଷ୍ !



ବଲିଉଡ୍ ଅଭିନେତ୍ରୀ ମୃଣାଳ ଠାକୁରଙ୍କ ଜନ୍ମଦିନ ପାର୍ଟି ଏବେ ଚର୍ଚ୍ଚାରେ ରହିଛି। କାରଣ ଏଥିରେ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଧନୁଷ୍ ଯୋଗ ଦେଇଥିଲେ। ତେବେ ଧନୁଷ୍ 'ସନ୍ ଅଫ୍ ସର୍ଦ୍ଦାର୍ ୨'ର ସ୍କ୍ରିନିଂ ପାଇଁ ମୁମ୍ବାଇ ଆସିଥିଲେ। ଏହି ସମୟରେ ସେ ମୃଣାଳଙ୍କ ଜନ୍ମଦିନ ପାର୍ଟିରେ ଯୋଗ ଦେଇଥିଲେ। 'ସନ୍ ଅଫ୍ ସର୍ଦ୍ଦାର ୨' ଲିଡ୍ ରୋଲରେ ଅଜୟ ଦେବଗନ୍ ଓ ମୃଣାଳ ଠାକୁର ନଜର ଆସିଛନ୍ତି। ଫିଲ୍ମର ସ୍କ୍ରିନିଂ ଇଭେଣ୍ଟରେ ଉଭୟ କଥା ହେଉଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ଏହାପରେ ଧନୁଷ୍ ମୃଣାଳଙ୍କୁ ଡେଟ୍ କରୁଥିବା ଖବର ଜୋର୍ ଧରିଛି। ଏହାପୂର୍ବରୁ ମୃଣାଳ ଧନୁଷଙ୍କ ଫିଲ୍ମ 'ତେରେ ଇସ୍କ ମେଁ' ପାର୍ଟିରେ ଯୋଗ ଦେଇଥିଲେ। କନିକା ଢିଲୋଁ ଏହାର କିଛି ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥିଲେ। ଏଥିରେ ଧନୁଷ୍ ଓ ମୃଣାଳ ଗୋଟିଏ ଫ୍ରେମ୍‌ରେ ନଜର ଆସିଥିଲେ। ସେବେଠାରୁ ଉଭୟଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେଉଛି। ତେବେ ଏହାକୁ ନେଇ ଧନୁଷ୍ କିମ୍ବା ମୃଣାଳ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ଏଠାରେ ପ୍ରକାଶ ଥାଉ କି, ଧନୁଷ୍ ପୂର୍ବରୁ ସାଉଥ୍ ଇଣ୍ଡଷ୍ଟ୍ରୀର ଭେଟେରାନ୍ ଅଭିନେତା ରଜନୀକାନ୍ତଙ୍କ ଝିଅ ଐଶ୍ୱର୍ଯ୍ୟାଙ୍କୁ ବିବାହ କରିଥିଲେ। ଉଭୟ ବିବାହର ୧୮ ବର୍ଷ ପରେ ୨୦୨୨ରେ ଅଲଗା ହୋଇଯାଇଥିଲେ।

## ରାକ୍ଷୀ ପୂର୍ଣ୍ଣିମା



**ପୁଷ୍ପଲତା ସାହୁ**

ଶ୍ରାବଣ ମାସର ପୂର୍ଣ୍ଣିମା ତିଥିରେ
ହେଉଛି ରକ୍ଷା ବନ୍ଧନ
ମୋ ଭାଇ ହାତରେ ରାକ୍ଷୀ ବାନ୍ଧିବି
ଦେଇ ମଥାରେ ଟୋପି ଚନ୍ଦନ ॥
ହାତରେ ବାନ୍ଧିବି ନାଲି ପାଟ ଡୋର
ଖୁଆଇବି ମିଠା ଲଡୁ
ଠାକୁର ପାଖରେ ମନାସି କରିବି ମୋ
ଭାଇ ଆୟୁଷ ବଢୁ ॥
ଏତିକି ଅଳି ମୁଁ କରିବି ଭାଇକୁ
କେବେ କରିବୁନି ପର
ସୁଖରେ ଦୁଃଖରେ ସାହା ହୋଇଥିବୁ
ଭଉଣୀ ତୋର ନିଜର ॥
ଗାଁ ଘର ମୋର ଲିପା ପୋଛା କରି
ଛାଟି ଦେଲି ଗହ୍ମା ଚିତା
ହଳ ଲଙ୍ଗଳର ଝୋଟି ମୁଁ ଲେଖିଲି
ସୋଲେ କରି ମାଳ ଗୁନ୍ଥା ॥
ବଉଳା ଗାଈ ମୋ ଧୋବ ଫରଫର
ତା ଶିଙ୍ଗେ ଢାଉ ମୁଁ ବୋଳି
ମଥାରେ ସିନ୍ଦୂର ବେକେ ଫୁଲମାଳ
ଖୋଇଲି ସରୁ ଚକୁଳି ॥
ଆମରି ଗୁହାଳେ ବନ୍ଧା ହୋଇଛନ୍ତି
କାଶିଆ କପିଳା ଦୁଇ
ଗହ୍ମା ପୂର୍ଣ୍ଣିମାରେ ପୂଜା ସେ ହୁଅନ୍ତି
ହଳ ସେ କରନ୍ତି ନାହିଁ॥
ଚାଷୀ ଘର ଝିଅ ଅଟଇ ମୁହିଁ ଯେ,
ବାପା ଅଜା ଅମଳର
ଦେଖି ଆସୁଅଛି ଏ ବିଧି ବିଧାନ
କେବେ ମନୁ ଭୁଲି ନାହିଁ॥ ■

କେନ୍ଦ୍ରାପଡ଼ା
ମୋ-୮୭୫୮୩୨୧୯୭



## ରକ୍ଷା ବନ୍ଧନ



**ଆଚାର୍ଯ୍ୟ କ୍ଷିତୀଶ ଜେନା**

ମୁନା ଶୋଇଥିବା ଦେଖିତ ମାମୁନି
କହେ ଉଠିପଡ଼ ଭାଇ
ସକାଳ ହେଲାଣି ଯାଇଛୁ କି ଭୁଲି
ଆଜିପା ରାକ୍ଷୀ ପୁନେଇଁ।
ଚଞ୍ଚଳ ଯାଆତୁ ନିତ୍ୟକର୍ମ ସାରି
ନୂଆ ଜାମା ଦବୁ ପିନ୍ଧି
କେଡ଼େ ସୁନ୍ଦରିଆ ରାକ୍ଷୀ ମୁଁ ରଖିଛି
ତୋ ହାତରେ ଦେବି ବାନ୍ଧି।
ମୋ ଗେହ୍ଲୁ ଭାଇର ମୁଣ୍ଡରେ ପକାଇ
ଅରୁଆ ଚାଉଳ ଦୁବ
ଧୂପ,ଦୀପ ଜାଳି ବନ୍ଦାଇବି ତତେ
ମନାସିବି ତୋର ଶୁଭ।
କେବଳ ମୁଁ ନୁହେଁ ଶାଶୁଘରେ ତଥା
ଦୂରେ ଥିଲେ ଭଉଣୀଟି
ଭାଇର ପାଖକୁ ରାକ୍ଷୀପୂର୍ଣ୍ଣିମାରେ
ଆସେ ସୁଦୂରରୁ ଛୁଟି।
ଉପହାର ଠାରୁ ଭାଇ ଉପସ୍ଥିତି
ଭଉଣୀ ପାଇଁକି ବଡ଼
ଭାଇ ଥିଲେ ସାଥେ ଭଉଣୀକୁ ସ୍ପର୍ଶ
କରେନି କଦାପି ଝଡ଼।
ପ୍ରଭୁ ବଳଦେବଙ୍କ ଜନ୍ମଦିନ ଆଜି
ପାଳିବେ ତ ପଲ୍ଲୀପୁରେ
ବଳଦ ଗାଈଙ୍କୁ ଗାଧୋଇ ରାକ୍ଷୀକୁ
ବାନ୍ଧିବେ ତାଙ୍କରି ଠାରେ।
ଜଗା ବଳିଆଙ୍କୁ ସୁଭଦ୍ରା ବାନ୍ଧିବେ
ଭାବର ବନ୍ଧନ ରାକ୍ଷୀ
ପବିତ୍ର ସମ୍ପର୍କ ଭାଇ ଭଉଣୀଙ୍କ
ରାକ୍ଷୀ ଅଟେ ମୂକସାକ୍ଷୀ।
ବଡ଼ଦେଉଳର ତିନି ଦିଅଁଙ୍କୁ ମୁଁ
କରୁଅଛି ନିବେଦନ
ତୁମପରି ପ୍ରତି ଭାଇ ଭଉଣୀଙ୍କ
ଅତୁଟ ରହୁ ବନ୍ଧନ। ■

କଣ୍ଟିଗଡ଼ିଆ, ଧର୍ମଶାଳା,
ଯାଜପୁର
ମୋ- ୭୦୦୮୬୩୪୮୦୦

## ତ୍ରିରଙ୍ଗା



**ଚିତ୍ତରଞ୍ଜନ ମହାନ୍ତି**

ସବୁ ପାତ୍ର ନୁହେଁ କଳସୀ
ସବୁ ପତର ନୁହେଁ ତୁଳସୀ
ସବୁ ନଦୀ ନୁହଁଇ ଗଙ୍ଗା
ସବୁ ପତାକା ନୁହେଁ ତ୍ରିରଙ୍ଗା ॥
ସଗର୍ବେ ଉଡ଼େ ଫରଫର
ଦେଖିଲେ ଆସେ ମନେ ଗର୍ବ
ମିଳିଯାଏ ମୁକ୍ତିର ଆନନ୍ଦ
ଖୋଲା ଆକାଶେ ମୁକ୍ତ ବିହଙ୍ଗ ॥
ସୁଯୋଗ୍ୟ ସନ୍ତାନ ଏ ଦେଶର
ଗାନ୍ଧୀ, ଗୋପବନ୍ଧୁ, ଜବାହର
ଲାଲ୍, ବାଲ୍, ପାଲ୍, ସୁଭାଷ
ମୁକ୍ତି ସେନାର ଶ୍ରେଷ୍ଠ ନାୟକ ॥
ଦେଇଛନ୍ତି ଅମୃତ ବାର୍ତ୍ତା
ପାଥେୟ କରି ଚାଲିଛୁ ରାସ୍ତା
ଶାନ୍ତି, ଅହିଂସା, ପ୍ରେମ ବଳେ
ସବୁରି ହୃଦୟ ଜିତି ହୁଏ ॥
ଦେଶର ସୁଯୋଗ୍ୟ ସନ୍ତାନ
ସବୁରି ହୃଦୟେ ବିଦ୍ୟମାନ
ଏମିତି ସନ୍ତାନ ଥିଲେ ଦେଶର
ଶତ୍ରୁମାନଙ୍କ ପଡ଼େନି ନଜର ॥
ଦେଶ ବଞ୍ଚିଲେ ଆମେ ବଞ୍ଚିବା
ଦେଶ ପାଇଁ ଜୀବନ ଦେବା
ଦେଶବାସୀ ଜାଗ୍ରତ ପ୍ରହରୀ
ଜୀବନ ଧନ୍ୟ ତା' ସେବା କରି ॥ ■

ତଗିରା, ରାଣୀତାଲ
ମୋ- ୯୪୩୮୭୭୦୧୫୦



## ସୁମନ

## ଉପକାର ଶୁଝିଲେ ଜନ୍ଦା ଓ ପିମ୍ପୁଡ଼ି



**କାଳିକିଙ୍କର**



ଅଧିକ ବର୍ଷା ହେଲାରୁ ନଦୀ ଉଛୁଳି ପଡ଼ିଲା। ସମସ୍ତେ କହିଲେ ବନ୍ୟା ଆସିଲା। ସ୍କୁଲ ଛୁଟି। ତେବେ ସବୁଆଡ଼େ ପାଣି ଓ ସୁଅ ଚାଲୁଥିବାରୁ ରିଆ, ଟିଆ, କିଆ ଆଦି ପିଲାମାନେ ଘରେ ଅଛନ୍ତି। ସେମାନେ ଖୁସି ଯେ, ତାଙ୍କ ଆଗରେ ପାଣିର ସୁଅ ଧୀରେଧୀରେ ଯାଉଛି। କାଠି କୁଟା ପତର ଇତ୍ୟାଦି ଭାସି ଭାସି ଯାଉଛି। ଘର ଆଗରେ ଅବଶ୍ୟ ଅଧିକ ପାଣି ହୋଇନି କି ସୁଅ ପ୍ରଖର ନୁହେଁ ତେଣୁ ରିଆ, ଟିଆ ଓ କିଆ ସେ ପାଣି ଭିତରେ ଦୌଡାଦୌଡ଼ି କରୁଛନ୍ତି। ହାତର ଆଞ୍ଜୁଳାରେ ପାଣି ନେଇ ଖେଳୁଛନ୍ତି। ହଠାତ୍ ରିଆ କହିଲା- ଆରେ ଦେଖ ଦେଖ, କେମିତି ଗୋଟିଏ କଦଳୀ ପତ୍ର ଭାସି ଆସୁଛି ଓ ସେଥିରେ ଜନ୍ଦା ଓ ପିମ୍ପୁଡ଼ି ଭାସି ଯାଉଛନ୍ତି। ଜନ୍ଦା ଓ ପିମ୍ପୁଡ଼ିମାନେ ରିଆ, ଟିଆ ଓ କିଆଙ୍କୁ ଦେଖି କହିଲେ- ଆମେ ଭାସିଯାଉଛୁ ଏ ପାଣିରେ। ଆମକୁ ଟିକିଏ ଉଦ୍ଧାର କରନ୍ତନି? କିଆ ଓ ଟିଆ କହିଲେ ନା ନା ବାବା, ତୁମେ ସବୁ ଆସିଲେ ଆମକୁ କାମୁଡ଼ିବ। ରିଆ କିନ୍ତୁ କହିଲା ନାରେ, ବିପଦରେ ଯିଏ ପଡ଼ିଛି ତାକୁ ସାହାଯ୍ୟ କରିବା ଉଚିତ। ତାପରେ ବି ଯଦି ସେ ଆମର କ୍ଷତି କଲା କରୁ, ତା' ଧର୍ମ ତା'ର। ରିଆ ଆଗକୁ ବଢ଼ିଲା। ସାଥିରେ ଟିଆ ଓ କିଆ। ସେମାନେ ଧୀରେ ଧୀରେ ସେ କଦଳୀପତ୍ର ସହ ଜନ୍ଦା ଓ ପିମ୍ପୁଡ଼ିଙ୍କୁ ଉଦ୍ଧାର କଲେ। ଏମାନେ ସବୁ ନାଲି ଜନ୍ଦା ଓ ପିମ୍ପୁଡ଼ି। କାମୁଡ଼ିଲେ ଖୁବ୍ ଯନ୍ତ୍ରଣା ହୁଏ। ରିଆ କିନ୍ତୁ ସେଥିପ୍ରତି ଖାତିର୍ ନ କରି ସେମାନଙ୍କୁ ଟିଆ ଓ କିଆ ସହ ମିଶି ଉଦ୍ଧାର କଲା ଓ ଭୁଇଁରେ ଛାଡ଼ିଦେଲା। ଜନ୍ଦା ଓ ପିମ୍ପୁଡ଼ି ସେମାନଙ୍କୁ ଧନ୍ୟବାଦ ଦେଇ ବାଉଁଶ ବୁଦା ଆଡ଼େ ଚାଲିଲେ।

ଅନେକ ଦିନ ବିତି ଯାଇଛି। ଏବେ ବନ୍ୟା କି ବର୍ଷା ନାହିଁ। ରିଆ, ଟିଆ, କିଆ ସେଇ ବାଉଁଶ ବୁଦା ପାଖରେ ଖେଳୁଥିଲେ ଯେ, ହଠାତ୍ ତାଙ୍କ ପାଖକୁ ଗୋଟିଏ ସାପ ଫଁ ଫଁ କରି ମାଡ଼ି ଆସିଲା। ରିଆ, ଟିଆ, କିଆ କ'ଣ କରିବେ ଉପାୟ ନ ପାଇ କାନ୍ଦିବାକୁ ଲାଗିଲେ। ପାଖଦେଇ ଜନ୍ଦା ଓ ପିମ୍ପୁଡ଼ି ଖାଦ୍ୟ ନେଇ ଯାଉଥିଲେ। ସେମାନେ ରିଆ, ଟିଆ ଓ କିଆଙ୍କର କାନ୍ଦିବା ଶୁଣି ଅଟକି ଗଲେ ଓ ଦେଖିଲେ ବିଷାକ୍ତ ଦୁଷ୍ଟ ନାଗ ସେମାନଙ୍କୁ କାମୁଡ଼ିବାକୁ ଦୌଡୁଛି। ଆଚ୍ଛା, ଏମିତି କଥା। ଜନ୍ଦା ଓ ପିମ୍ପୁଡ଼ି ସେମାନଙ୍କର ଖାଦ୍ୟ ସେଇଠି ଥୋଇ ସେ ଦୁଷ୍ଟ ନାଗକୁ ଘେରି ଗଲେ ଓ ତାର ଲାଞ୍ଜରୁ ମୁଣ୍ଡଯାଏ କାମୁଡ଼ିବାକୁ ଲାଗିଲେ। ବିଚରା ସେ ଦୁଷ୍ଟ ନାଗ ଆଉ ଫଁ ଫଁ କରି ରିଆ, ଟିଆ ଓ କିଆଙ୍କ ଆଡ଼କୁ ଆସିବ କ'ଣ- ସେଇଠି ଛଟପଟ ହେଲା ଓ ଜନ୍ଦା ପିମ୍ପୁଡ଼ିଙ୍କୁ ଛାଡ଼ିଦେବାକୁ ଅନୁରୋଧ କଲା। ଏଣେ ସାପଟିର ଆଉ ଫଁ ଫଁ ଶବ୍ଦ ନ ଶୁଣି ରିଆ, ଟିଆ ଓ କିଆ ଅନେଇଲେ ସେ ଆସୁଥିବା ଦିଗକୁ। ଦେଖିଲେ ଜନ୍ଦା ଓ ପିମ୍ପୁଡ଼ିମାନେ ତାକୁ ଘେରି ରହିଛନ୍ତି ଓ କାମୁଡ଼ି କାମୁଡ଼ି ତା ଦେହ ଫୁଲେଇ ଦେଲେଣି। ନାଗଟି ନେହୁରା ହୋଇ ଛାଡ଼ି ଦେବାକୁ କହୁଥାଏ। ରିଆ ଟିଆ ଓ କିଆଙ୍କୁ କହିଲା- ଚିହ୍ନିଲ ଏ ଜନ୍ଦା ଓ ପିମ୍ପୁଡ଼ି କିଏ? ଏମାନେ ସେଇମାନେ ଯାହାଙ୍କୁ ଆମେ ପାଣିରୁ ଉଦ୍ଧାର କରିଥିଲେ। "ଦେଖୁଛ ତ ! କେମିତି ଜନ୍ଦା ଓ ପିମ୍ପୁଡ଼ି ଉପକାର ଶୁଝିଲେ।" ■

ସୌଭାଗିନୀ ନିବାସ,ରେଞ୍ଚ, ପୁରୀ
ମୋ-୮୨୪୯୨୧୬୦୬୭




**ବୈଭବ କୁମାର ପାତ୍ର**
ଷଷ୍ଠ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର




**ସାଇ ସେଠୀ**
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ପୋଖରୀପୁଟ, ଭୁବନେଶ୍ୱର




**ଇଭାଂଶୀ ମିଶ୍ର**
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର




**ଲକ୍ଷ୍ମୀପ୍ରିୟା ଦାଶ**
ତୃତୀୟ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ୬
ପୋଖରୀପୁଟ, ଭୁବନେଶ୍ୱର

## ଆଣ୍ଡରସନ-ତେନ୍ଦୁଲକର ଟ୍ରଫି

# ଅନାବଶ୍ୟକ ତ୍ରୁଟି ଯୋଗୁଁ ସିରିଜ୍ ହାତଛଡ଼ା


ଗିଲ୍‌ଙ୍କ ରନ୍ ଆଉଟ୍


ସିରାଜ୍ ପ୍ଲେଡ୍ ଅନ୍

ନୂଆଦିଲ୍ଲୀ,୮।୮ (ଏଜେନ୍ସି):

ଇଂଲଣ୍ଡରେ ନିକଟରେ ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ କଠିନ ପରିଶ୍ରମ ଓ ଭଲ ଖେଳିଥିଲେ ମଧ୍ୟ ଘରୋଇ ଦଳ ସହ ଭାରତ ୨-୨ରେ ସିରିଜ୍ ଅମୀମାଂସିତ ରଖିଛି। କିନ୍ତୁ ପ୍ରାଧାନ୍ୟ ବିସ୍ତାର କରୁଥିବା ଦଳକୁ ସର୍ବଦା ବିଜୟ ମିଳେନାହିଁ। ୨୦୧୮ରେ ଇଂଲଣ୍ଡଠାରୁ ୪-୧ରେ ଟେଷ୍ଟ ସିରିଜ୍ ହାରିବା ପରେ ଏକଥା କହିଥିଲେ ବିରାଟ କୋହଲି। ୨୦୨୧-୨୨ ଓ ୨୦୨୫ରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ଖୁବ୍ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଉଭୟ ସିରିଜ୍‌ରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ବିଜୟୀ ହୋଇ ପାରି ନ ଥିଲା। କିନ୍ତୁ ସିରିଜ୍‌ର ତଥ୍ୟକୁ ତର୍ଜମା କଲେ ଜଣାଯାଏ, ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତୀୟ ଖେଳାଳିଙ୍କ ଅନିଚ୍ଛାକୃତ ତ୍ରୁଟି ଓ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଭାଗ୍ୟ ସହାୟ ହେବାରୁ ଭାରତ ଏହି ସିରିଜ୍‌ରେ ବିଜୟୀ ହେବାରୁ ବଞ୍ଚିତ ହୋଇଥିଲା।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ୨୦୧୯ ପରଠାରୁ ଅଷ୍ଟ୍ରେଲିଆ ଓ ଭାରତ ପରି ଶକ୍ତିଶାଳୀ ଦେଶ ବିପକ୍ଷରେ ଇଂଲଣ୍ଡ ଉଭୟ ଘରୋଇ ଓ ବିଦେଶ ମାଟିରେ ୪ଟି ଟେଷ୍ଟ ସିରିଜ୍ ଖେଳିଥିଲେ ମଧ୍ୟ ଗୋଟିଏ ହେଲେ ଜିତିପାରିନାହିଁ। ବର୍ତ୍ତମାନ ଖେଳାଯାଇଥିବା ସିରିଜ୍‌ରେ ଭାରତୀୟ ବ୍ୟାଟର ୩୯.୭୭ ହାରରେ ରନ୍ ସଂଗ୍ରହ କରି ୧୨ଟି ଶତକ ହାସଲ କରିଥିଲେ। ଇଂଲଣ୍ଡ ବ୍ୟାଟର ୩୬.୫୩ ହାରରେ ରନ୍ ସଂଗ୍ରହ କରିବା ସହ ୯ଟି ଶତକ ହାସଲ କରିଥିଲେ। ଭାରତୀୟ ପେସ୍ ବୋଲରମାନେ ୱିକେଟପ୍ରତି ୩୪.୯୫ ଓ ଇଂଲଣ୍ଡ ପେସର ୩୬.୫୩ ହାରରେ ରନ୍ ବ୍ୟୟ କରିଥିଲେ। ଅବଶ୍ୟ ଏହା ସମ୍ଭବ ହୋଇଛି ଇଂଲଣ୍ଡର 'ବାଜ୍‌ବଲ' ନୀତି ଯୋଗୁଁ।

ଯେଉଁ ସିରିଜ୍‌ରେ ଭାରତ ଅନେକ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ଅନିଚ୍ଛାକୃତ ବା ଅନାବଶ୍ୟକ ତ୍ରୁଟି ଯୋଗୁଁ ସଫଳତା ମିଳିନାହିଁ। ନିୟନ୍ତ୍ରଣରେ ଥିବା ବଲ୍‌ରେ ଭାରତୀୟ ବ୍ୟାଟର ୨୨ଥର ଆଉଟ ହୋଇଥିଲାବେଳେ ଇଂଲଣ୍ଡର ମାତ୍ର ୯ଜଣ ଖେଳାଳି ଆଉଟ ହୋଇଛନ୍ତି। ପ୍ରଥମ ଟେଷ୍ଟରେ ଏହିପରି ବଲ୍‌ରେ ଆଉଟ ହୋଇ ଅଧିନାୟକ ଶୁବମନ ଗିଲ୍ ଏହି ଧାରା ଆରମ୍ଭ କରିଥିଲେ। ଏହା ପରେ ଭାରତର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଟେଷ୍ଟରେ ଏକଦା ଭାରତ ୩ ୱିକେଟରେ ୪୩୦ ରନ୍ କରିଥିଲାବେଳେ ଗିଲ୍‌ଙ୍କ ଅନାବଶ୍ୟକ ଆଉଟ ପରେ ଦଳ ୪୭୧ରେ ଅଲଆଉଟ ହୋଇଥିଲା।

### ଡ୍ରପ୍ କ୍ୟାଚ୍‌ରୁ ଇଂଲଣ୍ଡକୁ ଫାଇଦା

ଯେଉଁ ପିଚ୍‌ରେ ବ୍ୟାଟରକୁ ସୁହାଇଥାଏ, ସେଠାରେ ବୋଲରମାନେ ନିଜ ଫିଲ୍ଡରଙ୍କଠାରୁ କିଛି ଅଧିକ ସହାୟତା ଆଶା କରିଥାନ୍ତି। କିନ୍ତୁ ଏହି ଟେଷ୍ଟ ସିରିଜ୍‌ରେ ଠିକ୍ ଓଲଟା ହୋଇଛି। ଭାରତୀୟ ଫିଲ୍ଡରମାନେ ଏହି ସିରିଜ୍‌ରେ ୨୩ଟି ଓ ଇଂଲଣ୍ଡ ଖେଳାଳି ୧୭ଟି କ୍ୟାଚ୍ ଡ୍ରପ୍ କରିଛନ୍ତି। ଯାହା ଫଳରେ ଏମାନେ ୭୧୮ ରନ୍ ଅଧିକ ବ୍ୟୟ କରିଛନ୍ତି। ଭାରତୀୟମାନେ ଡ୍ରପ୍ କ୍ୟାଚ୍‌ରୁ ୫୮୭ ରନ୍ ଉଠାଇଛନ୍ତି। ଜଣେ ବ୍ୟାଟରଙ୍କ ପ୍ରଥମ କ୍ୟାଚ୍ ଡ୍ରପ୍ ହେବା ପରେ ସେ ଯେତିକି ଅଧିକ ରନ୍ ସଂଗ୍ରହ କରିଛନ୍ତି ତାହାକୁ ହିସାବ କରାଯାଇଛି। ଏହି ଡ୍ରପ୍ କ୍ୟାଚ୍ ଯୋଗୁଁ ସର୍ବାଧିକ ଫାଇଦା ମିଳିଛି ଇଂଲଣ୍ଡର ହ୍ୟାରୀ ବ୍ରୁକ୍‌ଙ୍କୁ। ସେ ସିରିଜ୍‌ରେ ୪୮୧ ରନ୍ କରିଥିଲାବେଳେ କ୍ୟାଚ୍ ଡ୍ରପ୍ ଯୋଗୁଁ ୨୪୦ ରନ୍‌ର ଫାଇଦା ପାଇଥିଲେ। ଲିଡ୍ସ ଟେଷ୍ଟରେ ସେ ଖାତା ଖୋଲିବା ପୂର୍ବରୁ ବୁମ୍ରାଙ୍କ ଦ୍ୱାରା ଆଉଟ ହୋଇଥିଲେ। କିନ୍ତୁ ତାହା ନୋ ବଲ ହେବାରୁ ୯୯ ରନ୍ କରିଥିଲେ। ଏହି କ୍ୟାଚ୍ ଡ୍ରପ୍‌ରୁ ଜେମି ସ୍ମିଥ୍ ୧୩୦, ଓଲି ପୋପ୍ ୧୨୩ ରନ୍ ଅଧିକ କରିଥିଲେ। ଭାରତୀୟମାନେ ମଧ୍ୟ ଶେଷ ୨ଟି ଟେଷ୍ଟରୁ ଡ୍ରପ୍ କ୍ୟାଚ୍ ଯୋଗୁ ଫାଇଦା ଉଠାଇଥିଲେ। ମାଞ୍ଚେଷ୍ଟରରେ ରବୀନ୍ଦ୍ର ଜାଡେଜା, ଓଭାଲ ଟେଷ୍ଟରେ ୨ଥର ଯଶସ୍ୱୀ ଜୟସ୍ୱାଲଙ୍କ କ୍ୟାଚ୍ ଡ୍ରପ୍ ହେବା ପରେ ଶତକ ହାସଲ କରିଥିଲେ। ଶେଷ ଟେଷ୍ଟରେ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ଆସି ଆକାଶଦୀପ ୬୬ ରନ୍ କରିଥିଲେ। କିନ୍ତୁ ସେ ୨୧ ରନ୍ କରିଥିଲାବେଳେ ତାଙ୍କ ପ୍ରଥମ କ୍ୟାଚ୍ ଡ୍ରପ୍ ହୋଇଥିଲା। ସିରିଜ୍‌ରେ ଗିଲ୍ ୭୫୪ ରନ୍ କରିଥିଲେ ମଧ୍ୟ କ୍ୟାଚ୍ ଡ୍ରପ୍ ପରେ ମାତ୍ର ୫୭ ରନ୍ କରିଥିଲେ।


ଏହି ଟେଷ୍ଟର ଦ୍ୱିତୀୟ ଇନିଂସରେ ଉପଅଧିନାୟକ ଋଷଭ ପନ୍ତ ଦମ୍‌ର ସହ ବ୍ୟାଟିଂ କରୁଥିଲାବେଳେ ପ୍ରତିପକ୍ଷ ସୋଏବ ବସିରଙ୍କୁ ଅନାବଶ୍ୟକ ସଟ୍ ମାରି ଆଉଟ ହୋଇଥିଲେ। ଯାହା ଫଳରେ ଭାରତ ଏକଦା ୩ ୱିକେଟରେ ୨୮୭ ରନ୍ କରିଥିଲାବେଳେ ୩୬୪ରେ ଅଲଆଉଟ ହୋଇଥିଲା। ଲର୍ଡ୍ସରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଋଷଭ ପନ୍ତ ଲଞ୍ଚ ପୂର୍ବରୁ ଅନାବଶ୍ୟକ ଭାବେ ରନ୍ ଆଉଟ ହେବା, ସୋଏବ ବସିରଙ୍କ ବଲରେ ମହମ୍ମଦ୍ ସିରାଜ ଭଲ ଖେଳିବା ପରେ ମଧ୍ୟ ପ୍ଲେଡ ଅନ୍ ହେବା ଭାରତୀୟ ଖେଳାଳିଙ୍କ ଦ୍ୱାରା ହୋଇଥିବା ଅନିଚ୍ଛାକୃତ ତ୍ରୁଟି ମଧ୍ୟରେ ଅନ୍ୟତମ। ଯେଉଁ ସିରିଜ୍‌ରେ ୨ଟି ଟେଷ୍ଟ ୨୫ରୁ କମ୍ ରନ୍ ମଧ୍ୟରେ ଫଳାଫଳ ମିଳିଛି, ସେଠାରେ ଏଭଳି ଅନିଚ୍ଛାକୃତ ଓ ଅନାବଶ୍ୟକ ତ୍ରୁଟିରୁ ପ୍ରତିପକ୍ଷ ଦଳକୁ ଫାଇଦା ମିଳିଛି। ଭାରତ ପ୍ରାଧାନ୍ୟ ବିସ୍ତାର କରି ମଧ୍ୟ ସିରିଜ୍ ଜିତିବାରେ ସମର୍ଥ ହୋଇନାହିଁ।

## ଦୁଲୀପ୍ ଟ୍ରଫିରୁ ଘରୋଇ କ୍ରିକେଟ ସିଜନ ଆରମ୍ଭ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତରେ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦୁଲୀପ ଟ୍ରଫିରୁ ଆରମ୍ଭ ହେବ। ଏହା ମଧ୍ୟରେ ବେଙ୍ଗାଲୁରୁରେ ଅଗଷ୍ଟ ୨୮ରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆନ୍ତଃଜୋନ୍ ନକ୍ଆଉଟ ଭିତ୍ତିରେ ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୧୫ରେ ଶେଷ ହେବା ପରେ ଅକ୍ଟୋବର ୧ରୁ ୫ ତାରିଖଯାଏ ଇରାନି କପ୍ ଖେଳାଯିବ। ରଣଜୀ ଟ୍ରଫି ଚାମ୍ପିଅନ ବିଦର୍ଭ ଓ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଏହି ୫ ଦିନିଆ ମ୍ୟାଚ୍ ଖେଳାଯିବ। ଏହା ପରେ ଆରମ୍ଭ ହେବ ଘରୋଇ କ୍ରିକେଟର ସବୁଠାରୁ ବଡ଼ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି। ଗତବର୍ଷ ଭଳି ଏଥର ମଧ୍ୟ ଦୁଇଟି ପର୍ଯ୍ୟାୟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଏଲିଟ କାଟାଗୋରୀର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୧୫ରୁ ନଭେମ୍ବର ୧୯ଯାଏ ଆରମ୍ଭ ହେବ। ଏଲିଟ ରଣଜୀ ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଜାନୁଆରୀ ୨୨ରୁ ଫେବୃଆରୀ ୧ ଯାଏ ଖେଳାଯିବ। ଫେବୃଆରୀ ୬ରୁ ୨୯ ମଧ୍ୟରେ ରଣଜୀ ନକ୍ଆଉଟ ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ରଣଜୀ ପ୍ଲେଟ୍ ଲିଗ୍‌ର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୧୫ରୁ ନଭେମ୍ବର ୧୯ ଖେଳାଯିବ। ଜାନୁଆରୀ ୨୨ରୁ ୨୬ ତାରିଖ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

ନଭେମ୍ବର ୧୯ରୁ ଜାନୁଆରୀ ୨୨ ମଧ୍ୟରେ ସୀମିତ ଓଭର ଫର୍ମାଟର ଦୁଇଟି ବଡ଼ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହା ମଧ୍ୟରୁ ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟ ନଭେମ୍ବର ୨୬ରୁ ଆରମ୍ଭ ହୋଇ ଡିସେମ୍ବର ୧୮ରେ ଶେଷ ହେବ। ଏହା ପରେ ବିଜୟ ହଜାରେ ଟ୍ରଫି ଲିଷ୍ଟ-ଏ' (ଦିନିକିଆ ଫର୍ମାଟ) ଡିସେମ୍ବର ୨୪ରୁ ଆରମ୍ଭ ହୋଇ ଜାନୁଆରୀ ୧୮ରେ ଶେଷ ହେବ। ରଣଜୀ ଟ୍ରଫି ଭଳି କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି ମଧ୍ୟ ୨ଟି ପର୍ଯ୍ୟାୟରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟ ଖେଳ ଅକ୍ଟୋବର ୧୬ରୁ ନଭେମ୍ବର ୫, ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୨୩ରୁ ଫେବୃଆରୀ ୨ ଓ ନକ୍ଆଉଟ ପର୍ଯ୍ୟାୟ ଫେବୃଆରୀ ୨୧ରୁ ମାର୍ଚ୍ଚ ୧୨ଯାଏ ଅନୁଷ୍ଠିତ ହେବ। ଏହାରି ମଧ୍ୟରେ ଜୁନିଅର ବିଭାଗ ଖେଳାଯିବ।

## ୧୯ ବର୍ଷରୁ କମ୍ ଅଷ୍ଟ୍ରେଲୀୟ ଦଳରେ ଦୁଇ ଭାରତୀୟ ବଂଶୋଦ୍ଭବ ଆର୍ଯ୍ୟନ ଓ ଯଶ୍






ମେଲବୋର୍ଣ୍ଣ,୮।୮ (ଏଜେନ୍ସି): ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳ ଏକ ମଲ୍ଟିପଲ ଫର୍ମାଟରେ ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ସେପ୍ଟେମ୍ବର ୨୧ରୁ ଆରମ୍ଭ ହେବାକୁ ଥିବା ଏହି ଗସ୍ତ ଲାଗି ଟିମ୍ ନେଲସନଙ୍କ ପ୍ରଶିକ୍ଷଣରେ ଅଷ୍ଟ୍ରେଲିଆ ଜୁନିଅର ଦଳ ପ୍ରସ୍ତୁତି ଆରମ୍ଭ କରିଛି। ପ୍ରଥମ ଦଫାରେ ଏହି ଟୁର ଲାଗି ଏକ ୧୫ ଜଣିଆ ୧୯ ବର୍ଷରୁକମ୍ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆର୍ଯ୍ୟନ ଶର୍ମା ଓ ଯଶ ଦେଶମୁଖ। ଅଷ୍ଟ୍ରେଲିଆର ଘରୋଇ କ୍ରିକେଟରେ ସଫଳତା ପାଇବା ପରେ ଏମାନଙ୍କୁ ଜାତୀୟ ଦଳରେ ସାମିଲ କରାଯାଇଛି। ଭିକ୍ଟୋରିଆ ପକ୍ଷରୁ ଖେଳୁଥିବା ଆର୍ଯ୍ୟନ ଜଣେ ଟପ୍ ଅର୍ଡର ବ୍ୟାଟର। ସେହିପରି ଦେଶମୁଖ ଜଣେ ପେସ୍ ବୋଲିଂ ଅଲରାଉଣ୍ଡର। ଏବେ ଅଷ୍ଟ୍ରେଲୀୟ କ୍ରିକେଟରେ ଭାରତୀୟ ବଂଶୋଦ୍ଭବ ଖେଳାଳି ସ୍ଥାନ ପାଉଛନ୍ତି। ଲେଗ୍ ସ୍ପିନର ତନବୀର ସାଙ୍ଗା ଏବେ ଅଷ୍ଟ୍ରେଲିଆ-ଏ ଦଳର ନେତୃତ୍ୱ ନେଇଥିଲେ। ଏଣୁ ଅଷ୍ଟ୍ରେଲିଆରେ ମଧ୍ୟ ଅନ୍ୟ ଦେଶର ଖେଳାଳିଙ୍କୁ ସ୍ଥାନ ମିଳୁଛି। ଏହି ଗସ୍ତରେ ୩ଟି ଦିନିକିଆ ଓ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ଦୁଷ୍କର୍ମ ଅଭିଯୋଗରେ ପାକିସ୍ତାନୀ କ୍ରିକେଟର ହାଇଦର୍ ଅଲି ଗିରଫ

ଲଣ୍ଡନ,୮।୮ (ଏଜେନ୍ସି): ବ୍ରିଟେନର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ପାକିସ୍ତାନର ଜଣେ ପ୍ରତିଷ୍ଠିତ ଟି-୨୦ କ୍ରିକେଟ ଖେଳାଳି ହାଇଦର ଅଲିଙ୍କୁ ମାଞ୍ଚେଷ୍ଟର ଗ୍ରେଟର ପୁଲିସ୍ ଗିରଫ୍ କରିଛି। ହାଇଦର ଏବେ ଜେଲ୍‌ରେ ଥିଲାବେଳେ ଅଗଷ୍ଟ ୪ ତାରିଖ ଦିନ ତାଙ୍କୁ ଗିରଫ କରାଯାଇଥିଲା। ପାକିସ୍ତାନ-ଏ' ଦଳର ଇଂଲଣ୍ଡ ଗସ୍ତବେଳେ ମାଞ୍ଚେଷ୍ଟରର ଏକ ସ୍ଥାନରେ ଏହି ଘଟଣା ଗତ ଜୁଲାଇ ୨୩ରେ ଘଟିଥିଲା। ଗିରଫ୍ ହେବା ପରେ ହାଇଦରଙ୍କୁ ପାକିସ୍ତାନ କ୍ରିକେଟ ବୋର୍ଡ ସସ୍‌ପେଣ୍ଡ କରିଛି। ବିଚାର ଶେଷ ନ ହେବା ଯାଏ ଏହା ବଳବତ୍ତର ରହିବ। ୨୦୨୦ରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ହାଇଦର ପାକିସ୍ତାନ ସିନିଅର ଟିମ୍ ପକ୍ଷରୁ ୩୫ଟି ଟି-୨୦ ଓ ୨ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି।



### କାନାଡ଼ିଆନ୍ ଓପନ ଟେନିସ

## ଓସାକାଙ୍କୁ ହରାଇ ବୋକୋ ଚାମ୍ପିଅନ



ଟରଣ୍ଟୋ,୮।୮ (ଏଜେନ୍ସି): କାନାଡାର ଟିନ୍ ଏଜ୍ ଖେଳାଳି ଭିକ୍ଟୋରିଆ ବୋକୋ ୪ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ନାଓମି ଓସାକାଙ୍କୁ ପରାସ୍ତ କରି କାନାଡିଆନ୍ ଓପନ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଗୁରୁବାର ରାତିରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ସେଟ ୨-୬ରେ ହାରିବା ପରେ ୧୮ ବର୍ଷିଆ ବୋକୋ ପରବର୍ତ୍ତୀ ୨ଟି ସେଟ୍‌କୁ ୬-୪, ୬-୧ ରେ ଜିତିବା ସହ ଟାଇଟଲ କବ୍‌ଜା କରିଥିଲେ। ଏବେ ବିଶ୍ୱରେ ୮୫ ନମ୍ବର ଖେଳାଳି ହୋଇଥିବା ବୋକୋଙ୍କ କ୍ୟାରିୟରରେ ଏହା ପ୍ରଥମ ଡବ୍ଲ୍ୟୁଟିଏ ୧୦୦୦ ଟାଇଟଲ। ବୋକୋ ମଧ୍ୟ କାନାଡାର ପ୍ରଥମ ଖେଳାଳି ଭାବେ ଓପନ ଏରାରେ ୩ଜଣ ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ସୋଫିଆ କେନିନ, କୋକୋ ଗଫ୍ ଓ ଏଲେନା ରିବାକିନାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

## ଡେଭନ-୧୫୩, ହେନରୀ-୧୫୦*, ରାଚିନ-୧୬୫*

## ନ୍ୟୁଜିଲାଣ୍ଡ ୬୦୧/୩

ବୁଲାୱାୟୋ,୮।୮ (ଏଜେନ୍ସି): ଓପନର ଡେଭନ କନୱେଙ୍କ ୧୫୩, ହେନରୀ ନିକୋଲସଙ୍କ ୧୫୦ ଓ ରାଚିନ ରବୀନ୍ଦ୍ରଙ୍କ ୧୬୫ ରନ୍ ସହାୟତାରେ ଏଠାରେ ଜିମ୍ବାୱେ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୩ ୱିକେଟରେ ୬୦୧ ରନ୍‌ର ବିଶାଳ ସ୍କୋର ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅବିଭକ୍ତ ୪ର୍ଥ ୱିକେଟ ଯୋଡିରେ ୨୫୬ ରନ୍ ଉଠାଇଥିବା ହେନରୀ ଓ ରାଚିନ ଅପରାଜିତ ଅଛନ୍ତି। ପୂର୍ବରୁ ଜିମ୍ବାୱେ ପ୍ରଥମ ଇନିଂସରେ ମାତ୍ର ୧୨୫ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଫଳରେ ୩ ଦିନ ଖେଳ ବାକିଥିଲାବେଳେ ୪୭୬ ରନ୍‌ରେ ନ୍ୟୁଜିଲାଣ୍ଡ ଆଗୁଆ ରହିଛି।

## ଘାନା ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନରେ ଭାଗନେବେ କିଟ୍‌ର ଅବିନାଶ



ଭୁବନେଶ୍ୱର,୮।୮ (ସମିସ): ଓଡ଼ିଶା ତଥା କିଟ୍‌ର ଛାତ୍ର ଅବିନାଶ ମହାନ୍ତି ଭାରତ ପକ୍ଷରୁ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ମନୋନିତ ହୋଇଛନ୍ତି। ଘାନାରେ ଅଗଷ୍ଟ ୧୧ରୁ ୧୭ ଯାଏ ଜେଇ ୱିଲସନ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଅବିନାଶ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବେ। ନିକଟରେ ଜର୍ମାନୀରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ ବୋଲି କିଟ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଲଣ୍ଡନରେ କୋହଲିଙ୍କ ଅଭ୍ୟାସ



ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ସୁପରଷ୍ଟାର ବିରାଟ କୋହଲି ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଲଣ୍ଡନରେ ବସବାସ କରୁଥିବା ଆଇପିଏଲ୍ ଟିମ୍ ଗୁଜରାଟ ଟାଇଟନ୍ସର ଆସିଷ୍ଟାଣ୍ଟ କୋଚ୍ ନଇମ ଅମିନଙ୍କ ତତ୍ତ୍ୱାବଧାନରେ ସେ ଶୁକ୍ରବାର ଅଭ୍ୟାସ କରିଥିଲେ। ଧୂସର ରଙ୍ଗର ଏକ ଟି-ସାର୍ଟ ପିନ୍ଧି ବ୍ୟାଟିଂ ଅଭ୍ୟାସ କରୁଥିବା ଦେଖାଯାଇଥିଲା। ନଇମ ଅମିନ ସହାୟତା କରିଥିବାରୁ କୋହଲି ସାମାଜିକ ଗଣମାଧ୍ୟମରେ ତାଙ୍କୁ ଧନ୍ୟବାଦ ଦେବାକୁ ପଛାଇ ନ ଥିଲେ। ଏବେ ଭାରତ ସେପ୍ଟେମ୍ବର ୯ରୁ ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳିବ। କିନ୍ତୁ କୋହଲି ଟି-୨୦ରୁ ଅବସର ନେଇସାରିଥିବାରୁ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିପାରିବେ ନାହିଁ। କିନ୍ତୁ ଭାରତୀୟ ଦଳ ତାହାର ପରବର୍ତ୍ତୀ ଦିନିକିଆ ସିରିଜ୍ ଅଷ୍ଟ୍ରେଲିଆ ସହ ଅକ୍ଟୋବର ୧୯ରୁ ୨୫ ଯାଏ ଖେଳିବ। ଏହି ସିରିଜ୍‌ରେ ସେ ଦଳରେ ସାମିଲ ହେବେ ବୋଲି ଆଶା କରାଯାଉଛି। ଅଗଷ୍ଟରେ ବାଂଲାଦେଶ ସହ ଭାରତର ଦିନିକିଆ କ୍ରିକେଟ ଖେଳିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏହି ଗସ୍ତ ବାତିଲ ହେବାରୁ କୋହଲିଙ୍କ ଫେରିବା ବିଳମ୍ବିତ ହୋଇଛି। କୋହଲି ଏବେ ଦମ୍‌ର ସହ ଅଭ୍ୟାସ କରୁଥିବା ଦେଖାଯାଇଛି।


## ୱାର୍ଲ୍ଡ ଆଥ୍‌ଲେଟିକ୍ କଣ୍ଟିନେଣ୍ଟାଲ୍ ଟୁର୍ ଲାଗି କଳିଙ୍ଗ ପ୍ରସ୍ତୁତ

ଭୁବନେଶ୍ୱର, ୮।୮ (ସମିସ):

ଆଉ ଗୋଟିଏ ଦିନ ପରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି ଦିନିକିଆ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ୍) ପ୍ରତିଯୋଗିତା। ଆଥ୍‌ଲେଟିକ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏହି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଏସିଆନ୍ କପ୍ ଆଥଲେଟିକ୍ସ ପରେ ଏହା ଦ୍ୱିତୀୟ ଅନ୍ତର୍ଜାତୀୟ ଇଭେଣ୍ଟ। ଏଣୁ ଏହାକୁ କିପରି ସଫଳତାର ସହ ଆୟୋଜନ କରାଯାଇପାରିବ ସେଥିଲାଗି ଆୟୋଜକମାନେ ଜୋରସୋର ଉଦ୍ୟମ ଚଳାଇଛନ୍ତି। ଏହି ଇଭେଣ୍ଟର ସଫଳତା ବଳରେ କଳିଙ୍ଗରେ ଅଧିକ ଅନ୍ତର୍ଜାତୀୟ ଆଥ୍‌ଲେଟିକ ପ୍ରତିଯୋଗିତା ଆୟୋଜିତ ହେବାର ରାସ୍ତା ପରିଷ୍କାର ହେବ। କଳିଙ୍ଗରେ ଏକାଧିକ ଅନ୍ତର୍ଜାତୀୟ ପ୍ରତିଯୋଗିତା, ବିଶେଷ କରି ହକି ଖେଳରେ ଦୁଇଥର ବିଶ୍ୱକପ୍ ସଫଳତାର ସହ ଆୟୋଜିତ ହେବା ପରେ ଏହି ଷ୍ଟାଡିୟମର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି। କ୍ରିକେଟକୁ ବାଦ୍ ଦେଇ ଅନେକ ଅଲିମ୍ପିକ୍ ଖେଳରେ ଏଠାରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

ରବିବାର ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ୧୫ଟି ଦେଶରୁ ୧୬୦ଜଣ କ୍ରୀଡ଼ାବିତ ପଞ୍ଜିକରଣ କରିଛନ୍ତି। ଶୁକ୍ରବାର ଦ୍ୱିତୀୟ ସର୍ବାଧିକ ପ୍ରତିଯୋଗୀ ୧୩ ଜଣଙ୍କୁ ନେଇ ନେପାଳ ଦଳ ଏଠାରେ ପହଞ୍ଚିଛନ୍ତି। ସେମାନଙ୍କୁ ଭବ୍ୟସ୍ୱାଗତ ଦିଆଯାଇ ହୋଟେଲରେ ରଖାଯାଇଛି। ଅନ୍ୟ ଦେଶର କିଛି ପ୍ରତିଯୋଗୀ ମଧ୍ୟ ଏଠାରେ ପହଞ୍ଚିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରତିଯୋଗୀ ଆଜି କଳିଙ୍ଗ ଷ୍ଟାଡିୟମ୍ ବୁଲି ଦେଖିଛନ୍ତି। ଏମାନେ ଷ୍ଟାଡିୟମ୍‌ରେ ଥିବା ସୁବିଧା ସୁଯୋଗର ଭୂୟସୀ ପ୍ରଶଂସା କରିଛନ୍ତି। ଭାରତୀୟ ଆଥଲେଟିକ୍ସର ଦୁଇ ବରିଷ୍ଠ ସଂଗଠକ ଆଦିଲ ସୁମରିୱାଲା ଓ ଲଳିତ ଭାନୋଟ ଟୁର୍ଣ୍ଣାମେଣ୍ଟ ଆୟୋଜନର ତଦାରଖ କରୁଛନ୍ତି। ଯୁବ ପିଢ଼ିର ଆୟୋଜକ ତଥା ବାହାଦୁର ସିଂହ ସାଗୋ, ସନ୍ଦୀପ ମେହେଟା ଓ ଟେକ୍ନିକାଲ ଏକ୍ସପର୍ଟ ଷ୍ଟାନ୍‌ଲୀ ବି ଜୋନ୍ସ ଏଠାରେ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବେ ଆୟୋଜନର ପ୍ରସ୍ତୁତି ଚଳାଇଛନ୍ତି। ଅଢ଼େଇ ଘଣ୍ଟାର ସମୟ ଅବଧି ମଧ୍ୟରେ ୧୯ ଗୋଟି ଇଭେଣ୍ଟ ଆୟୋଜିତ ହେବ। ଭାରତ ପରେ ନେପାଳରୁ ସର୍ବାଧିକ ୧୩ଜଣ, ଶ୍ରୀଲଙ୍କାର ୧୦ଜଣ, ମାଲେସିଆର ୯ଜଣ, ଦକ୍ଷିଣ ଆଫ୍ରିକା ଓ ଗ୍ରେଟ୍ ବ୍ରିଟେନରୁ ୪ଜଣ ଲେଖାଏ ଆଥ୍‌ଲେଟ୍ ଏଥିରେ ଅଂଶଗ୍ରହଣ କରିବେ। ଓଡ଼ିଆ ଆଥ୍‌ଲେଟଙ୍କ ମଧ୍ୟରେ ଜାଭେଲିନ୍ ଫିଙ୍ଗାଳି କିଶୋର ଜେନା, ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ, ଲାଲୁପ୍ରସାଦ ଭୋଇଙ୍କଠାରୁ ପଦକ ଆଶା କରାଯାଉଛି। ଓଡ଼ିଶାରେ ଥିବା ହାଇପର୍ଫର୍ମାନ୍ସ ଆଥଲେଟିକ୍ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ଛତିଶଗଡ଼ର ଅନିମେଶ କୁଜୁରଙ୍କ ଉପରେ ଅନେକ ଭରସା ରହିଛି। ଅନିମେଶ ଏବେ ଓଡ଼ିଶାର ଘରେ ଘରେ ପରିଚିତ ହୋଇସାରିଛନ୍ତି।


ଅନିମେଶ କୁଜୁର


ଶ୍ରାବଣୀ ନନ୍ଦ

### ଆୟୋଜିତ ହେବାକୁ ଥିବା ଇଭେଣ୍ଟ

**ପୁରୁଷ:** ୧୦୦, ୨୦୦, ୪୦୦, ୮୦୦ ଓ ୫୦୦୦ ମିଟର, ଲଙ୍ଗ୍ ଜମ୍ପ୍, ଟ୍ରିପଲ ଜମ୍ପ, ଜାଭେଲିନ୍ ଥ୍ରୋ ଓ ୪ ଗୁଣା ୪୦୦ ମିଟର ରିଲେ।

**ମହିଳା:** ୧୦୦, ୨୦୦, ୪୦୦, ୮୦୦ ଓ ୫୦୦୦ ମିଟର, ୧୦୦ ମିଟର ହର୍ଡଲ୍ସ, ଲଙ୍ଗ୍ ଜମ୍ପ୍, ଜାଭେଲିନ୍ ଥ୍ରୋ ଓ ୪ ଗୁଣା ୪୦୦ ମିଟର ରିଲେ।

**ମିକ୍ସଡ:** ୪ ଗୁଣା ୪୦୦ ମିଟର ରିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS